

ଦଲୀପ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳରେ ସନ୍ଦୀପ
ପୃଷ୍ଠା ୬


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 133 | ଭାଗ ୩୩ | ସଂଖ୍ୟା ୧୩୩ | Bhubaneswar | Sunday 3 August 2025 | Page 8 Rs. 5.00 | ● ଭୁବନେଶ୍ୱର ରବିବାର ୩ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ହାରିଗଲେ ବଲଙ୍ଗା ପୀଡ଼ିତା



- ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ
- ରାଜନୀତି ନ କରିବାକୁ ପିତାଙ୍କ ନିବେଦନ
- ଆଜି ଆସିବ ମୃତଦେହ
- ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ସବୁ ପ୍ରୟାସ ବ୍ୟର୍ଥ ହେଲା। ଶତ ପ୍ରୟାସ ସତ୍ତ୍ୱେ ଶେଷରେ ଆଖି ବୁଜିଲେ ୧୫ ବର୍ଷୀୟା ବଲଙ୍ଗା ପୀଡ଼ିତା। ଅର୍ଦ୍ଧଦଗ୍ଧ ଅବସ୍ଥାରେ ନୂଆଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସିତ ହେଉଥିବା ଏହି ନାବାଳିକା ଶନିବାର ପ୍ରାଣ ହରାଇଥିବା ଡାକ୍ତର କହିଛନ୍ତି। ଏଭଳି ଖବର ରାଜ୍ୟବାସୀଙ୍କୁ ବିଚଳିତ କରିଥିବା ବେଳେ ମୁଖ୍ୟମନ୍ତ୍ରୀ



ମୋହନ ଚରଣ ମାଝୀ ଏନେଇ ଦୁଃଖ ପ୍ରକାଶ କରିଛନ୍ତି। ସେ ସୋସିଆଲ ମିଡିଆ 'ଏକ୍ସ'ରେ କହିଛନ୍ତି ଯେ, ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଖବର ମୋତେ ମର୍ମାହତ କରିଛି। ସରକାରଙ୍କ ସମସ୍ତ ପ୍ରୟାସ ଓ ସ୍ୱତନ୍ତ୍ର ଡାକ୍ତରୀ ଦଳର ଶତଚେଷ୍ଟା ସତ୍ତ୍ୱେ କିଛି ସୁଫଳ ମିଳିଲା ନାହିଁ। ତେବେ ପୀଡ଼ିତାଙ୍କ ଅମର ଆତ୍ମାକୁ ସଦ୍‌ଗତି ମିଳୁ ଓ ତାଙ୍କ ପରିବାରକୁ ଏପରି ଏକ ଦୁଃଖଦ ଘଟଣାର ସମ୍ମୁଖୀନ ହେବା ସକାଶେ ଭଗବାନ ଶକ୍ତି ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରାର୍ଥନା କରିଛନ୍ତି।

ଏହାଛଡ଼ା ଉପମୁଖ୍ୟମନ୍ତ୍ରୀ ତଥା ନିମାପଡ଼ା ବିଧାୟିକା ପ୍ରଭାତୀ ପରିଡ଼ା ମଧ୍ୟ ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଏକ ଅଭାବନୀୟ ତଥା ଦୁର୍ଭାଗ୍ୟଜନକ ଅଘଟଣ ପରେ ପୃଷ୍ଠା-୬

### ବାରଣାସୀରେ ମୋଦି, ଓଡ଼ିଶାରେ ମୋହନ ବାଣ୍ଟିଲେ ପିଏମ୍ କିଷାନ୍ କିସ୍ତି

## ସାମିଲ ହେବେ ସବୁ ଯୋଗ୍ୟ ଚାଷୀ

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପିଏମ କିଷାନ ସମ୍ମାନ ନିଧି କାର୍ଯ୍ୟକ୍ରମରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ରାଜ୍ୟର ଚାଷୀମାନଙ୍କୁ ପିଏମ୍ କିଷାନ ସହାୟତା ରାଶିର ୨୦ତମ କିସ୍ତି ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତରପ୍ରଦେଶର ବାରଣାସୀଠାରେ ପିଏମ୍ କିଷାନର କିସ୍ତି ବାବଦରେ ଦେଶର ୯.୭ କୋଟି ଚାଷୀଙ୍କୁ ୨ ହଜାର ଟଙ୍କା ହିସାବରେ ମୋଟ ୨୦ ହଜାର ୫୦୦ କୋଟି ଟଙ୍କା ପ୍ରଦାନ କରିଛନ୍ତି। ଇତ୍ୟବସରରେ ଭୁବନେଶ୍ୱର ଉପକଣ୍ଠସ୍ଥିତ ଆଇସିଏଆର୍-ସିଫାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାୟ ୩୪ ଲକ୍ଷ ୮୫ ହଜାରରୁ ଊର୍ଦ୍ଧ୍ୱ କୃଷକଙ୍କୁ ଏହି ସହାୟତା ରାଶି ପ୍ରଦାନ କରିଛନ୍ତି ଏବଂ ସମସ୍ତ



- ଓଡ଼ିଶାର ୩୫ ଲକ୍ଷ କୃଷକଙ୍କୁ ୬୯୭ କୋଟିର ସହାୟତା
- ପ୍ରେରଣା ଯୋଗାଇବ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ

ଯୋଗ୍ୟ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ମୋଟ ୬୯୭ କୋଟି ଟଙ୍କା ପ୍ରଦାନ କରାଯାଇଛି।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ଲୋକଙ୍କ ସରକାର ଏବଂ ଚାଷୀଙ୍କ ସରକାର। ଆମ ସରକାର ମାତ୍ର ବର୍ଷକ ମଧ୍ୟରେ ଆପଣମାନଙ୍କ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଆପଣମାନେ ଏହାର ସୁଫଳ ମଧ୍ୟ ପାଉଛନ୍ତି। ସିଏମ୍ କିଷାନରେ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପିଏମ କିଷାନ ଯୋଜନାର ୨୦ତମ କିସ୍ତି ଗତ ଏପ୍ରିଲରୁ ଜୁଲାଇ ପାଇଁ ପ୍ରଦାନ କରାଯାଉଛି। ଏହି ଅର୍ଥ ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର୍ ହେଉଛି। ଏହି ପୃଷ୍ଠା-୬

## ସେପ୍ଟେମ୍ବର ୬କୁ ଘୁଞ୍ଚିଲା ମହାନଦୀ ବିବାଦ ଶୁଣାଣି

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଦୀର୍ଘଦିନ ଧରି ଚାଲିଥିବା ମହାନଦୀ ଜଳ ବିବାଦର ବିଚାର



### ଆଗକୁ ବଢ଼ିଛି ସଚିବ ସ୍ତରୀୟ ଆଲୋଚନା

ଟ୍ରିବ୍ୟୁନାଲ୍‌ରେ ବିଚାରାଧୀନ ଥିବା ବେଳେ ଆଜି ଏହାର ଶୁଣାଣି ଥିଲା। ତେବେ ଏହାକୁ ଆସନ୍ତା ୬ ତାରିଖରେ କରାଯିବା ସକାଶେ ଟ୍ରିବ୍ୟୁନାଲ୍ ନିଷ୍ପତ୍ତି ନେଇଛନ୍ତି। ଏ ସଂକ୍ରାନ୍ତରେ ଓଡ଼ିଶା ମହାଲେଖାକାର ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ୍ ମାମଲାର ବିଚାର। ଆସନ୍ତା ସେପ୍ଟେମ୍ବର ୬ ତାରିଖକୁ ଘୁଞ୍ଚାଇ ଦେଇଛନ୍ତି। ଏହି ବିବାଦର ସମାଧାନ ପାଇଁ ଉଭୟ ରାଜ୍ୟର ସଚିବ ସ୍ତରୀୟ ଆଲୋଚନା ସହ ରାଜନୈତିକ ସ୍ତରରେ ହୋଇଥିବା ଆଲୋଚନାରେ ମଧ୍ୟ ପୂର୍ବାପେକ୍ଷା ଯଥେଷ୍ଟ ଅଗ୍ରଗତି ଘଟିଛି। ଏଥିସହ ଉଭୟ ପକ୍ଷ ପାରସ୍ପରିକ ବୁଝାମଣା ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ମଧ୍ୟ ଆନ୍ତରିକତା ପ୍ରଦର୍ଶନ ପୃଷ୍ଠା-୬

### ମୋହନଙ୍କୁ ଚିଠି ଲେଖିଲେ ବିଷ୍ଣୁ

#### ଆପୋଷ ବୁଝାମଣା ପ୍ରସ୍ତାବ ବିଚାରାଧୀନ ରହିଛି



**ରାୟପୁର:** ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ଆଜି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଚିଠି ଲେଖିଛନ୍ତି। ଉକ୍ତ ଚିଠିରେ ଶ୍ରୀ ସାଏ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ ପୂର୍ବରୁ ଶ୍ରୀ ମାଝୀ ତାଙ୍କୁ ଲେଖିଥିବା ଚିଠିରେ ଆପୋଷ ସମାଧାନ ପାଇଁ ଦେଇଥିବା ପ୍ରସ୍ତାବ ଉପରେ ବିଚାର ବିମର୍ଶ ଚାଲିଛି ବୋଲି ସ୍ପଷ୍ଟ କରିଛନ୍ତି। ଶ୍ରୀ ସାଏ ଗତକାଲି ଏହି ଚିଠି ଲେଖିଥିବା ବେଳେ ଏଥିରେ ସେ ଦର୍ଶାଇଛନ୍ତି ଯେ ଶ୍ରୀ ମାଝୀଙ୍କ ଚିଠି ଗତ ୨୫ ତାରିଖରେ ସେ ପାଇଛନ୍ତି। ଏଥିରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ଶ୍ରୀ ମାଝୀ କରିଥିବା ନିବେଦନକୁ ଗ୍ରହଣ କରିଥିବା ଶ୍ରୀ ସାଏ ଦର୍ଶାଇଛନ୍ତି। ଉଭୟ ରାଜ୍ୟ ମଧ୍ୟରେ ଦୀର୍ଘ ବର୍ଷ ଧରି ଚାଲିଥିବା ଏହି ବିବାଦର ସମାଧାନ ଆପୋଷ ବୁଝାମଣା ମାଧ୍ୟମରେ କରିବା ସକାଶେ ଶ୍ରୀ ମାଝୀ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖିଥିଲେ।

### ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ମନ୍ତବ୍ୟକୁ ମୋଦିଙ୍କ କଡ଼ା ପ୍ରହାର

## ଏଣିକି ସ୍ୱଦେଶୀ ଉତ୍ପାଦକୁ ଗୁରୁତ୍ୱ ଦିଆଯିବ

**ଲକ୍ଷ୍ନୌ,୨।୮:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ ଅର୍ଥନୀତି' ଟିପ୍ପଣୀ ସହ ଭାରତ ଉପରେ ୨୫% ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ନେଇ ଦେଶବ୍ୟାପୀ ତୀବ୍ର ସମାଲୋଚନା କରାଯାଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ନାଗରିକ ଓ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ସ୍ୱଦେଶୀ ଉତ୍ପାଦ ଉପରେ ଗୁରୁତ୍ୱ ଦେବା ଲାଗି ଶନିବାର ଅପିଲ କରିଛନ୍ତି। ଟ୍ରମ୍ପଙ୍କୁ ପରୋକ୍ଷରେ ସେ ଜବାବ ଦେବା ସହ ପ୍ରତିଟି ଭାରତୀୟ ଏନେଇ ସତର୍କ ରହିବାକୁ ସେ କହିଛନ୍ତି। ବାରାଣସୀରେ ୨୨ ଶହ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ପରେ ଜନତାଙ୍କୁ



ଉଦବୋଧନ ଦେଇ ସ୍ୱଦେଶୀ ନୀତି ଆପଣାଇବା ଲାଗି ପରାମର୍ଶ ଦେଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ଅର୍ଥନୈତିକ ଅସ୍ଥିରତା ଲାଗିରହିଥିବା ବେଳେ ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତି ହେବାକୁ ଯାଉଛି। ଏଥିଲାଗି ଆମକୁ ଆର୍ଥିକ କ୍ଷେତ୍ରରେ ସତର୍କତାର ସହ କାମ କରି ସ୍ୱଦେଶୀ ଦ୍ରବ୍ୟର ଚାହିଦା ପୃଷ୍ଠା-୬

### ଶ୍ରୀନଗରରେ 'ଚିନାର୍ ପୁସ୍ତକ ମହୋତ୍ସବର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

## ବୌଦ୍ଧିକ ଐତିହ୍ୟକୁ ପୁନର୍ଜୀବିତ କରିଥାଏ ପୁସ୍ତକ



**ଶ୍ରୀନଗର,୨।୮:** ଆମର ବୌଦ୍ଧିକ ଐତିହ୍ୟକୁ ପୁନର୍ଜୀବିତ କରିବା ସହ ସେଗୁଡ଼ିକୁ ସମସାମୟିକ ଶୈକ୍ଷିକ ଚିନ୍ତାଧାରାରେ ସଂଯୁକ୍ତ କରିବା ପାଇଁ ପୁସ୍ତକ, ଶିକ୍ଷା ଏବଂ ଜ୍ଞାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ମାଧ୍ୟମରେ ଜମ୍ମୁ- କଶ୍ମୀରକୁ ଜ୍ଞାନ ଓ ଗବେଷଣାର ଏକ କେନ୍ଦ୍ରରେ ପରିଣତ କରାଯାଉଛି ବୋଲି ଶନିବାର ଜମ୍ମୁ-କଶ୍ମୀରର ଶ୍ରୀନଗରରେ ଆୟୋଜିତ ଦ୍ୱିତୀୟ

- ଜମ୍ମୁ-କଶ୍ମୀର ଦୃଶ୍ୟପଟ୍ଟକୁ ବଦଳାଇଛି ଆଇଆଇଟି, ଆଇଆଇଏମ ଓ ଏମ୍ସ
- ଜମ୍ମୁ-କଶ୍ମୀର ଆଧ୍ୟାତ୍ମିକ ଓ ଦାର୍ଶନିକ ପରମ୍ପରାର ମଶାଲବାହକ

ଚିନାର ପୁସ୍ତକ ମହୋତ୍ସବକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନ୍ୟାସନାଲ ବୁକ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆ ଏବଂ ଏନସିପୁଲ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜମ୍ମୁ ଏବଂ କାଶ୍ମୀରର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଉପସ୍ଥିତିରେ ଶ୍ରୀ ପ୍ରଧାନ କହିଛନ୍ତି ଚିନାର ପୁସ୍ତକ ମହୋତ୍ସବ କେବଳ ଏକ ସାହିତ୍ୟିକ ସମାବେଶ ନୁହେଁ, ଏହା ଏକ ସାହସିକ ବକ୍ତବ୍ୟ ଏବଂ ସଭ୍ୟତା ଜାଗରଣ ଦିଗରେ ଏକ ମହାନ ପ୍ରୟାସ । ଏହା ଜମ୍ମୁ ଏବଂ କାଶ୍ମୀରର ବୌଦ୍ଧିକ ଐତିହ୍ୟର ଏକ ଉତ୍ସବ । ଜମ୍ମୁ ଏବଂ କାଶ୍ମୀରର ପବିତ୍ର ଭୂମିରେ ୨ରୁ ୧୦ ଅଗଷ୍ଟ ତଥା ୯ ଦିନ ପୃଷ୍ଠା-୬

### ମଧ୍ୟାହ୍ନଭୋଜନ ନେଇ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

## ଅଣ୍ଡା ଖାଉନଥିଲେ ମିଳିବ ଫଳ

**ଫେରିବ ଅତିଥି ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା!**

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ସ୍କୁଲ୍‌ରେ ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ପକ୍ଷରୁ ମଧ୍ୟାହ୍ନଭୋଜନ ଦିଆଯାଉଥିବା ବେଳେ ଏଥିରେ ଅଣ୍ଡା ମଧ ସାମିଲ୍ ରହିଛି। କିନ୍ତୁ ଯେଉଁ ଛାତ୍ରଛାତ୍ରୀମାନେ ଅଣ୍ଡା ଖାଇବାକୁ ଆଗ୍ରହ ପ୍ରକାଶ କରନ୍ତି ନାହିଁ, ସେମାନଙ୍କ ପାଇଁ



ଆଜି ସରକାର ସ୍ୱତନ୍ତ୍ର ଘୋଷଣା କରିଛନ୍ତି। ଅର୍ଥାତ୍ ଏଣିକି ମଧ୍ୟାହ୍ନଭୋଜନରେ ଯେଉଁଛାତ୍ରଛାତ୍ରୀମାନେ ଅଣ୍ଡା ଖାଉନାହାନ୍ତି, ସେମାନେ ଏହା ପରିବର୍ତ୍ତେ ଫଳ ଖାଇପାରିବେ। ଶିଶୁ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନରେ ଫଳ ଖାଇବାକୁ ଦିଆଯିବ ବୋଲି ଆଜି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏନେଇ ସବୁ ଜିଲ୍ଲା ଶିକ୍ଷାଧିକାରୀମାନଙ୍କୁ ଚିଠି ଲେଖି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ବିଭାଗୀୟ ଅଧିକାରୀ। ଏଥିସହ ପୁଣିଥରେ ସରକାରୀ ସ୍କୁଲରେ ଅତିଥି ଶିକ୍ଷକ ନିଯୁକ୍ତି ବ୍ୟବସ୍ଥା ଫେରିବା ନେଇ ଆକଳନ କରାଯାଉଛି। କାରଣ ଏହା ଉପରେ ସରକାର ପଦକ୍ଷେପ ନେବା ସକାଶେ ଯୋଜନା କରୁଥିବା ସୂଚନା ମିଳିଛି। ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରେ ପୃଷ୍ଠା-୬

### ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

## ବୋର୍ଡ ଉପସଭାପତିଙ୍କୁ ଜେରା

**କଟକ,୨।୮(ସଂଚାର ବ୍ୟୁରୋ):** ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତିଙ୍କୁ ପଚରାଉଚରା କରାଯାଉଛି। କ୍ରାଇମବ୍ରାଞ୍ଚ ଅଫିସକୁ ଡାକି ବୋର୍ଡ ଉପସଭାପତିଙ୍କୁ ପଚରାଉଚରା କରାଯାଉଥିବା ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟର ମଧ୍ୟ ଯାଞ୍ଚ କରାଯାଉଥିବା



ଜଣାପଡ଼ିଛି। ଗତ ୨୦ ତାରିଖରେ ଓଟିଇଟି ପରୀକ୍ଷା ହେବାକୁ ଥିଲେ ହେଁ ଏହାର ପୂର୍ବଦିନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ଫଳରେ କର୍ତ୍ତୃପକ୍ଷ ଏହାକୁ ବାତିଲ କରିଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍ଇ) କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ଜିତନ ମହାରଣା ଏହି ମାମଲାରେ ପୃଷ୍ଠା-୬

## ଶିବୁ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର

**ନୂଆଦିଲ୍ଲୀ,୨।୮:** ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ପ୍ରମୁଖ ନେତା ଶିବୁ ସୋରେନ (୮୧)ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତାଙ୍କୁ ଏବେ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ବେଳେ ପାଖାପାଖି ମାସେ ତଳେ ସେ କିଡ଼ନୀଜନିତ ସମସ୍ୟା ନେଇ ଏଠାକାର ଶ୍ରୀ ଗଙ୍ଗାରାମ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଥିଲେ। ଇତିମଧ୍ୟରେ ମାସାଧିକ କାଳ



କିଡ଼ନୀଜନିତ ସମସ୍ୟା ନେଇ ଚିକିତ୍ସାଧୀନ ଅଛନ୍ତି

ତାଙ୍କର ଚିକିତ୍ସା ଚାଲିଥିଲେ ମଧ୍ୟ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଆସିଥିବା ଜଣାପଡ଼ିଛି। କିଡ଼ନୀଜନିତ ସମସ୍ୟା ଯୋଗୁଁ ୮୧ ବର୍ଷୀୟ ଶ୍ରୀ ସୋରେନ୍‌ଙ୍କୁ ଗତ ଜୁନ୍ ୨୪ ତାରିଖରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ତଥା ଶ୍ରୀ ସୋରେନ୍‌ଙ୍କ ପୁଅ ହେମନ୍ତ ସୋରେନ ତାଙ୍କୁ ହସ୍ପିଟାଲରେ ଭେଟିବା ପରେ ଏ ସଂକ୍ରାନ୍ତରେ ଗଣମାଧ୍ୟମକୁ ସୂଚନା ପୃଷ୍ଠା-୬



### କାନ ଡେରିଥା

ନିମ୍ନମାନର ଖାଦ୍ୟ ଦେଇଦେଇ
ପିଲାଙ୍କ ଅର୍ଥକୁ ଖାଉଛ
ସରକାରୀ ଅର୍ଥ ଲୁଟିଲୁଟି ଖାଲି
ଅଦିନେ ଅକାଳେ ମରୁଛ
ମେଡିକାଲ ଖାଲି ଧାଉଁଛ...
ଉପୁରୀ ପଇସା ମେଡ଼ିକାଲେ
ଦେଇ
ଭିକାରୀ ଭଳିଆ ହେଉଛ
ସମ୍ମାନ ହରେଇ ଦେଉଛ।

■ ଦେବାଶିଷ

## ଶବ ଉପରେ ରାଜନୀତି କରୁଛନ୍ତି ବିଜେଡି ଓ କଂଗ୍ରେସ

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ବଲଙ୍ଗା ପୀଡ଼ିତାଙ୍କ ଶବ ଉପରେ ରାଜନୀତି କରୁଛନ୍ତି ବିରୋଧୀ ଦଳ। ଯେଉଁ ଦଳ ଦିନେ ସରକାରରେ ଥିବା ସମୟରେ ପରୀ, ପିନ୍ଟୁ, ମମିତା ମେହେର ଭଳି ଘଟଣାରେ ସେତେବେଳର ବିରୋଧୀ

- ବିଜେପି ବିରୋଧରେ ହାତ ମିଳାଇଛନ୍ତି ନବୀନ ଓ ଭକ୍ତ
- ସରକାରଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବରୁ ଆଇନା ଦେଖନ୍ତୁ ବିରୋଧୀ

ଦଳର ରାଜନୈତିକ କାର୍ଯ୍ୟକ୍ରମକୁ 'ହୀନ ରାଜନୀତି' ବୋଲି ଆଖ୍ୟା ଦେଇଥିଲା, ଏବେ ସେହି ଦଳ ବିରୋଧୀ ଆସନକୁ ଆସିବା ପରେ ବଦଳାଇଦେଇଛି ନିଜର ରାଜନୈତିକ ଅଭିସନ୍ଧି। ଏବେ ସେମାନଙ୍କ ପାଇଁ ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ଓ ବାଲେଶ୍ୱର ଛାତ୍ରୀ ଆତ୍ମାହୁତି





ସାଜିଛି ରାଜନୈତିକ ହଟ କେକ୍।

ଓଡ଼ିଆ ଗୋଟେ ଢଗ ଅଛି, 'ଗୋଦରୀ ଲୋ ନିଜ ଗୋଡକୁ ଅନା'। ଏହି ଢଗଟି ଏବେ ବିଜେଡି ଓ କଂଗ୍ରେସ ପାଇଁ ପ୍ରଯୁଜ୍ୟ ହୋଇଛି। କଂଗ୍ରେସ ଅମଳରେ ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ, ଛବିରାଣୀ ହତ୍ୟାକାଣ୍ଡ ପରି ବୀଭତ୍ସ ଘଟଣା ଘଟିଥିଲା। ଅବଶ୍ୟ ସେତେବେଳେ ବିଜେପି ରାଜ୍ୟ ରାଜନୀତିରେ ଏତେ ସକ୍ରିୟ ନଥିଲା। କିନ୍ତୁ ତତ୍କାଳୀନ ଜନତା ଦଳ ଏହିସବୁ ଘଟଣାକୁ ନେଇ ରାଜରାସ୍ତାକୁ ଓହ୍ଲାଇଥିଲା। ପରେ ଦଳ ଯେତେବେଳେ ବିଜେଡିରେ ରୂପାନ୍ତରିତ ହୋଇ ସରକାର ଗଠନ କଲା, ସେତେବେଳେ ଏହାର ନେତାଙ୍କ ଆଭିମୁଖ୍ୟ ବଦଳିଗଲା।

କେତେ କେତେ ଘଟଣାରେ ବିଜେଡି ନେତାଙ୍କ ସମ୍ପୃକ୍ତିକୁ ବାଏଁ ବାଏଁ ଉଡାଇଦେଇଥିଲେ ନବୀନ ପଟ୍ଟନାୟକ। ସନ୍ଦେହ ଜାଲରେ ଥିବା ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା, ସେମାନଙ୍କ ବିରୋଧରେ ଥିବା ସବୁ ପ୍ରମାଣକୁ ମଧ୍ୟ ନଷ୍ଟ କରିଦିଆଗଲା। ଏବେ ବିରୋଧୀ ଦଳକୁ ଆସିବା ପରେ ସତୀ ସାଜିଛନ୍ତି ବିଜେଡି ସୁପ୍ରିମୋ ଆଉ ତାଙ୍କ ଚାଟୁକାର ନେତାମାନେ। ବଲଙ୍ଗା ପୀଡ଼ିତାଙ୍କ ମୃତ୍ୟୁ ପରେ ବିଜେଡି ସଂସଦୀୟ ଦଳ ତୁରନ୍ତ ଏମ୍ସରେ ପହଞ୍ଚିଯାଇଥିଲା ରାଜନୀତି କରିବାକୁ। ହେଲେ ବିଜେଡି ଟିମକୁ ସେତେବେଳେ ଜବରଦସ୍ତ ଝଟ୍‌କା ଲାଗିଲା, ଯେତେବେଳେ ପୀଡ଼ିତାଙ୍କ ବାପା ଗଣମାଧ୍ୟମକୁ ବିବୃତି ଦେଇ କହିଦେଲେ ଯେ ତାଙ୍କ ଝିଅର ଚିକିତ୍ସା ପାଇଁ ସରକାର ସବୁ ସୁବିଧା କରିଥିଲେ। କିନ୍ତୁ ଭାଗ୍ୟର ବିଡ଼ମ୍ବନା ଯେ ଝିଅ ଚାଲିଗଲା। ଏହାକୁ ନେଇ ଆଉ ରାଜନୀତି କରାନଯାଉ।

ସେହିଭଳି କଂଗ୍ରେସ ମଧ୍ୟ ନିଜ ଇତିହାସକୁ ଭୁଲି ଏବେ ବିଜେଡି ସହ ହାତ ମିଳାଇ ସରକାରଙ୍କୁ ପୃଷ୍ଠା-୬

### କର୍ଣ୍ଣାଟକ ଦୁଷ୍କର୍ମ ମାମଲା

## ପୂର୍ବତନ ସାଂସଦଙ୍କୁ ଆଜୀବନ ଜେଲ



**ବେଙ୍ଗାଲୁରୁ,୨।୮:** ଜନୈକା ୪୭ ବର୍ଷୀୟା ଘରୋଇ ମହିଳା ସହାୟିକାଙ୍କୁ ଦୁଷ୍କର୍ମ କରିବା ଅଭିଯୋଗରେ ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍‌ଡି ଦେବେଗୌଡ଼ାଙ୍କ ନାତି ତଥା ଜେଡିଏସ୍‌ର ପୂର୍ବତନ ହାସନ ସାଂସଦ ପ୍ରଜ୍ୱଳ ରେବନ୍ନାଙ୍କୁ ଶନିବାର ବେଙ୍ଗାଲୁରର ଏକ ସ୍ୱତନ୍ତ୍ର ଅଦାଲତ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ରେବନ୍ନାଙ୍କ ଉପରେ କୋର୍ଟ ୧୦ ଲକ୍ଷ ଟଙ୍କାର ଜରିମାନା ମଧ୍ୟ ଲଗାଯାଇଛି। ଏହି ୧୦ ଲକ୍ଷ ଟଙ୍କାରୁ ପୀଡ଼ିତାଙ୍କ ଭରଣପୋଷଣ ଲାଗି ୭ ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମଧ୍ୟ କୋର୍ଟ ଆଦେଶ ଦେଇଛନ୍ତି। ଏହି ମାମଲାର ଶୁଣାଣି କରିଛନ୍ତି ସ୍ୱତନ୍ତ୍ର ବିଚାରପତି ସନ୍ତୋଷ ଗଜାନନ ଭଟ୍ଟ। ଦୁଷ୍କର୍ମ, ନିର୍ଯାତନା, ଅପହରଣ, ତଥ୍ୟ ଲୁଚାଇବା ଆଦି ବିଭିନ୍ନ ଘଟଣାରେ ଶୁକ୍ରବାର କୋର୍ଟରେ ରେବନ୍ନା ଦୋଷୀ ସାବ୍ୟସ୍ତ ହୋଇଥିଲେ। ତେବେ ଶନିବାର ଏହି ଦଣ୍ଡାଦେଶ ଶୁଣାଣି ପରେ ଜେଡିଏସ୍‌ରେ ହଇଚଇ ସୃଷ୍ଟି ହୋଇଛି। ଗତ ୨୦୨୪ରେ ୩ ଥରର ଜେଡିଏସ୍ ସାଂସଦ ରେବନ୍ନାଙ୍କର ଏହି କଳାକାରନାମା ପଦାକୁ ପୃଷ୍ଠା-୬

## ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ ସେବାକାର୍ଯ୍ୟ




**ଗରଦପୁର,୨।୮ (ସଂଚାର ବ୍ୟୁରୋ):** ଭାଗବତ ପ୍ରସାଦ ମହାନ୍ତି ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ କୋରୁଆ ସ୍ଥିତ ପଲ୍ଲିଶ୍ରୀ ମହିଳା ସମିତିର ଶିଶୁ ଯତ୍ନ ଅନୁଷ୍ଠାନ ପରିସରରେ ଜନପ୍ରିୟ ଜନନେତା ସ୍ୱର୍ଗତ୍ ଭାଗବତ ପ୍ରସାଦ ମହାନ୍ତିଙ୍କ ସ୍ମୃତିରେ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଗୁରୁପ୍ରସାଦ ମହାନ୍ତି ସଭାପତିତ୍ୱ କରି ଟ୍ରଷ୍ଟ ପକ୍ଷରୁ କରାଯାଉଥିବା ବିଭିନ୍ନ ସେବାକାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦୀପ କୁମାର ମହାନ୍ତି ସଭା ପରିଚାଳନା କରିଥିବାବେଳେ ଟ୍ରଷ୍ଟି ସୁଶିଲ କୁମାର ସାମଲ, ପୂର୍ବତଟ ରେଳ ବିଭାଗ ଅଧିକାରୀ କବି ନିରାକାର ଦାସ, ମାଇକ୍ରୋ ଫାଇନାନ୍ସ ସଭାନେତ୍ରୀ ଅବନ୍ତୀ ବେହେରା, ସମାଜସେବୀ ଶ୍ରୀକାନ୍ତ ନାୟକ, ସ୍ୱର୍ଗତ୍ ମହାନ୍ତିଙ୍କ ବୋହୂ ସମାଜସେବୀ ଗାୟତ୍ରୀ ମହାନ୍ତି, ପ୍ରାଧାପକ ଡ. ଶଶିକାନ୍ତ ନାୟକ ପ୍ରମୁଖ ଯୋଗଦେଇ ଭାଗବତ ବାବୁଙ୍କ ସ୍ମୃତି ବଖାଣି ଥିଲେ ।

## କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୨।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ନିକଟରେ ଅବସରଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ବ୍ୟାଙ୍କ ପରିଚାଳନା ସମିତି ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ କଜଳାସ୍ଥିତ ବ୍ୟାଙ୍କର ମୁଖ୍ୟ ଶାଖାରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା, ଜେନେରାଲ ମ୍ୟାନେଜର ରାଜୀବ ଲୋଚନ ପଣ୍ଡା, ଜେନେରାଲ ମ୍ୟାନେଜର ସୁରେଶ ଚନ୍ଦ୍ର ପରିଡା ପ୍ରମୁଖ ଯୋଗଦେଇ ଅବସରଗ୍ରହଣ କରିଥିବା ମ୍ୟାନେଜର(ରିକଭରି) ରବୀନ୍ଦ୍ର କୁମାର ପାତ୍ର, ମ୍ୟାନେଜର(କ୍ରେଡିଟ) ଅନ୍ନଦା ପ୍ରସନ୍ନ କାନୁନଗୋ, ପୁରୁଣା ବସଷ୍ଟାଣ୍ଡ ଶାଖାର ମ୍ୟାନେଜର ସୁରେଶ ଚନ୍ଦ୍ର ନାୟକ ଓ ସେହି ଶାଖାର ପିଅନ ରମେଶ ଚନ୍ଦ୍ର ଜେନା ଏବଂ ଚାନ୍ଦୋଳ ଶାଖାର ପିଅନ କାଳନ୍ଦି ଚରଣ ମିଶ୍ର ପ୍ରମୁଖଙ୍କୁ ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ର, ପୁଷ୍ପଗୁଚ୍ଛ, ଉରୀୟ ଓ ଶାଲ ପ୍ରଦାନ କରି ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଅବସରରେ ସଭାପତି ଶ୍ରୀ ମହାନ୍ତି ଅବସରପ୍ରାପ୍ତ କର୍ମଚାରୀମାନଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରି କେନ୍ଦ୍ରାପଡାର ଆରାଧ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମ୍ୟାନେଜର ଲଲାଟେନ୍ଦୁ କେଶରୀ ଦାସଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଆଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବୈଠକ

**କେନ୍ଦ୍ରାପଡ଼ା,୨।୮ (ସଂଚାର ବ୍ୟୁରୋ):** ଆଳିକ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଏକ ବୈଠକ ନହଙ୍ଗ ମା'ମଙ୍ଗଳା ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଙ୍ଘର ସଭାପତି ଆର୍ତ୍ତ୍ରାଣ ପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଅଭିମନ୍ୟୁ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ବୈଠକରେ ସଦସ୍ୟମାନେ ସଙ୍ଘୀୟ ସମସ୍ୟା ଗୁଡିକ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ସଙ୍ଘର ସମ୍ପାଦକ ୭୦ବର୍ଷ ଅତିକ୍ରମ କରିଥିବା ସଦସ୍ୟମାନଙ୍କୁ ଆୟୁଷ୍ମାନ ବୟବନ୍ଦନା କାର୍ଡ କରିବାକୁ ପରାମର୍ଶ ଦେଇଥିଲେ ଓ ସେମାନେ ୫ଲକ୍ଷର ଚିକିତ୍ସା ସୁବିଧା ପାଇବାକୁ ହକଦାର ବୋଲି ସୂଚନା ଦେଇଥିଲେ । ଜୁଲାଇମାସ ସରିଆସୁଥିବାରୁ ସଙ୍ଘର ସଦସ୍ୟମାନେ ନିଜ ନିଜର ବାଡି କିମ୍ବା ସରକାରୀ ଜାଗାରେ ଗଛଟିଏ ଲଗାଇ ପରିବେଶର ସନ୍ତୁଳନ ରକ୍ଷା କରିବାକୁ ବରିଷ୍ଠ ସଦସ୍ୟ ଦୁର୍ଯ୍ୟୋଧନ ପ୍ରଧାନ ସମସ୍ତଙ୍କୁ ଅନୁରୋଧ କରିଥିଲେ। ସଭାରେ ୨୦ଜନ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ସଦସ୍ୟ କ୍ଷୀରୋଦ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷାଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ମାର୍ଶାଘାଇ,୨।୮ (ସଂଚାର ବ୍ୟୁରୋ):** ମାର୍ଶାଘାଇ ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କୁ ଗୁରୁବାର ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏବିଇଓ ତଥା ବିଆରସିସି ସୁଶାନ୍ତ କୁମାର ବେଉରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ଏବିଇଓ ବଳଦେବ ପ୍ରସାଦ ଜେନା, ଅନ୍ୟତମ ପ୍ରାକ୍ତନ ଏବିଇଓ ଅନିତା ବେହେରା, ଆକାଉଣ୍ଟାଣ୍ଟ ସ୍ମୃତିରଞ୍ଜନ ପଟ୍ଟନାୟକଙ୍କ ସମେତ କର୍ମଚାରୀମାନେ ଯୋଗଦେଇ ବିଦାୟୀ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟକାଳର ପ୍ରଶଂସା କରିବା ସହିତ ଅବସର ପରବର୍ତ୍ତୀ ଜୀବନ ସୁଖମୟ, ନିରାମୟ କାମନା କରିଥିଲେ। କାର୍ଯ୍ୟାଳୟ କର୍ମଚାରୀଙ୍କ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଏବଂ ଉପଢୌକନ ଦେଇ ବିଦାୟୀ ଶିକ୍ଷାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କୁହୁଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜୁଲତା ସାମଲଙ୍କୁ ମଧ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯିବା ସହିତ ଅବସରକାଳୀନ ପେନସନ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

**ତଥ୍ୟ ନାହିଁ ନା ଲୁଚାଉଛନ୍ତି ?**

## ସନ୍ଦେହରେ ଅଧିକାରୀଙ୍କ ଭୂମିକା

**ମହାକାଳପଡ଼ା,୨।୮ (ସଂଚାର ବ୍ୟୁରୋ):** ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମଗାଯାଇଥିଲା। ହେଲେ ମଗାଯାଇଥିବା ସୂଚନାର ତଥ୍ୟ ବ୍ଲକ୍ କାର୍ଯ୍ୟାଳୟରେ ନଥିବା ଚିଠିରେ ଉଲ୍ଲେଖ କରିବା ପରେ ଏବେ ସନ୍ଦେହ ବଢ଼ିଛି। ବ୍ଲକ୍ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କ ସୂଚନା କାହିଁକି କାର୍ଯ୍ୟାଳୟରେ ଉପଲବ୍ଧ ନାହିଁ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି।

ସୂଚନା ମୁତାବକ ମହାକାଳପଡ଼ା ବ୍ଲକ୍‌ରେ କାର୍ଯ୍ୟରତ କମ୍ପ୍ୟୁଟର ପ୍ରୋଗ୍ରାମର ହିମାଂଶୁ ଶେଖର ଦାସଙ୍କ ସମ୍ପର୍କରେ କେତେକ ତଥ୍ୟ ପଞ୍ଚାୟତ ସମିତି ମହାକାଳପଡ଼ାକୁ ସୂଚନା ଅଧିକାର ଆଇନ ବଳରେ ମାଗିଥିଲେ ସୂଚନା ଅଧିକାର କର୍ମୀ ବିଭୂତି ରାଉତ। ହେଲେ ମହାକାଳପଡ଼ା ବ୍ଲକ୍ କାର୍ଯ୍ୟାଳୟରେ ତତସମ୍ପର୍କିତ ତଥ୍ୟ ଉପଲବ୍ଧ ନାହିଁ ବୋଲି ଏସଆରଏ କେଶବ ଚନ୍ଦ୍ର ପଣ୍ଡା ଚିଠିରେ ଉଲ୍ଲେଖ କରି ତଥ୍ୟ ପ୍ରଦାନ କରିଛନ୍ତି। ହିମାଂଶୁ ଶେଖର ଦାସ ମହାକାଳପଡ଼ା ବ୍ଲକ୍‌ର କମ୍ପ୍ୟୁଟର ପ୍ରୋଗ୍ରାମର ଭାବରେ ୩୦/୦୧/୨୧ରୁ ଯୋଗଦାନ କରିଛନ୍ତି ଅଥଚ ତାଙ୍କ ଯୋଗଦାନ ଚିଠି, ସେତେବେଳେ ପାଉଥିବା ବେତନ, ଶିକ୍ଷାଗତ ଯୋଗ୍ୟତା, ସେ କେତେଦିନ ଛୁଟିରେ ରହିଛନ୍ତି ଆଦି ସୂଚନା ବ୍ଲକ୍ କାର୍ଯ୍ୟାଳୟରେ ନାହିଁ ବୋଲି ଚିଠି ନମ୍ବର ୨୨୦୬ରେ ଉଲ୍ଲେଖ କରି ସୂଚନା ପ୍ରଦାନ କରିଛନ୍ତି। ଏ ଅଜବ ସୂଚନା ମିଳିବା ପରେ କର୍ମଚାରୀଙ୍କ ସାଧୁତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ପାଟକୁରା ବିଧାୟକଙ୍କ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ



**ଡେରାବିଶ,୨।୮ (ସଂଚାର ବ୍ୟୁରୋ):** ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଆଜି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନରେ ଯାଇ ରୋଗୀମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିବା ସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟବ୍ୟବସ୍ଥା ପରଖିଥିଲେ। ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ଡେରାବିଶ ବ୍ଲକ ଚାଟରାଜଙ୍କଡ଼ା ପଞ୍ଚାୟତ ଅନ୍ତର୍ଗତ ଛତାଠାରେ ଅବସ୍ଥିତ ହୋଇଥିବାରୁ ଜାତୀୟ ରାଜପଥରେ ହେଉଥିବା ବହୁ ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ବିଶେଷ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିବା ସହିତ ଡେରାବିଶ ବ୍ଲକର ୨୬ ପଞ୍ଚାୟତର ଅଧିବାସୀ ସ୍ୱାସ୍ଥ୍ୟସେବା ପାଇଁ ନିର୍ଭର କରିଥାନ୍ତି। ହେଲେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସଠିକ୍ ଭାବରେ ସ୍ୱାସ୍ଥ୍ୟସେବା ମିଳୁନଥିବା ନେଇ ବହୁ ଅଭିଯୋଗ ହୋଇ ଆସୁଥିଲା।

ଏ ସମ୍ପର୍କରେ ଡେରାବିଶର ଜନସାଧାରଣ ଗତ ପଞ୍ଚାୟତ ସମିତି ବୈଠକରେ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କୁ ଅଭିଯୋଗ କରିଥିଲେ। ଆଜି ବିଧାୟକ ଶ୍ରୀ ମହାପାତ୍ର ଅଚାନକ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ଯାଇଥିଲେ। ସେଠାରେ ୱାର୍ଡ଼ ଭିତରେ ରହିଥିବା ରୋଗୀମାନଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହିତ ଏହି ଡାକ୍ତରଖାନାରେ ସେମାନେ ପାଉଥିବା ଚିକିତ୍ସା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଏହିସହିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ଚିତରଞ୍ଜନ ବେହେରା, ବିପିଏମ୍ ଇପସିତା ମହାପାତ୍ର, ବିଏଏମ୍ ସଂଗ୍ରାମ କେଶରୀ ସାମନ୍ତରାୟ ଓ ବିଡ଼ିଏମ୍ ବିଶ୍ୱଜିତ ରାଉତ ପ୍ରମୁଖଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡ଼ିଥିବା ଡାକ୍ତର ପଦବୀ, ଆବଶ୍ୟକ ହେଉଥିବା ଡାକ୍ତରୀ ଉପକରଣ, ଆବଶ୍ୟକ ଡାକ୍ତରଖାନା ଗୃହ ଇତ୍ୟାଦି ସମ୍ପର୍କରେ ପଚାରି ବୁଝିଥିଲେ। ପରେ ସ୍ତ୍ରୀ ଓ ପ୍ରସୂତି ବିଭାଗ, ଚକ୍ଷୁବିଭାଗ, ବହିର୍ବିଭାଗ, ଔଷଧ ବିତରଣ କେନ୍ଦ୍ର, ଅପରେସନ୍ ଥିଏଟର ଇତ୍ୟାଦି ବୁଲି ଦେଖିଥିଲେ। ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ରହିଥିବା ପ୍ରସୂତୀ ଟେବୁଲରେ ଇଟା ଭାରା ଦିଆଯିବା ଓ ଔଷଧ ବିତରଣ କେନ୍ଦ୍ରରେ ଅବଧି ଶେଷ ହୋଇଥିବା ଔଷଧ ଦେଖି ବିରକ୍ତି ଭାବ ପ୍ରକାଶ କରିଥିଲେ।

## ସାଲେପୁର ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଭେଟିଲେ କଂଗ୍ରେସ ନେତା




**ସାଲେପୁର,୨।୮ (ସଂଚାର ବ୍ୟୁରୋ):** ଟାଙ୍ଗୀ ସାଲେପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ନେଇ ଆଜି ସାଲେପୁର କଂଗ୍ରେସ ନେତା ଆକ୍ୟୁବ୍ ଖାଁ ରାଜ୍ୟପାଳଙ୍କୁ ଭେଟିବା ସହ ଏହି ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟାଗୁଡିକୁ ତୁରନ୍ତ ସମାଧାନ କରିବାପାଇଁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସାଲେପୁର ଅଞ୍ଚଳ ଏକ କୃଷିବହୁଳ ଅଞ୍ଚଳ ହୋଇଥିବାବେଳେ କୃଷିର ଉନ୍ନତି ପାଇଁ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଲୋକମାନେ କୃଷି ପ୍ରତି ମୁହଁ ଫେରାଇବାକୁ ଆରମ୍ଭ କଲେଣି। ପନିପରିବା ଜାତୀୟ ସଂରକ୍ଷଣ ପାଇଁ ଆବଶ୍ୟକୀୟ ଶୀତଳ ଭଣ୍ଡାର ନଥିବାବେଳେ ଚାଷ ଜମିକୁ ଜଳସେଚନ ପାଇଁ କାଡ଼ା କେନାଲ ଗୁଡିକ ପୋତି ହୋଇଥିଲେ ମଧ ତାହାକୁ ପୁନରୁଦ୍ଧାର କରାଯାଉନାହିଁ। ସେହିପରି ରାସ୍ତାଘାଟର ଉନ୍ନତିକରଣ ହେଉନାହିଁ। ଟାଙ୍ଗୀ ଅଞ୍ଚଳରେ ଆଦିବାସୀମାନଙ୍କ ଜମିରେ ଓ.ସି.ଏଲ୍. କମ୍ପାନୀ ପ୍ରତିଷ୍ଠା କରାଯାଇଥିଲା। ଆଦିବାସୀମାନଙ୍କୁ ପୂର୍ଣ୍ଣ ଥଇଥାନ କରାଯିବାପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ ସେମାନଙ୍କୁ ଯୋଗାଇ ଦିଆଯାଇଥିବା ଜମିର ପଟ୍ଟା ସେମାନଙ୍କୁ ଅଦ୍ୟାବଧି ପ୍ରଦାନ କରାଯାଇନଥିବାରୁ ସେମାନେ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା କଂଗ୍ରେସ ନେତା ଶ୍ରୀ ଖାଁ ରାଜ୍ୟପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

**ଭଙ୍ଗା ବାଉଁଶ ପୋଲରେ ବିପଦପୂର୍ଣ୍ଣ ଯାତ୍ରା ଘଟଣା**

## ମରାମତି ପରେ ଲୋକଙ୍କ ଉଦ୍ଦେଶ୍ୟରେ ହେଲା ଲୋକାର୍ପିତ



ସଂଚାର ପ୍ରଭାବ

**ମହାକାଳପଡ଼ା,୨।୮ (ସଂଚାର ବ୍ୟୁରୋ):** ଗୋବରୀ ନଦୀ ଉପରେ ଭଙ୍ଗା ବାଉଁଶ ପୋଲ ଦେଇ ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳବାସୀ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଥିଲେ। ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ଜନସାଧାରଣ ଏହି ଭଙ୍ଗା ବାଉଁଶ ପୋଲ ଦେଇ ଯାତାୟତ କରୁଥିବା ଘଟଣା ଦୈନିକ ଖବରକାଗଜ ସଂଚାରରେ ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ଆରମ୍ଭ ହୋଇଥିଲା ବାଉଁଶ ପୋଲ ମରାମତି କାର୍ଯ୍ୟ। ଆଜି ବାଉଁଶ ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଲୋକଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଯାଇଛି।

ମହାକାଳପଡ଼ା ବ୍ଲକ କଂସାର ବଡ଼ ଦାଣ୍ଡୁଆ ପଞ୍ଚାୟତ ର ତରପଦା ଗୋବରୀ ନଦୀ ଉପରେ ଏକ ବାଉଁଶ ପୋଲ ଭଙ୍ଗାରୁଜା ଅବସ୍ଥାରେ ଥିଲା। କଂସାର ବଡ଼ ଦାଣ୍ଡୁଆ ଓ ସୁନିତି ପଞ୍ଚାୟତକୁ ଯାତାୟତ ପାଇଁ ଏହି ପୋଲକୁ ବ୍ୟବହାର କରୁଥିଲେ ଲୋକେ। ଏହି ପୋଲ ଦ୍ୱାରା ଅଞ୍ଚଳବାସୀ ୫୦୦ ମିଟର ଦୂରତାରେ ସେମାନଙ୍କର ନିତିଦିନିଆ କାର୍ଯ୍ୟ କରିବା ସହିତ ପିଲାମାନେ ସହଜରେ ବିଦ୍ୟାଳୟକୁ ଯାଇ ପାରୁଥିଲେ। ହେଲେ ତିନିମାସ ହେବ ବାଉଁଶ ପୋଲ ଭାଙ୍ଗିଯିବାରୁ ଲୋକମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଏଇ ଭଙ୍ଗା ବାଉଁଶ ପୋଲ ଦେଇ ଯାତାୟତ କରୁଥିବା ଦେଖିବାକୁ ମିଳିଥିଲା। ଏନେଇ ଦୈନିକ ଖବରକାଗଜ ସଂଚାରରେ ୨୩ ଜୁଲାଇରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ତୁରନ୍ତ ଭଙ୍ଗା ବାଉଁଶ ପୋଲର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଶୁକ୍ରବାର ଦିନ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହୋଇଛି। ପଞ୍ଚାୟତର ସରପଞ୍ଚ ମମତା ସର୍ଦ୍ଦାର, ସମିତି ସଭ୍ୟ ରାମଚନ୍ଦ୍ର ରାଉତ, ସମାଜସେବୀ ପ୍ରମୋଦ ରାଉତ ଫିତା କାଟି ଲୋକଙ୍କ ପାଇଁ ସମର୍ପିତ କରିଛନ୍ତି।

## ଉପକୂଳ ସୁରକ୍ଷା ଓ ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଉଚ୍ଚସ୍ତରୀୟ ବୈଠକରେ ଗୁରୁତ୍ୱାରୋପ



**କେନ୍ଦ୍ରାପଡ଼ା,୨।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ଉପକୂଳ ଅଂଚଳକୁ ସୁରକ୍ଷିତ ରଖିବା ପାଇଁ ଏକ ଉଚ୍ଚ ସ୍ତରୀୟ ବୈଠକ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ଡିଏସପି ଆଇବି ଲକ୍ଷ୍ମୀ ନାରାୟଣ ତିୱାରୀ, ଏସିଏଫ ଗଗନ ମଲିକ, ଏସଡିପିଓ ଜ୍ୟୋତି ରଂଜନ ଗୌଡ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଗଦାଧର ରାଉତ, କିଶୋର କୁମାର ତରାଇ, ବିମଳ କୁମାର ମଲିକ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପକୂଳ ଅଞ୍ଚଳରେ ପାଟ୍ରୋଲିଂକୁ କଡାକଡି କରିବା, ଅନୁପ୍ରବେଶକାରୀଙ୍କୁ ଦେଖିବା ମାତ୍ରେ ତୁରନ୍ତ ସଂପୃକ୍ତ ଅଂଚଳର ଥାନାକୁ ଖବର ଦେବା, ସମୁଦ୍ରକୁ ଯାଉଥିବା ମତ୍ସ୍ୟଜୀବୀମାନେ ଜୀବନରକ୍ଷା ଜ୍ୟାକେଟ ପିନ୍ଧିବା ସହ ନିଜର ପଞ୍ଜିକରଣ କରାଇବା ବାଧତାମୂଳକ କରାଯାଇଛି । ବିଶେଷକରି ଅନୁପ୍ରବେଶକାରୀଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ପାଇଁ ତଟରକ୍ଷୀ ବାହିନୀ, ରାଜସ୍ୱ ଅଧିକାରୀ, ବନ ବିଭାଗ, ମତ୍ସ୍ୟ ବିଭାଗ ସଜାଗ ରହିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

## ଯଅଁରାବାରିମୂଳରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ



**ଡେରାବିଶ,୨।୮ (ସଂଚାର ବ୍ୟୁରୋ):** ଡେରାବିଶ ଯଅଁରାବାରିମୂଳ ପଞ୍ଚାୟତ କାର୍ଯ୍ୟାଳୟରେ 'ଆମ ଗାଁରେ ତହସିଲ କାର୍ଯ୍ୟାଳୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ଯୋଗାଇ ଦେଇଛନ୍ତି। ସରପଞ୍ଚ ଶଙ୍କର୍ଷଣ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେରାବିଶ ବିଡିଓ ନମିତା ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡେରାବିଶ ତହସିଲଦାର ସରୋଜ କାନ୍ତ ନାୟକ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଓ ଯଅଁରାବାରିମୂଳ ରାଜସ୍ୱ ନିରୀକ୍ଷକ ଇପସିତା ପରିଜା ଉପସ୍ଥିତ ରହି ଯଅଁରାବାରିମୂଳ ରାଜସ୍ୱ ସର୍କଲ ଅନ୍ତର୍ଗତ ୨୦୦ ଜଣ ହିତାଧିକାରୀଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା ବଣ୍ଟନ କରିଥିଲେ। ଏଥିସହ ୧୩ ଜଣଙ୍କୁ ତତ୍କାଳ ଅନୁସୂଚିତ ଜାତି ପ୍ରମାଣପତ୍ର, ୧୩ ଜଣଙ୍କୁ ଉତ୍ତରାଧୀକାରୀ ପ୍ରମାଣପତ୍ର ଓ ଅନ୍ୟ ୧୮ ଜଣଙ୍କୁ ରେସିଡେଣ୍ଟ, ଏସ୍‌ଇବିସି ଇତ୍ୟାଦି ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ସେମାନଙ୍କୁ ପୂର୍ବରୁ ମିଳିଥିବା ପଟ୍ଟା ସଂଶୋଧନ, ବିଭିନ୍ନ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ।

## ପାଲାଗାୟକ ପରିଷଦର ପ୍ରଥମ ଜିଲ୍ଲାସ୍ତରୀୟ ଅଧିବେଶନ ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ,୨।୮ (ସଂଚାର ବ୍ୟୁରୋ):** ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲାଗାୟକ ପରିଷଦ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ସ୍ତରୀୟ ପାଲାଗାୟକ ପରିଷଦର କାର୍ଯ୍ୟକର୍ତାମାନଙ୍କୁ ନେଇ ପଟ୍ଟାମୁଣ୍ଡାଇ ରାମ ମନ୍ଦିର ପ୍ରାଙ୍ଗଣରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ପାଲା ଗାୟକ, ଗାୟିକା, ବାୟକ ଓ ସଙ୍ଗୀତଜ୍ଞମାନଙ୍କୁ ନେଇ ଶହେରୁ ଉର୍ଦ୍ଧ୍ୱ କଳାକାରମାନେ ଯୋଗଦେଇଥିଲେ। ଉକ୍ତ ବୈଠକରେ ଗାୟକ ସୁରେନ୍ଦ୍ରନାଥ ଶତପଥିଙ୍କ ସଭାପତିତ୍ୱରେ ଆଗାମୀ ବର୍ଷର ଜିଲ୍ଲା ସଂଗଠନ ବିଷୟରେ ଆଲୋଚନା କରାଯାଇଥିଲା। ଚଳିତବର୍ଷର କେନ୍ଦ୍ରାପଡ଼ା ଜିଲ୍ଲାର ନବ ନିର୍ବାଚିତ ସଭାପତି ବସନ୍ତ କୁମାର ବେହେରା ଓ ସମ୍ପାଦକ ବିଶ୍ୱମ୍ବର ପ୍ରସାଦ ରଣାଙ୍କୁ ସମାଜସେବୀ ଓ ପାଲା ସଙ୍ଗୀତକାର କୈଳାସ ଚନ୍ଦ୍ର ବଳ ଉତରୀୟ ଓ ପୁଷ୍ପଗୁଛ ଦେଇ ସମ୍ବର୍ଦ୍ଧନା କରିଥିଲେ। ଏଇ ଅବସରରେ ଶହ ଶହ ପାଲାଗାୟକ, ଗାୟିକା, ବାୟକ ଓ ସଂଗୀକାରମାନଙ୍କର ନାମ ପଞ୍ଜିକରଣ କରାଯାଇଥିଲା। ଆଗାମୀ ଦିନରେ ସଂଘ କେମିତି ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ ପ୍ରତ୍ୟେକ ବ୍ଲକ ସ୍ତରରେ କର୍ମକର୍ତା ଗଠନ କରାଯିବ ସେ ସମ୍ପର୍କରେ ସଭାପତି ଆଲୋକପାତ କରିଥିଲେ।



## କଂକ୍ରିଟ ରାସ୍ତା ଉପରେ ନର୍ଦ୍ଦମା ପାଣି, ଲୋକେ ହନ୍ତସନ୍ତ



**ଗରଦପୁର,୨।୮ (ସଂଚାର ବ୍ୟୁରୋ):** ନର୍ଦ୍ଦମା ଓ ବର୍ଷା ଜଳ ନିଷ୍କାସନ ନହେବା ଦ୍ୱାରା ଗ୍ରାମବାସୀ ହନ୍ତସନ୍ତ। କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ୍ ଅନ୍ତର୍ଗତ ବେଢ଼ାରୀ ପଞ୍ଚାୟତ ସୋଲପାଟ ଗ୍ରାମ ରାସ୍ତାର ଦୟନୀୟ ଅବସ୍ଥା। ଏହି ରାସ୍ତା ସାଜିଛି ମରଣଯନ୍ତା। ରାସ୍ତାର ଦୁଇ ପାର୍ଶ୍ୱରେ ଜଳ ନିଷ୍କାସନ ହେବା କଥା ତାହା ହୋଇ ପାରୁନାହିଁ। ଯାହାଫଳରେ ବର୍ଷା ଜଳ ଜମିରହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡୁଛି। ମୁଖ୍ୟତଃ ସେଇ ରାସ୍ତା ସରକାରୀ ହିସାବରେ ଅନେକ ଓସାରିଆ ଥିଲେ ସୁଦ୍ଧା ଜବରଦଖଲରେ ସମ୍ପୂର୍ଣ୍ଣ ଅବରୋଧ ହୋଇରହିଛି ଯାହା ଫଳରେ ବର୍ଷା ଜଳ ଯିବାରେ ଅନେକ ବାଧା ଉପୁଜିଛି । ନା ପିଲାମାନେ ସ୍କୁଲ ଯାଇ ପାରୁଛନ୍ତି ନା ଆମ୍ବୁଲାନ୍ସ, ଅଗ୍ନିଶମ ଗାଡ଼ି ଯାଇପାରୁଛି। ଏହି ରାସ୍ତା ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଛି କିନ୍ତୁ ବାଟୋଇ ଯିବା ଆସିବାରେ ଅସୁବିଧାରେ ସମ୍ମୁଖୀନ ହେବା ସହ ଗ୍ରାମର ଅନେକ ଲୋକ ନାନାଦି ରୋଗରେ ପଡ଼ିବା ସହ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ପ୍ରଶାସନ ଏହି ସୋଲପାଟ ଗ୍ରାମରେ ଥିବା ରାସ୍ତାର ଅସୁବିଧାକୁ ଦୁରକରିବାକୁ ନିବେଦନ କରିଛନ୍ତି ଗ୍ରାମବାସୀ।

## ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଓ ସରକାରୀ ସହାୟତା ଯୋଗାଇବାକୁ କଂଗ୍ରେସର ଦାବି



**ଆଳି,୨।୮ (ସଂଚାର ବ୍ୟୁରୋ):** ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ଓ ସରକାରୀ ସହାୟତା ଯୋଗାଇ ଦେବାକୁ କଂଗ୍ରେସର ମୁଖ୍ୟମନ୍ତ୍ରୀଙ୍କୁ ତହସିଲ ମାଧମରେ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ରାହ୍ମଣୀ,ଖରସ୍ରୋତା ଓ କାଣୀ ନଦୀରେ ବନ୍ୟା ଆସି ଆଳି ବ୍ଲକର ୧୭ ପଞ୍ଚାୟତର ୭୦ ହଜାର ଲୋକଙ୍କୁ ଜଳବନ୍ଦୀ କରିଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ସହାୟତା ମିଳୁନି । ଦୁଇଦୁଇ ଥର ବନ୍ୟା ଆସିବା ଯୋଗୁଁ ସାଧାରଣ ଜନ ଜୀବନଠୁ କୃଷି ଓ ଗୋପାଳନ କ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଯାହାକୁ ନେଇ ଆଳି ବ୍ଲକ କଂଗ୍ରେସ ପକ୍ଷରୁ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ପତ୍ର ପିସିସି ସମ୍ପାଦିକା ଦେବସ୍ମିତା ଶର୍ମାଙ୍କ ନେତୃତ୍ୱରେ ଆଳିର ଅନ୍ୟାନ୍ୟ କଂଗ୍ରେସ୍ ନେତୃତ୍ୱଙ୍କ ସହ ରହିଥିଲେ ବ୍ଲକ୍ ସଭାପତି ରବିନାରାୟଣ ବେହେରା।

## ବନ୍ୟାଞ୍ଚଳରେ କଂଗ୍ରେସ ପ୍ରତିନିଧି ଦଳ

**ରାଜନଗର,୨।୮ (ସଂଚାର ବ୍ୟୁରୋ):** ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର କଂଗ୍ରେସ ପ୍ରତିନିଧି ଦଳ ବିଭିନ୍ନ ବନ୍ୟାଞ୍ଚଳ ପହଞ୍ଚି ବିପନ୍ନ ଲୋକଙ୍କୁ ଭେଟିଛନ୍ତି। ବ୍ରାହ୍ମଣୀରେ ଆସିଥିବା ପ୍ରଥମ ବନ୍ୟା ଓ ପୁଣି ଦ୍ୱିତୀୟ ବନ୍ୟା ଆସିବା ଦ୍ୱାରା ୧୫ ଦିନରୁ ଉର୍ଦ୍ଧ୍ୱ ଲୋକ ପାଣି ଘେରରେ ଥିବା ବେଳେ ରାଜ୍ୟ ସରକାର କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ବନ୍ୟା ପ୍ରଭାବିତ ଲୋକମାନଙ୍କ ପାଖରେ ଶୁଖିଲା ଖାଦ୍ୟ, ପିଇବା ପାଣି, ଗାଈଗୋରୁଙ୍କ ପାଇଁ ଖାଦ୍ୟ, ଚାଷୀ ମାନଙ୍କ ପାଇଁ କୃଷି ଋଣ ଛାଡ ସହିତ ସାର ବିହନ ଲୋକମାନଙ୍କ ପାଖରେ କିପରି ପହଂଚିବ ସେ ବିଷୟରେ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। ଏହି ପ୍ରତିନିଧି ଦଳରେ କେନ୍ଦ୍ରାପଡା ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାସ, ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ କଂଗ୍ରେସ ଯୁବ ନେତା ପ୍ରଶାନ୍ତ କୁମାର ରାଉତଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ବନ୍ୟା ପାଣିରେ ପ୍ରାଣ ହରାଇଥିବା ପାଳପାଟଣା ଗ୍ରାମର ଦୀନବନ୍ଧୁ ଧଳଙ୍କ ଅସହାୟ ପରିବାରକୁ ଭେଟିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେବା ସହ ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ବାବଦ ପାଞ୍ଚ ଲକ୍ଷ୍ ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଯୋଗାଇ ଦେବାକୁ ଶ୍ରୀ ଦାସ ଦାବୀ କରିଛନ୍ତି।

## ପାଞ୍ଚ ଦଫା ଦାବିରେ ଶିକ୍ଷକ ସଂଘର ଧାରଣା

**ଆଳି,୨।୮ (ସଂଚାର ବ୍ୟୁରୋ):** ପାଞ୍ଚ ଦଫା ଦାବିରେ ଆଳି ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ଓଷ୍ଟା ଓ ଓଡିଶା ସ୍କୁଲ କଲେଜ ଶିକ୍ଷକ ସଂଘ ଏବଂ କର୍ମଚାରୀ ସମନ୍ୱୟ ସମିତିର ଶିକ୍ଷକ ମାନେ । ଶିକ୍ଷକ ମାନେ ଦୀର୍ଘ ୨୫ ବର୍ଷ ହେବ ବିଭିନ୍ନ ସମସ୍ୟା ଘେରରେ ଥିବା ବେଳେ ପୂର୍ବ ସରକାର ସେମାନଙ୍କ ଦାବି ପୂରଣ କରିନାହାନ୍ତି । ନୂତନ ସରକାର ବର୍ଷ ରୁ ଉର୍ଦ୍ଧ ହୋଇ ଥିବାରୁ ଶିକ୍ଷକଙ୍କ ଓ କର୍ମଚାରି ସମସ୍ୟା ଦିଗରେ ଦୃଷ୍ଟି ଦେବାକୁ ଅନୁରୋଧ ସହ ଏ ନେଇ ବିଇଓଙ୍କ ମାଧମରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି । ଆଗାମୀ ଦିନରେ ପାଞ୍ଚ ଦଫା ଦାବି ପୂରଣ ନହେଲେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଆନ୍ଦୋଳନ କରାଯିବା ସହ ରାଜ୍ୟ ସାରା ଆନ୍ଦୋଳନ କୁ ଜୋରଦାର କରାଯିବ ସହ ସରକାରଙ୍କୁ ଘେରାଉ କରାଯିବ ବୋଲି ଶିକ୍ଷକ ମାନେ ଚେତାବନୀ ଦେଇଛନ୍ତି ।




## ୱାରେଣ୍ଟି ଗିରଫ




**ସାଲେପୁର,୨।୮ (ସଂଚାର ବ୍ୟୁରୋ):** ସାଲେପୁର ପୁଲିସ ପକ୍ଷରୁ ଜଣେ ୱାରେଣ୍ଟିକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଲୁଣାହାର ଗ୍ରାମର ବସନ୍ତ ବେହେରା ୨୦୨୧ ମସିହାରେ ଜଗତ୍‌ସିଂହପୁର ଜିଲ୍ଲା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଠକେଇ କରି ନେଇଥିଲେ। ଏହି ଘଟଣାରେ ଜଗତ୍‌ସିଂହପୁର ଅଞ୍ଚଳ ଥାନାରେ ଏକ ମାମଲା ରୁଜୁ ହୋଇଥିବାବେଳେ ଉକ୍ତ ଦିନ ଠାରୁ ବସନ୍ତ ଫେରାର ଥିଲା। ଏହି ପୁରୁଣା ୱାରେଣ୍ଟି ବଳରେ ଆଜି ବସନ୍ତକୁ ସାଲେପୁର ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଧାରଣା

**ପଟ୍ଟାମୁଣ୍ଡାଇ,୨।୮ (ସଂଚାର ବ୍ୟୁରୋ):** ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ଆହ୍ୱାନରେ ବିଭିନ୍ନ ଶିକ୍ଷକ କର୍ମଚାରୀ ସଂଗଠନ ପକ୍ଷରୁ ସମସ୍ତ ଯୋଗ୍ୟ ବିବେଚିତ ସ୍କୁଲ ଓ କଲେଜକୁ ଅନୁଦାନ, ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ କଲେଜରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ, ପେନସନ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ଗ୍ରହଣ ବୟସ ୬୦ରୁ ୬୨କୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡ଼ପେରେ ଥିବା ଅସଂଗତି ଦୂରୀକରଣ,ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ସ୍କୁଲ କଲେଜ ଗୁଡିକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି, ୨୦୦୪ରୁ ୨୦୧୩ ମଧରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ସ୍କିମ ପୁନଃ ପ୍ରଚଳନ ଆଦି ୬ ଦଫା ଦାବୀ ନେଇ ଆଜି ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା ।

## ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମାତୃ ବିୟୋଗ



**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** ଆର ପାରିରେ ଓଡ଼ିଆ ସିନେମା ଜଗତର ଖ୍ୟାତନାମା ଅଭିନେତା ତଥା ଦିଗପହଣ୍ଡିର ବିଜେପି ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ମା' କନକ ମହାପାତ୍ରଙ୍କର ଆଜି ପରଲୋକ ଘଟିଛି। ସେ ଗତ କିଛି ଦିନ ହେବ ଅସୁସ୍ଥ ଥିଲେ। ସେ ଜଣେ ଧର୍ମପରାୟଣା, ପରୋପକାରୀ ମହିଳା ଭାବେ ପରିଚିତ ଥିଲେ। ଏଥିସହ ମା'ଙ୍କ ବିୟୋଗରେ ବିଧାୟକ ଶ୍ରୀ ମହାପାତ୍ର ଭାଙ୍ଗିପଡ଼ିଛନ୍ତି। ଶ୍ରୀମତୀ ମହାପାତ୍ରଙ୍କ ବିୟୋଗରେ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ଏଥିସହ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋସିଆଲ୍ ମିଡିଆ 'ଏକ୍ସ'ରେ ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ମଧ୍ୟ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାୟକ ସିଦ୍ଧାନ୍ତଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ଶ୍ରୀମତୀ ମହାପାତ୍ରଙ୍କ ଅନ୍ତିମ ଦର୍ଶନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ ମଧ୍ୟ ଉପସ୍ଥିତ ଥିଲେ।

# ହତ୍ୟା ଉଦ୍ୟମ ପୂର୍ବରୁ ବନ୍ଧାହେଲେ ୫

**ଭଞ୍ଜନଗର,୨।୮(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଭଞ୍ଜନଗର ପୁଲିସ ଗତ ଗୁରୁବାର ରାତିରେ ଏକ ବଡ଼ ଧରଣର ଅଘଟଣ ରୋକିବାରେ ସକ୍ଷମ ହୋଇଛି। ଏହି ମାମଲାରେ ଭଞ୍ଜନଗର ପୁଲିସ ଶନିବାର ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ଅଞ୍ଚଳର ୫ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୁଡ଼ଙ୍ଗଇ ଗ୍ରାମର ସନ୍ତୋଷ ପରିଡ଼ା, ଶକ୍ତିକାନ୍ତ ପରିଡ଼ା, ସୁରେଶ ପରିଡ଼ା, ତରବାଇ ଗ୍ରାମର ସୁମନ୍ତ ଭଞ୍ଜ ଓ ଗଣ୍ଡାପଦ ଗ୍ରାମର ଆଶୁତୋଷ ବାରିକ। ସେମାନଙ୍କଠାରୁ ପୁଲିସ ଗୋଟିଏ କାର୍, ଗୋଟିଏ ମାଉଜର, ଗୋଟିଏ ଛୁରୀ, ୩ଟି ଜୀବନ୍ତ ଗୁଳି, ଗୋଟିଏ କେଟ୍ରିଜ୍ ଜବତ କରିଛି। ମିଳିଥିବା ସୂଚନାନୁସାରେ, ଡେଲାଙ୍ଗ ଥାନା ଅନ୍ତର୍ଗତ ଗଣ୍ଡାପଡ଼ ଗ୍ରାମର ସୋମନାଥ ପଣ୍ଡା ବୋଲଗଡ଼ରେ ଏକ କମ୍ପାନୀରେ କାମ କରୁଥିଲେ। ଏହି ସମୟରେ ତାଙ୍କରି ଗ୍ରାମର ଆଶୁତୋଷ ବାରିକଙ୍କୁ ଆଣି ସେଠୀ ନିଯୁକ୍ତି ଦେଲେ। ଏହାପରେ ସୋମନାଥଙ୍କ ଗଞ୍ଜାମ ଜିଲା ଗାଙ୍ଗପୁର ଥାନା ଅନ୍ତର୍ଗତ ଗୋବରାକୁ ବଦଳି ହୋଇଯାଇଥିଲା। ଏହି ସମୟରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଥିଲା। ଗତ ଗୁରୁବାର ରାତିରେ ଆଶୁତୋଷ ସମସ୍ୟାର ସମାଧାନ କରିବା ପାଇଁ ସୋମନାଥଙ୍କୁ ଭଞ୍ଜନଗର ଥାନା ଜାମପଲ୍ଲୀ ମନ୍ଦିର ନିକଟକୁ ଡାକିଥିଲେ। କିନ୍ତୁ ଆଶୁତୋଷ ୫ ଜଣଙ୍କୁ ଧରି ଆସିଥିଲେ କିଛି ଅଘଟଣ ଘଟାଇବା ପାଇଁ। ସୋମନାଥ ସେଠାକୁ ଯିବା ପରେ କାର୍ ଗାଡ଼ିରୁ ୬ ଜଣ ଓହ୍ଲାଇ ସୋମନାଥଙ୍କୁ ମାଡ଼ ମାରିଥିଲେ। ଏନେଇ ପଥଚାରୀମାନେ ଦେଖି ୧୧୨କୁ ଫୋନ କରି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। ଏହାପରେ କିଛି ମିନିଟ୍ ମଧ୍ୟରେ ଥାନା ଅଧିକାରୀ ଜୀବନାନନ୍ଦ ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସୋମନାଥଙ୍କୁ ଉଦ୍ଧାର କରିବା ସହ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ମାମଲାରେ ଆଉ ଜଣେ ଫେରାର ହୋଇଯାଇଛନ୍ତି। ୧୧୨ ଫୋନ୍ ସୂଚନା ପାଇ ପୋଲିସ ଏକ ବଡ଼ଧରଣର ଗଣ୍ଡଗୋଳକୁ ରୋକିବାରେ ସକ୍ଷମ ହୋଇଛି।





## ସମବାୟ ମନ୍ତ୍ରୀଙ୍କ ଘୋଷଣା
## ପ୍ରତି ଜିଲ୍ଲାରେ ଖୋଲିବ ମଣ୍ଡି

**ଭୁବନେଶ୍ୱର, ୨।୮ (ସଂଚାର ବ୍ୟୁରୋ) :** ରାଜ୍ୟରେ ଆସନ୍ତା ବର୍ଷ ସୁଦ୍ଧା ସମସ୍ତ ଜିଲାରେ ୩୮ଟି ମଡେଲ ମଣ୍ଡି ହେବ ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଆବଶ୍ୟକତାକୁ ଦେଖି ବଡ଼ ଜିଲାରେ ୨ଟି ଲେଖାଏ ମଣ୍ଡି ହେବ। ମଡେଲ ମଣ୍ଡିରେ ପାନୀୟ ଜଳ, ଶୌଚାଳୟ, ବିଶ୍ରାମାଗାର, ବିଜୁଳି ବ୍ୟବସ୍ଥା, ଦୋକାନ, ଏସ୍‌ଏଚ୍‌ଜି ମହିଳାଙ୍କ ଦ୍ୱାରା ଟିଫିନ୍ ସେଣ୍ଟର, ପାର୍କିଂ ଆଦି ବ୍ୟବସ୍ଥା ରହିବ। ମଡେଲ ମଣ୍ଡିର ରୂପରେଖ କେମିତି ରହିବ ସେ ନେଇ ସମବାୟ ମନ୍ତ୍ରୀ ବଳସାମନ୍ତ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ମଡେଲ ମଣ୍ଡି ପ୍ରତିଷ୍ଠା ନେଇ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ବୈଠକରେ ଉପସ୍ଥିତ ରହି ତଥ୍ୟ ରଖିଛନ୍ତି।

## ବାଲେଶ୍ୱର-ବରପାଲି ସାରସ୍ୱତ ସଂପ୍ରୀତି ଯାତ୍ରା



**ବାଲେଶ୍ୱର,୨।୮(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ସ୍ରଷ୍ଟା ନାଟ୍ୟାଳୟ ପରିସରରେ 'ବାଲେଶ୍ୱର-ବରପାଲି ସାରସ୍ୱତ ସମ୍ପ୍ରୀତି ଯାତ୍ରା' ଶୀର୍ଷକ କାର୍ଯ୍ୟକ୍ରମ ଉପସଭାପତି ଅଭିନେତା ନିରଞ୍ଜନ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଛି। ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଆସନ୍ତା ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପଶ୍ଚିମାଞ୍ଚଳ ସାରସ୍ୱତ ଯାତ୍ରା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି। ଏହି ସୂଚନାନୁସାରେ, ଆସନ୍ତା ୬ ତାରିଖ ରାତିରେ ବାଲେଶ୍ୱର ଷ୍ଟେସନ ପରିସରରେ ଯାତ୍ରାର ଅଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ମାନ୍ୟବର ବିଧାୟକ ଯୋଗ ଦେବାପାଇଁ ସମ୍ମତି ପ୍ରଦାନ କରିଛନ୍ତି। ୭ ତାରିଖ ଗୁରୁବାର ଅପରାହ୍ଣ ୩ ଘଟିକା ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟଠାରେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଗଙ୍ଗାଧରଙ୍କ ସମ୍ପର୍କିତ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ହେମେନ୍ଦ୍ର ମହାପାତ୍ରଙ୍କ ରଚିତ 'କମ୍ବଳ' ନାଟକ ପ୍ରଦର୍ଶିତ ହେବ ତଥା ଦୁଇଜଣ ବରିଷ୍ଠ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ। ସନ୍ଧ୍ୟା ସମୟରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଓଡ଼ିଶାର ବିଶିଷ୍ଟ ଗୀତିକାର ବିନୋଦ ପଶାୟତଙ୍କୁ ସାକ୍ଷାତ୍ କରି ସମ୍ବର୍ଦ୍ଧନା ପ୍ରଦାନ କରିବେ। ୮ ତାରିଖ ଶୁକ୍ରବାର ସନ୍ଧ୍ୟାରେ ବରଗଡ଼ର ଗାନ୍ଧିସ୍ମୃତି ପାଠାଗାରଠାରେ ସେଠିକାର ସାହିତ୍ୟିକ ସାହିତ୍ୟିକାମାନଙ୍କ ଗ୍ରହଣରେ ଗଙ୍ଗାଧରଙ୍କ ସମ୍ପର୍କିତ ସାରସ୍ୱତ ଆଲୋଚନା ଅନୁଷ୍ଠିତ ହେବ। ୯ ତାରିଖ ଶନିବାର ସ୍ୱଭାବ କବି ଗଙ୍ଗାଧରଙ୍କ ଜୟନ୍ତୀ ଦିବସରେ ଦିବସବ୍ୟାପୀ କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିବେ। ପୂର୍ବାହ୍ଣରେ ଗଙ୍ଗାଧରଙ୍କ ଗୃହାଙ୍ଗନରେ ଏକ ଆଲୋଚନା ଅନୁଷ୍ଠିତ ହେବ। ସମସ୍ତ ସାହିତ୍ୟିକ ଏକ ଜ୍ୟୋତିଯାତ୍ରାରେ ବାହାରି ନିକଟସ୍ଥ ମହାବିଦ୍ୟାଳୟଠାରେ ଉପସ୍ଥିତ ହେବେ ଏବଂ ସେଠାରେ ଗଙ୍ଗାଧର ସାହିତ୍ୟର ଆଲୋଚନା କରାଯିବ। ସନ୍ଧ୍ୟାରେ ବରପାଲିଠାରେ ଗଙ୍ଗାଧର ମେହେର କ୍ଲବ୍‌ର ସହଯୋଗିତାରେ ଓଡ଼ିଶା ସାହିତ୍ୟ ଏକାଡେମୀ ଯେଉଁ ସାରସ୍ୱତ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବ ସେଥିରେ ମଧ୍ୟ ବାଲେଶ୍ୱରର ସାହିତ୍ୟ ପ୍ରେମୀ ଯୋଗ ଦେବେ। ବରଗଡ଼ ଓ ବରପାଲିଠାରେ ଉତ୍ସବରେ ନାଟକ ମଧ୍ୟ ପରିବେଷଣ କରାଯିବ। ୧୦ ତାରିଖ ରବିବାର ପୂର୍ବାହ୍ଣରେ ସମ୍ବଲପୁରରେ 'କଲମ' ସାହିତ୍ୟ ଅନୁଷ୍ଠାନ ସହ ମିଳିତ ଭାବରେ ଏକ ସାରସ୍ୱତ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେବ। ବାଲେଶ୍ୱରଠାରୁ ୪୧ ଜଣ ସାରସ୍ୱତ ସାଧକ ସାଧିକା ବରପାଲିକୁ ଯାତ୍ରା କରିବେ। ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧୋତ୍ସବର ଶତବାର୍ଷିକୀ ପୂର୍ତ୍ତି ସର୍ବତ୍ର ପାଳନ କରାଯାଉଥିବା ଯୋଗୁଁ ଏହି ସମ୍ପ୍ରୀତି ଯାତ୍ରାର ଓଡ଼ିଆ ସାହିତ୍ୟକୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି ବୋଲି ଉତ୍ସବରେ ଅଂଶ ଗ୍ରହଣ କରିଥିବା ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ। ସଂଗଠନ ସମ୍ପାଦକ ତପନ ରାୟ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଜୁମର ନାଥ ପାତ୍ର ଅତିଥିମାନଙ୍କର ମଞ୍ଚଆହ୍ୱାନ ଓ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନରସିଂହପୁର ବ୍ଲକ୍ ଦୁଇ କର୍ମଚାରୀଙ୍କୁ ୨୦ ହଜାର ଜରିମାନା




**ଆଠଗଡ଼,୨।୮ (ସଂଚାର ବ୍ୟୁରୋ) :** ନରସିଂହପୁର ବ୍ଲକ୍‌ର ଦୁଇ କର୍ମଚାରୀଙ୍କ ଉପରେ ସୂଚନା କମିଶନଙ୍କ ଛାଟ । ଦୁଇ ସରକାରୀ କର୍ମଚାରୀଙ୍କୁ ଜରିମାନା। ୨୦ ହଜାର ଟଙ୍କା ଜରିମାନା ଗଣିବେ ଦୁଇ ଅଧିକାରୀ । ସୂଚନାଯୋଗ୍ୟ ଯେ, କଟକ ଜିଲ୍ଲା ନରସିଂହପୁର ବ୍ଲକ୍ ଅନ୍ତର୍ଗତ ଜୟମଙ୍ଗଳ ପଞ୍ଚାୟତ ଅନ୍ତର୍ଗତ ସ୍ୱପ୍ନେଶ୍ୱର ବିଦ୍ୟାପୀଠରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କଟକ ପକ୍ଷରୁ ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଟଙ୍କା ଆସିଥିଲା । ମଣ୍ଡାତୋଠ ଓ ଜୟମଙ୍ଗଳ ପାଇଁ ୫ ଲକ୍ଷ ଟଙ୍କା ବିଭାଗୀୟ ଅନୁଦାନ ଆସିଥିଲା । କାର୍ଯ୍ୟ ସଠିକ୍ ଭାବେ ହୋଇଛି । କିନ୍ତୁ ତା ପରେ ପୁଣି ସେଇ ବିଲ୍ଡିଂରେ ସେଇ ଫଳକକୁ ଲିଭାଇ ଦେଇ ଅତିରିକ୍ତ ଶ୍ରେଣୀ ଗୃହ ସ୍ୱପ୍ନେଶ୍ୱର ବିଦ୍ୟାପୀଠ ଘୋରାଡ଼ିଆ ନାଁରେ ଆଉ ୫ଲକ୍ଷ ଟଙ୍କା ଉଠାଇ ଦିଆଯାଇଛି । ଏହାର କୌଣସି ତଥ୍ୟ ପ୍ରମାଣ ସୂଚନା ଅଧିକାର କର୍ମୀଙ୍କ ନିକଟରେ ଦାଖଲ କରିପାରି ନଥିଲେ ଯନ୍ତ୍ରୀ ଲିଙ୍ଗରାଜ ରାଉତରାୟ ଓ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭେଦ ରାଉତରାୟ । ଏହି ଦୁଇ କର୍ମଚାରୀ ପୂର୍ବ ସରକାରରେ ଆସୁଥିବା ଅର୍ଥକୁ ସଠିକ୍ ବିନିଯୋଗ ନକରି ଅର୍ଥ ହଡ଼ପ କରି ଚାଲିଥିଲେ । ଏନେଇ ନରସିଂହପୁର ବ୍ଲକ୍ ସୂଚନା ଅଧିକାର କର୍ମୀ ବିଷ୍ଣୁଚରଣ ସେଠୀ ନରସିଂହପୁର ବ୍ଲକ୍‌କୁ ସୂଚନା ମାଗିଥିଲେ । ଯାହା କି ଦୁର୍ନୀତି ହୋଇଥିବା ବେଳେ ବ୍ଲକ୍ ତରଫରୁ କୌଣସି ତଥ୍ୟ ଦିଆଗଲା ନାହିଁ । ଏନେଇ ସୂଚନା କମିଶନଙ୍କ ନିକଟରେ ଅଭିଯୋଗ ପରେ ଦୁଇ ସରକାରୀ କର୍ମଚାରୀଙ୍କ ଉପରେ ୨୦ ହଜାର ଟଙ୍କା ଫାଇନ୍ କରିଛନ୍ତି ସୂଚନା କମିଶନର ।

## ଯୋଗାଣ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା କଂଗ୍ରେସ

**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ)** ଗତ ୨୦୨୪ ସାଧାରଣ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବାରୁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଇସ୍ତଫା ଦାବି କରିଛନ୍ତି ପ୍ରଦେଶ କଂଗ୍ରେସ କମିଟି। ଆଜି ଶନିବାର ପୂର୍ବାହ୍ଣରେ କଂଗ୍ରେସ ଭବନଠାରେ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଦୁଇ ବରିଷ୍ଠ ଉପସଭାପତି ତଥା ଉଭୟ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ ଏବଂ ଲଲାଟେନ୍ଦୁ ମହାପାତ୍ର ତଥା ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି ଏହା ଦାବି କରିଛନ୍ତି। ଗତ ୨୦୨୧ରେ ଏକ ଜମି କିଣିବା ବାବଦରେ ନିରଞ୍ଜନ ଶତପଥୀ ନାମକ ଜନୈକ ବ୍ୟକ୍ତିଙ୍କ ଦ୍ୱାରା ୨୫ ଲକ୍ଷ ଟଙ୍କାର ଠକେଇ ଶିକାର ହେବା ନେଇ ମନ୍ତ୍ରୀ ଶ୍ରୀ ପାତ୍ର ନିକଟରେ ଏତଲା ଦେଇଥିଲେ। ଫଳତଃ ସେ ତାଙ୍କ ସତ୍ୟପାଠରେ ଭୁଲ୍ ତଥ୍ୟ ଦେଇଥିବା ପ୍ରମାଣିତ ହୋଇଛି। ସମ୍ବିଧାନର ଧାରା ୨୩୪ ଓ ୧୯୫୧ ଜନପ୍ରତିନିଧି ଆଇନର ଉପଧାରା ୩୩/୩୬ ଅନୁସାରେ ନିର୍ବାଚନ ଆୟୋଗ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବା ଉଚିତ। ସେହିଭଳି ମିଥ୍ୟା ସତ୍ୟପାଠ କରିଥିବା ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ କିଭଳି ମନ୍ତ୍ରିମଣ୍ଡଳରେ ସାମିଲ କରିଛନ୍ତି, ସେନେଇ ମଧ୍ୟ କଂଗ୍ରେସ ନେତାମାନେ



ପ୍ରଶ୍ନ କରିଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ ଗତ ନିର୍ବାଚନରେ ମନ୍ତ୍ରୀ ଶ୍ରୀ ପାତ୍ର ତାଙ୍କ ସତ୍ୟପାଠରେ ମୋଟ ୭ ଲକ୍ଷ ୩୫ ହଜାର ୯୦ ଟଙ୍କା ଥିବା ବେଳେ ସେ କିଛି ବି ଋଣ କରି ନଥିବା ଦର୍ଶାଇଥିଲେ। ବାର୍ଷିକ ୨୦ ଲକ୍ଷ ଟଙ୍କା ଉପାର୍ଜନ କରୁଥିବା ନେଇ ସେ ସତ୍ୟପାଠରେ ଦର୍ଶାଇଛନ୍ତି। କିନ୍ତୁ ସତ୍ୟପାଠରେ ସେ ଜମିକିଣା ବାବଦରେ ପ୍ରଦାନ କରିଥିବା ଅଗ୍ରୀମ ୨୫ ଲକ୍ଷ ଟଙ୍କା ନେଇ କିଛି ବି ଉଲ୍ଲେଖ କରିନଥିଲେ। ତେଣୁ ଏବେ ଏହା ସାମ୍ନାକୁ ଆସିଥିବା ବେଳେ ନିର୍ବାଚନ ଆୟୋଗ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି। ସେହିପରି ଶ୍ରୀ ପାତ୍ର ବିଗତ ଦିନରେ ଧାନକିଣା, ଆଳୁ ଆମଦାନୀ ଆଦି ପ୍ରସଙ୍ଗରେ ବିବାଦୀୟ ମନ୍ତବ୍ୟ ଦେଇ ସରକାରଙ୍କୁ ଅଡୁଆରେ ପକାଇଛନ୍ତି। ଗତ ୨୦୦୪ରେ ଢେଙ୍କାନାଳରେ ଆଦିବାସୀ ଜମିକିଣା ମାମଲାରେ ଶ୍ରୀ ପାତ୍ରଙ୍କ ସମ୍ପୃକ୍ତି ଥିବାର ଅଭିଯୋଗ ମଧ୍ୟ ଆସିଥିଲା। ତେଣୁ ନୈତିକତା ଦୃଷ୍ଟିକୋଣରୁ ମନ୍ତ୍ରୀ ଶ୍ରୀ ପାତ୍ର ଇସ୍ତଫା ଦିଅନ୍ତୁ ନଚେତ୍ ମୁଖ୍ୟମନ୍ତ୍ରୀ ତାଙ୍କୁ ବରଖାସ୍ତ କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି।

## ବେଦାନ୍ତ ଦକ୍ଷତା ତାଲିମ କେନ୍ଦ୍ରର ପ୍ରଥମ ବ୍ୟାଚ୍ ତାଲିମ୍ ସମାପ୍ତ



### ୯୨ ପ୍ରତିଶତ ନିଯୁକ୍ତି ହାର ହାସଲ

**ଲାଞ୍ଜିଗଡ଼,୨।୮(ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍, ଲାଞ୍ଜିଗଡ଼ରେ ଏହାର ପ୍ରମୁଖ ଦକ୍ଷତା ତାଲିମ ପଦକ୍ଷେପ ମାଧ୍ୟମରେ ଏହାର ପ୍ରଥମ ବ୍ୟାଚ୍ ଖାଦ୍ୟ ଏବଂ ପାନୀୟ (ଏଫ୍‌ଆଣ୍ଡବି) ତାଲିମ ସମାପ୍ତ କରିଛି। ଏକ ପ୍ରଭାବଶାଳୀ ୯୨ ପ୍ରତିଶତ ନିଯୁକ୍ତି ହାର ହାସଲ କରିଛି। ଏହି ମାଇଲଖୁଣ୍ଟ ସ୍ଥାନୀୟ ଯୁବକମାନଙ୍କୁ ଶିଳ୍ପ-ପ୍ରସ୍ତୁତ ଦକ୍ଷତା ସହ ସଜ୍ଜିତ କରିବା ଓ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ସ୍ପଷ୍ଟ କରୁଛି। ଚାକିରି ସ୍ଥାନ ବ୍ୟତୀତ କାର୍ଯ୍ୟକ୍ରମ ଡିଜିଟାଲ୍ ଶିକ୍ଷାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି। ସମସ୍ତ ଅଂଶଗ୍ରହଣକାରୀ ପ୍ରଶିକ୍ଷାର୍ଥୀ ୪୦ ଘଣ୍ଟାର ଆଇଟି ସାକ୍ଷରତା ତାଲିମ ସମାପ୍ତ କରିଛନ୍ତି, ଯାହା ଡିଜିଟାଲ୍ ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୯୦ ପ୍ରତିଶତ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଏହା ଡିଜିଟାଲ୍ ଶିକ୍ଷା ପ୍ରତି ସେମାନଙ୍କର ପ୍ରଥମ ଅଭିଜ୍ଞତା ଥିଲା, ଯାହା ସେମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ପାଇଁ ଦକ୍ଷତା ପ୍ରଦାନ କରିଛି।

ଏନେଇ ବେଦାନ୍ତ ଆଲୁମିନା (ବ୍ୟବସାୟ) ସିଇଓ, ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ ବେଦାନ୍ତରେ ସାମୁଦାୟିକ ବିକାଶର ସ୍ଥାୟୀ ଅଭିବୃଦ୍ଧିକୁ ଗୁରୁତ୍ୱ ଦିଆଯାଇଛି। ଯୁବକମାନେ ସଠିକ୍ ଦକ୍ଷତା ଓ ଏକ୍ସପୋଜର୍ ପାଇଲେ ଏହା ପରିବାର, ସମ୍ପ୍ରଦାୟ ଓ ସ୍ଥାନୀୟ ଅର୍ଥନୀତି ପାଇଁ ପ୍ରଗତିର ଏକ ଶୃଙ୍ଖଳିତ ପ୍ରତିକ୍ରିୟା ସୃଷ୍ଟି କରିଥାଏ। ଏହି ଉଲ୍ଲେଖନୀୟ ନିଯୁକ୍ତି ମାଇଲଖୁଣ୍ଟ ଶିଳ୍ପ ଓ ସମ୍ପ୍ରଦାୟ ଅଂଶଗ୍ରହଣ ଏକାଠି ହେଲେ କ'ଣ ସମ୍ଭବ ତାହା ପ୍ରତିଫଳିତ କରେ। ଆମେ କେନ୍ଦ୍ରିତ, ଫଳାଫଳ-ଚାଳିତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ କଳାହାଣ୍ଡିର ଯୁବପିଢ଼ିଙ୍କ ଆକାଂକ୍ଷାକୁ ସକ୍ଷମ କରିବା ପାଇଁ ଗଭୀର ପ୍ରତିବଦ୍ଧ। ନାବାର୍ଡର ଜିଲ୍ଲା ବିକାଶ ପରିଚାଳକ ମହେଶ୍ୱର ଦାସ କହିଛନ୍ତି ଯେ ଏପରି ପଦକ୍ଷେପ ପରିବର୍ତ୍ତନର ଏକ ଶକ୍ତିଶାଳୀ ସମର୍ଥକ। ଏହା ଗ୍ରାମୀଣ ସମ୍ଭାବନା ଓ ମୁଖ୍ୟଧାରାର ସୁଯୋଗ ମଧ୍ୟରେ ସେତୁ ସ୍ଥାପନ କରିଥାଏ। ସ୍ଥାନୀୟ ଯୁବକମାନଙ୍କ ପାଇଁ ସ୍ଥାୟୀ ଜୀବିକା ପଥ ସୃଷ୍ଟି କରିବାରେ ବେଦାନ୍ତର ପ୍ରୟାସ ପ୍ରକୃତରେ ପ୍ରଶଂସନୀୟ। ସମଗ୍ର ଅଞ୍ଚଳରେ ସାମଗ୍ରିକ, ତୃଣମୂଳ ସ୍ତରର ନେତୃତ୍ୱାଧୀନ ବିକାଶକୁ ଆଗେଇ ନେବା ପାଇଁ ଏହି ସହଭାଗିତାକୁ ଆହୁରି ଗଭୀର କରିବାକୁ ଅପେକ୍ଷା କରାଯାଉଛି ବୋଲି ଶ୍ରୀ ଦାସ କହିଛନ୍ତି। ଏକ ବ୍ୟାପକ ଦକ୍ଷତା ଢାଞ୍ଚା ଅନୁସରଣ କରି ବେଦାନ୍ତ ଲାଞ୍ଜିଗଡ଼ ଦକ୍ଷତା ତାଲିମ ପଦକ୍ଷେପ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଓ ନାବାର୍ଡ ସହଯୋଗରେ ତିନି ବର୍ଷ ମଧ୍ୟରେ ୧୨୦୦ରୁ ଅଧିକ ଗ୍ରାମୀଣ ଯୁବକଙ୍କୁ ତାଲିମ ଦେବାର ଲକ୍ଷ୍ୟ ରଖିଛି।

## ପ୍ରବଳ ବର୍ଷା ସହ ବଜ୍ରପାତ, ୩୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



**ଭୁବନେଶ୍ୱର, ୨।୮ (ସଂଚାର ବ୍ୟୁରୋ) :** ଭିଜିବ ସାରା ଓଡ଼ିଶା । ବର୍ଷା ସାଙ୍ଗକୁ ପ୍ରବଳ ବଜ୍ରପାତ ଓ ଝଟକା ପବନ ବହିବାର ସମ୍ଭାବନା ରହିଛି । ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନଥିଲେ ମଧ୍ୟ ବାୟୁ ମଣ୍ଡଳରେ ଥିବା ଜଳୀୟବାଷ୍ପର ପରିମାଣକୁ ନେଇ ଓଡ଼ିଶାର ଅଧିକାଂଶ ଜିଲ୍ଲାରେ ବର୍ଷା ହେବ । ଆସନ୍ତା 6 ତାରିଖ ଯାଏଁ ବର୍ଷା ସାଙ୍ଗକୁ ବିଜୁଳି ଘଡ଼ଘଡ଼ି ଲାଗି ରହିବ । ଯାହାକୁ ନେଇ ୩୦ ଯାକ ଜିଲ୍ଲାକୁ ପାଣିପାଗ ବିଭାଗ ୟେଲୋ ଚେତାବନୀ ଜାରି କରିଛି । ଆଗାମୀ ୨୪ ଘଣ୍ଟା ମଧ୍ୟରେ ବର୍ଷା ସାଙ୍ଗକୁ ପ୍ରବଳ ବଜ୍ରପାତ ନେଇ ପାଣିପାଗ ବିଭାଗ ୨୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଜିଲ୍ଲାଗୁଡ଼ିକ ହେଉଛି କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର । ଏସବୁ ଜିଲ୍ଲାରେ ପବନର ଘଣ୍ଟାପ୍ରତି ବେଗ ୩୦-୪୦ କିମି ରହିବ ।

## ଆଇନଜୀବୀ ଲାଇସେନ୍ସ ପାଇଁ ଅନ୍‌ଲାଇନ ପଞ୍ଜୀକରଣ

**କଟକ,୨।୮(ସଂଚାର ବ୍ୟୁରୋ):** ରାଜ୍ୟ ଆଇନଜୀବୀମାନଙ୍କର ସର୍ବୋଚ୍ଚ ନିୟାମକ ସଂସ୍ଥା ରାଜ୍ୟ ଆଇନଜୀବୀ ପରିଷଦରେ ଆଡଭୋକେଟ ଲାଇସେନ୍ସ ପାଇଁ ଆବେଦନ ପ୍ରକ୍ରିୟାର ସରଳୀକରଣ ପାଇଁ ଅନଲାଇନ ପଞ୍ଜୀକରଣ ପ୍ରକ୍ରିୟା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ବିଭିନ୍ନ ଆଇନ କଲେଜରୁ ଆଇନରେ ସ୍ନାତକ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀମାନେ ଏବେ ରାଜ୍ୟ ବାର କାଉନସିଲକୁ ଆସି ଆଇନଜୀବୀ ପଞ୍ଜୀକରଣ ଫର୍ମ ଦାଖଲ କରିବା ପରିବର୍ତ୍ତେ ରାଜ୍ୟ ବାର କାଉନସିଲ ୱେବସାଇଟ ଜରିଆରେ ଫର୍ମ ଦାଖଲ କରିପାରିବେ। ଏହି ଅନଲାଇନ ପଞ୍ଜୀକରଣ ବ୍ୟବସ୍ଥାକୁ ସକ୍ରିୟ ଭାବେ ଚାଲୁ ରଖିବା ପାଇଁ ଡିଜିଟାଇଜେସନ ମାଧ୍ୟମରେ ରାଜ୍ୟ ବାର କାଉନସିଲ ଭବିଷ୍ୟତରେ ଅନେକ ପ୍ରଗତିଶୀଳ ଓ ଅଭିନବ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ରାଜ୍ୟ ଆଇନଜୀବୀ ପରିଷଦର ସମ୍ପାଦକ ଯଯାତି କେଶରୀ ସାମନ୍ତସିଂହାର ସୂଚନା ଦେଇଛନ୍ତି।

# ମହାନଦୀ ସମସ୍ୟା ପାଇଁ ଦାୟୀ କିଏ ?

**ଭୁବନେଶ୍ୱର,୨।୮:** ମହାନଦୀ ପ୍ରସଙ୍ଗକୁ ଅତୀତରେ ଓଡ଼ିଶା ସରକାର ହାଲୁକା ଭାବେ ନେଇଥିବାରୁ ସମସ୍ୟା ଜଟିଳ ହୋଇଛି । ଏହା ସତ୍ତ୍ୱେ ବି ମହାନଦୀକୁ ବଞ୍ଚାଇବା ପାଇଁ ଦଳମତ ନିର୍ବିଶେଷରେ ସ୍ୱର ଉତ୍ତୋଳନ ପାଇଁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ମତ ବ୍ୟକ୍ତ କରିଛନ୍ତି। ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ଏଠାରେ ଅନୁଷ୍ଠିତ ଏକ ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ମହାନଦୀ ପ୍ରସଙ୍ଗରେ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଗତ ୧୯୯୩ରେ ଏକ ଦ୍ୱିପାକ୍ଷୀକ ବୁଝାମଣା ହୋଇଥିଲା। ଏହି ବୁଝାମଣାକୁ କିଏ ଉଲ୍ଲଂଘନ କରିଛି ସେ ସଂପର୍କରେ ଅନୁଧ୍ୟାନ କରାଯିବା ଆବଶ୍ୟକ। ଦୁଇ ରାଜ୍ୟ ମଧ୍ୟରେ ନଦୀଜଳକୁ ନେଇ ବିବାଦ ଉପୁଜିଲେ ତାହାର ସମାଧାନ ରିଭର ବୋର୍ଡ ଆକ୍ଟ ଅନୁଯାୟୀ କରିବା ଲାଗି ଯେଉଁ ଆଇନ୍‌ଗତ ବ୍ୟବସ୍ଥା ରହିଛି ଏବଂ ଏ ପ୍ରସଂଗରେ ସମ୍ବିଧାନରେ ଯାହା ଉଲ୍ଲେଖ ରହିଛି ତାହାକୁ କାହିଁକି କାର୍ଯ୍ୟକାରୀ କରାଯାଉନାହିଁ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି ।



ମହାନଦୀର ଉପର ମୁଣ୍ଡରେ ଛତିଶଗଡ଼ରେ ବ୍ୟାପକ ସଂଖ୍ୟକ ବନ୍ଧ ନିର୍ମାଣ ଲାଗି ୨୦୦୯ ମସିହାରେ ଯେଉଁ ଅନୁମୋଦନ ମିଳିଥିଲା ତାହା ପୂର୍ବରୁ କେନ୍ଦ୍ରୀୟ ଜଳ କମିଶନ ଉଭୟ ରାଜ୍ୟର ମିଳିତ ବୈଠକ ଲାଗି ଯେଉଁ ନୋଟିସ୍ ଦେଇଥିଲେ ତଦନୁଯାୟୀ ଓଡ଼ିଶା ଯୋଗ ନଦେବାରୁ ଏକପାଖିଆ ଭାବେ ଛତିଶଗଡ଼ ସପକ୍ଷରେ ବନ୍ଧ ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା । ଏହାଛଡ଼ା ମହାନଦୀର ଜଳ ମାପିବା ପାଇଁ ଛତିଶଗଡ଼ର କଲ୍‌ମା ଠାରେ ଓଡ଼ିଶାର ଯେଉଁ ସରକାରୀ କର୍ମଚାରୀମାନେ ରହିଛନ୍ତି ସେମାନେ ସେଠାରେ ବନ୍ଧ ନିର୍ମାଣ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କୁ ସୂଚାଇଥିଲେ କି ନାହିଁ ସେ ସଂକ୍ରାନ୍ତରେ ମଧ୍ୟ ଅନୁଧ୍ୟାନ କରାଯିବା ଆବଶ୍ୟକ ।

ମହାନଦୀ ଓ ତା'ର ଉପନଦୀଗୁଡ଼ିକ ଉପରେ କଳକାରଖାନାକୁ ଜଳ ଯୋଗାଣ ପାଇଁ ଚୁକ୍ତି କରି ଛତିଶଗଡ଼ ମାଳମାଳ ବନ୍ଧ ନିର୍ମାଣ କରୁଥିବା ବେଳେ ଓଡ଼ିଶାରେ ଏଥିଯେନି ପ୍ରତିକ୍ରିୟା ପ୍ରକାଶ ପାଇବାରେ ରାଜ୍ୟ ସରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସରକାରଙ୍କ ପକ୍ଷରୁ ପାଲଟା ମନ୍ତବ୍ୟ ଦିଆଯାଇଥିଲା ଯେ ଛତିଶଗଡ଼ ଶତାଧିକ ବନ୍ଧ ନିର୍ମାଣ କଲେ ମଧ୍ୟ ମହାନଦୀର କିଛି କ୍ଷତି ହେବ ନାହିଁ । ଏଭଳି ଦାୟିତ୍ୱହୀନ ବିବୃତି କିଏ, କାହିଁକି ଓ କାହାର ସ୍ୱାର୍ଥ ସାଧନ ପାଇଁ ଦେଇ ସରକାରକୁ ଭୁଲ ବାଟରେ ପରିଚାଳନା କରିଥିଲେ ସେ ସଂକ୍ରାନ୍ତରେ ୧୦ବର୍ଷ ହେବ ବ୍ୟବସ୍ଥା କାହିଁକି ନିରବ ରହିଛି ବୋଲି ଶ୍ରୀ ତ୍ରିପାଠୀ ପ୍ରଶ୍ନ ଉଠାଇଛନ୍ତି । ମହାନଦୀ ଓ ତା'ର ଶାଖା ନଦୀଗୁଡ଼ିକ ଅଣ ମୌସୁମୀ ଋତୁରେ ଯେଭଳି ଶୁଖିଲା ପଡୁଛନ୍ତି ତାହାର ପ୍ରଭାବ କେବଳ ନଦୀ ତଟବର୍ତ୍ତୀ ଜନଜୀବନ ଉପରେ ପଡୁନାହିଁ, ଭୂତଳ ଜଳସ୍ତର ଠାରୁ ଆରମ୍ଭ କରି ବନ୍ୟଜନ୍ତୁ ଏମିତିକି ଚାଷ ଓ ପାନୀୟ ଜଳ ଉପରେ ମଧ୍ୟ ତାହାର ପ୍ରତିକୂଳ ପ୍ରଭାବ ବଢ଼ିବଢ଼ି ଚାଲୁଛି । ଏ ପରିପ୍ରେକ୍ଷୀରେ ଦୀର୍ଘ ବର୍ଷ ଧରି ମହାନଦୀ ଟ୍ରିବ୍ୟୁନାଲ୍‌ରେ ମାମଲା ପଡ଼ି ରହିଥିଲେ ମଧ୍ୟ ଶେଷ ନିଷ୍ପତ୍ତି କେବେ ଆସିବ ତାହା ଜଣାନାହିଁ । ତେଣୁ କେନ୍ଦ୍ର ସରକାର ଏଥିରେ ତୁରନ୍ତ ହସ୍ତକ୍ଷେପ କରି ଉଭୟ ରାଜ୍ୟ ସରକାରଙ୍କ ସହିତ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଲାଗି ସେ ସ୍ପଷ୍ଟ ପ୍ରସ୍ତାବ ଦେବା ସହ ଏହି ବ୍ୟାପାରରେ ତୁରନ୍ତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ ମହାନଦୀ ଜଳ ବିବାଦ ପ୍ରସଂଗରେ ଉଭୟ ରାଜ୍ୟ ସରକାରଙ୍କ ମଧ୍ୟରେ ଏବେ ଚିଠି ଆଦାନପ୍ରଦାନ ଚାଲିଥିବାବେଳେ ଏହି ସମସ୍ୟାର ଶୀଘ୍ର ଆପୋସ ସମାଧାନ ହୋଇଯିବ ବୋଲି ଓଡ଼ିଶା ପକ୍ଷରୁ ଆଶାବ୍ୟକ୍ତ କରାଯାଉଛି । (ତଥ୍ୟ)

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

**କଟକ,୨।୮(ସଂଚାର ବ୍ୟୁରୋ):** ମହାନଦୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି ପ୍ରତିମା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ କେଏମ ବିବି ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ବିଜୁନି ଚରଣ ସୂତାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଶୈଳବାଳା ମହିଳା ମହାବିଦ୍ୟାଳୟର ରସାୟନ ବିଭାଗର ମୁଖ୍ୟ ଡ ଶଶିକାନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ସମୟରେ ବିଜ୍ଞାନର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରମୋଦ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ମୋଟ ୧୧ ଜଣ ଶିକ୍ଷକଶିକ୍ଷୟିତ୍ରୀ ବିଚାରକ ଭାବେ ଯୋଗ ଦେଇଥିଲେ। ବିଜ୍ଞାନ ଓ ଗଣିତ ପ୍ରକଳ୍ପ, ପ୍ରୟୋଗ, ପ୍ରଶ୍ନମଞ୍ଚ, ପତ୍ରବାଚନ ସହ ସଂସ୍କୃତି ଜ୍ଞାନର ପ୍ରଶ୍ନମଞ୍ଚ ଓ ମୃତ୍ତିକଳା ଇତ୍ୟାଦିରେ ୨୬୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡ଼ା ଶିଶୁମାନଙ୍କ ଦ୍ୱାରା ମିନାବଜାରର ମଧ୍ୟ ଆୟୋଜିତ ହୋଇଥିଲା। ସଂକୁଳ ପ୍ରମୁଖ ଅକ୍ଷୟ ମହାନ୍ତି, ଡ ଦେବବ୍ରତ ପୃଷ୍ଟି, ସତ୍ୟଭାମା ମହାନ୍ତି, ଭାଗିରଥି ଦଳାଇ ଓ ଦୁଷ୍ମନ୍ତ ଦଳାଇ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିଶୁ ବିଜ୍ଞାନୀମାନଙ୍କୁ ଉତ୍ସାହିତ କରିଥିଲେ। ସନ୍ଦୀପ ପଣ୍ଡା ବୃତ୍ତକଥନ କରିଥିବା ବେଳେ ଚକ୍ରଧର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟ, ସେବକ, ସେବିକା ଓ ମାତୃଭାରତୀର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



SANCHAR
ସଂଚାର
sanchar.live

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

## ସମ୍ପାଦକୀୟ

# ଆତ୍ମନିର୍ଭରଶୀଳ ହିଁ ମୁକାବିଲାର ବାଟ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ବିଭିନ୍ନ ଦେଶ ଉପରେ ଟିକସ ବୋଝ ଲଦିବାରେ ଲାଗିଛନ୍ତି। ବିଶେଷକରି ଏସୀୟ ଦେଶଗୁଡିକ ଉପରେ ଭିନ୍ନ ଭିନ୍ନ ପ୍ରକାରର ଟିକସ କଷୁଛନ୍ତି। ଭାରତ ଭଳି ବନ୍ଧୁ ରାଷ୍ଟ୍ର ଉପରେ ବି ୨୫ ପ୍ରତିଶତ ଟିକସ ଲଗାଇବାକୁ ପଛାଇ ନାହାନ୍ତି। ଖୁବ୍‌ଶୀଘ୍ର ଭାରତ ଏହି ଟିକସ ବୋଝ ମୁଣ୍ଡାଇବାକୁ ଯାଉଛନ୍ତି। ଏହାଦ୍ୱାରା ଭାରତ-ଆମେରିକା ବାଣିଜ୍ୟ ବିଶେଷଭାବେ ପ୍ରଭାବିତ ହେବ। ବର୍ତ୍ତମାନ ଦୁଇ ଦେଶ ମଧ୍ୟରେ ୧୩୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟଣ ବାଣିଜ୍ୟ କାରବାର ହେଉଥିବାବେଳେ ୨୦୩୦ ସୁଦ୍ଧା ଏହା ୫୦୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ଆଶା କରାଯାଉଥିଲା। ତେବେ ଟ୍ରମ୍ପଙ୍କ ଟିକସ ବୋଝ ଦ୍ୱାରା ଏହା କେତେ ପ୍ରଭାବିତ ହେବ ତାହାକୁ ନେଇ ଅଙ୍କକଷା ଆରମ୍ଭ ହୋଇଛି।



ସମଗ୍ର ବିଶ୍ୱରେ ତୀବ୍ର ବ୍ୟବସାୟିକ ପ୍ରତିଯୋଗିତା ଚାଲିଥିବାବେଳେ ନିଜ ନିଜ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବା ସହିତ କ୍ଷମତା ପ୍ରଦର୍ଶନ ପାଇଁ ସମସ୍ତ ଦେଶ ଲାଗି ପଡିଛନ୍ତି। ଏହି ମର୍ମରେ ଆମେରିକା ବିଭିନ୍ନ ଦେଶଉପରେ ଟିକସ ଲଗାଉଛି। ଏହି ଟିକସ ଲଗାଇବା ପଛରେ ଦୁଇଟି କାରଣ ରହିଛି। ଗୋଟିଏ ହେଲା ଯୁଦ୍ଧଲିପ୍ତ ଋଷର ଅର୍ଥନୀତିକୁ ଦୁର୍ବଳ କରିବା ଓ ଅନ୍ୟଟି ହେଲା ଆମେରିକାର ବ୍ୟବସାୟ ବଢାଇବା। ଋଷ-ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଆମେରିକା ରାଷ୍ଟ୍ରପତି ଯେତେ ଉଦ୍ୟମ କଲେ ମଧ୍ୟ ଋଷ ତାହାକୁ ଗ୍ରହଣ କରୁନାହିଁ। ତେଣୁ ଋଣ ଉପରେ ଆର୍ଥିକ ପ୍ରହାରପାଇଁ ଆମେରିକା ଉଦ୍ୟମ ଆରମ୍ଭ କରିଛି। ଋଷ ଅର୍ଥନୀତିର ବଡ ଦିଗଟି ହେଉଛି ତେଲ ଓ ଅସ୍ତ୍ର ଶସ୍ତ୍ର ବିକ୍ରି। ୟୁକ୍ରେନ ସହିତ ଯୁଦ୍ଧ ପରେ ନିଜର ଅର୍ଥନୀତିକୁ ସଜାଡିବାପାଇଁ ଋଷ ଉତ୍ପାଦିତ ତେଲକୁ ବିଭିନ୍ନ ରାଷ୍ଟ୍ରକୁ ଶସ୍ତାରେ ବିକ୍ରି କରୁଛି। ଖଣିଜ ତୈଳ ଉପରେ ନିର୍ଭରଶୀଳ ଭାରତ ଭଳି ଦେଶ ଶସ୍ତାରେ ମିଳୁଥିବା ଋଷ ତେଲକୁ ଅଧିକରୁ ଅଧିକ ପରିମାଣରେ କିଣୁଛନ୍ତି। ଏଥି ସହିତ ଋଷ ମଧ୍ୟ କେତେକ ଦେଶକୁ ଅସ୍ତ୍ରଶସ୍ତ୍ର ବିକ୍ରି କରିବାରେ ଲାଗିଛି। ତେଣୁ ଋଷର ଏହି ଆର୍ଥିକ କାରବାର ଉପରେ ଅଙ୍କୁଶ ଲଗାଇବାପାଇଁ ଆମେରିକା ତାହାର ମିତ୍ର ରାଷ୍ଟ୍ରମାନଙ୍କ ସହାୟତାରେ ଯେଉଁ ଉଦ୍ୟମ ଆରମ୍ଭ କରିଛି ତାହାର ଫଳ ହେଉଛି ଟିକସ ବୋଝ। ଏହାଦ୍ୱାରା ଆମେରିକା ତାହାର ପ୍ରଭୁତ୍ୱ ଜାରି କରିବା ସହିତ ନିଜ ଦେଶର କମ୍ପାନୀମାନେ ପ୍ରସ୍ତୁତ କରୁଥିବା ଅସ୍ତ୍ରଶସ୍ତ୍ର ବିକ୍ରି ପାଇଁ ରାସ୍ତା ସଫାକରିବା କାରଣ ଆମେରିକା ହେଉଛି ବିଶ୍ୱର ସର୍ବବୃହତ୍ ଅସ୍ତ୍ର ବ୍ୟବସାୟ କରୁଥିବା ଦେଶ। ଅସ୍ତ୍ରଶସ୍ତ୍ର କାରବାର ଆମେରିକାର ଅର୍ଥନୀତିରେ ପ୍ରମୁଖ ଯୋଗଦାନ କରିଥାଏ। ଏଥି ସହିତ ବିଭିନ୍ନ ଦେଶ ଆମେରିକାରୁ ମଧ୍ୟ ଅଶୋଧିତ ତୈଳ ଖରିଦ କରିଥାନ୍ତି। ତେବେ ଆମେରିକାର ଏଭଳି ମନୋଭାବ ଏବେ ବିଶ୍ୱର ବିଭିନ୍ନ ରାଷ୍ଟ୍ରର ଅର୍ଥନୀତିକୁ ଦୋହଲାଇବା ଆରମ୍ଭ କରିଛି। ବିଶେଷକରି ଯେଉଁସବୁ ରାଷ୍ଟ୍ର ଆମେରିକାର ଅସ୍ତ୍ରଶସ୍ତ୍ର, ତୈଳ, ଖାଦ୍ୟସାମଗ୍ରୀ ଉପରେ ନିର୍ଭରଶୀଳ ସେମାନେ ଚିନ୍ତାରେ ପଡିଛନ୍ତି। ଭାରତ ମଧ୍ୟଏଥିରୁ ମୁକ୍ତ ନୁହେଁ। ସେହିଭଳି ଭାରତ ଭଳି ଯେଉଁସବୁ ଦେଶ ଆମେରିକାକୁ ନିଜ ନିଜ ଦେଶର ଉତ୍ପାଦିତ ସାମଗ୍ରୀ ରପ୍ତାନି କରିଥାନ୍ତି ଟିକସ ବୋଝ ସେମାନଙ୍କ ବ୍ୟବସାୟକୁ ପ୍ରଭାବିତ କରିବ। ଭାରତରୁ ଆମେରିକାକୁ ଯାଉଥିବା କୃଷିଜାତ ସାମଗ୍ରୀ, ମତ୍ସ୍ୟ ରପ୍ତାନି ସହିତ କପଡା ଓ ଏମଏସଏମଇ କ୍ଷେତ୍ର ଉପରେ ଏହି ୨୫ପ୍ରତିଶତ ଟିକସ ବଡ ବୋଝ ହେବା ଆରମ୍ଭ କରିଛି। ଟ୍ରମ୍ପଙ୍କ ଟିକସ ଘୋଷଣାର ତତ୍‌କ୍ଷଣାତ ପ୍ରଭାବ ଆମ ଦେଶର ସେୟାରବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଇଛି।

ଏଭଳି ସ୍ଥିତିରେ ଆତ୍ମନିର୍ଭରଶୀଳତା ବୃଦ୍ଧି ହିଁ ମୁକାବିଲାର ଏକମାତ୍ର ବାଟ ବୋଲି ଅର୍ଥନୀତି ବିଶାରଦମାନେ ମତ ଦେଉଛନ୍ତି। ଯେଉଁସବୁ ସାମଗ୍ରୀ ପାଇଁ ଭାରତ ଆମେରିକା ଉପରେ ନିର୍ଭରଶୀଳ ହେଉଛି ସେଗୁଡିକର ଉତ୍ପାଦନ ଦେଶରେ ବୃଦ୍ଧି କରାଯାଇ ପାରିଲେ ଟିକସ ବୋଝରୁ ଭାରତ କିଛିଟା ଆଶ୍ୱସ୍ତ ପାଇପାରନ୍ତା। ସେହିଭଳି ବିଶ୍ୱ ବଜାରରେ ପ୍ରତିଯୋଗିତା ମନୋଭାବ ନେଇ ଆମେରିକାକୁ ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ପାଇଁ ଅନ୍ୟଦେଶରେ ବଜାର ସୃଷ୍ଟି କରିବାକୁ ପଡିବ। ଏଥି ସହିତ ବିଦେଶୀ ସାମଗ୍ରୀ ପ୍ରତି ଥିବା ମୋହ ଉପରେ ବି ଭାରତୀୟଙ୍କୁ ଲଗାମ ଲଗାଇବାକୁ ହେବ। ଏହା ନହେଲେ ନିଜ ନିଜ ଦେଶର ବ୍ୟବସାୟ ଓ ସ୍ୱାର୍ଥ ପାଇଁ ଆମେରିକା ଭଳି ବହୁ ଦେଶ ଆଗାମୀ ଦିନରେ ଟିକସ ରଣନୀତି ଆପଣେଇବେ ଯାହାକି ଭାରତ ଭଳି ଆଗକୁ ବଢୁଥିବା ଦେଶର ବାଟ ଓଗାଳିବ।

# କାହିଁକି ଜୀବନ ପିତା ?



**ଡ଼ଃ.ଅରୁନ୍ଧତୀ ଦେବୀ**

ଇତି ମଧ୍ୟରେ ସମଗ୍ର ଓଡ଼ିଶାକୁ ଚହଲେଇ ଦେବାଭଳି ସର୍ବୋପରି ସମସ୍ତଙ୍କ ବିବେକକୁ ଦୋହଲାଇ ଦେବାଭଳି ଆତ୍ମଦାହ ଘଟଣା ଅନେକଙ୍କୁ ବ୍ୟଥିତ କରୁଛି। ସମ୍ପ୍ରତି ଆତ୍ମାହୁତିକୁ ପ୍ରତିବାଦର ଏକ ପ୍ରଭାବଶୀଳ ମାଧ୍ୟମଭାବେ କେହି କେହି ଭାବି ପାରନ୍ତି। ଆଶା ହରା ହୋଇ ମନ ଭାଙ୍ଗିଗଲେ ଜଣେ ନିଜକୁ ଶେଷ କରିଦେବା ଭଳି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଥାଏ। ତେବେ ବାସ୍ତବିକ ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ବିରୋଧର ସ୍ୱର ଭାବେ ଏହାକୁ ସଭ୍ୟ ସମାଜ ଆଦୌ ଗ୍ରହଣ କରିବନାହିଁ। ଅନ୍ୟକୁ ଶାରୀରିକ ଆଘାତ ନଦେଇ କିମ୍ବା କାହାର କୌଣସି କ୍ଷତି ନଘଟାଇ ନିଜକୁ ଦଣ୍ଡିତ କରି ପ୍ରତିବାଦ କରିବାର ଏକ ମାଧ୍ୟମ ହେଉଛି ଆତ୍ମଦାହ। ତେବେ ଏହା ପ୍ରତିବାଦ ନା ଅସହାୟତା, ନା ଅବ୍ୟବସ୍ଥା ବିରୋଧରେ ଅଭିମାନ ମନ ଓ ସମାଜ ଭିତରେ ଦୃଶ୍ୟମାନ ଓ ଅଦୃଶ୍ୟ ଲଢ଼େଇରେ ଯେତେବେଳେ ମନ ହାରିଯାଏ ସେତେବେଳେ ଏଭଳି ଅଘଟଣ କେତେକ କ୍ଷେତ୍ରରେ ଘଟିଥାଏ। ଆନୁଷ୍ଠାନିକ ଅବ୍ୟବସ୍ଥା କେତେକ କ୍ଷେତ୍ରରେ ଆତ୍ମଦାହର ପରିଣତିକୁ ଡାକି ଆଣିଥାଏ। ଇତିହାସ ପୃଷ୍ଠା ଲେଉଟାଇଲେ ଆମେ ଦେଖିବା, ୧୫୩୪ ଖ୍ରୀଷ୍ଟାବ୍ଦରେ ପ୍ରଥମ ଆତ୍ମଦାହ ଘଟଣା ଘଟିଥିଲା। ସେହିପରି ରୋମାନ ସାମଜରେ ଆତ୍ମଦାହ ହେଉଥିବା ପ୍ରମାଣ ବି ରହିଛି। ରୁଷୀୟ ଗୀର୍ଜାରେ ମହାନ ବିଭେଦ ବା ଗ୍ରେଟ ସ୍କିଜିମ୍ ସମୟରେ ପ୍ରାଚୀନ 'ଫାୟାର ବାପଚିଜିମ୍' ଧର୍ମବିଶ୍ୱାସୀମାନେ ସମୂହ ଆତ୍ମଦାହ କରିଥିବା ମଧ୍ୟ ଇତିହାସରେ ଉଲ୍ଲିଖିତ।

ଆଇନ ଅନୁଯାୟୀ ଆତ୍ମହତ୍ୟା ଏକ ଅପରାଧ। ଏହା ଜାଣି ମଧ୍ୟ ଆତ୍ମଦାହ ଭଳି ଯନ୍ତ୍ରଣାଦାୟକ ପନ୍ଥା ଆପଣାଇ ପ୍ରତିବାଦ ବ୍ୟକ୍ତ କରିବାକୁ ଅନେକ ପଛଘୁଞ୍ଚା ଦିଅନ୍ତି ନାହିଁ। ନ୍ୟାୟ ଭିକ୍ଷାରେ ବିଫଳ ହୋଇ ଚରମ ନିଷ୍ପତ୍ତି ଭାବେ ବାଲେଶ୍ୱରର ଏଫଏମ କଲେଜଛାତ୍ରୀଙ୍କ ଆତ୍ମଦାହ ବର୍ତ୍ତମାନ ସମଗ୍ର ଦେଶକୁ ସ୍ତବ୍ଧ କରିଦେଇଛି। କେଉଁ ପରିସ୍ଥିତିରେ ସେ ଚରମ ନିଷ୍ପତ୍ତି ନେଲେ ତାହାର ସତ୍ୟାସତ୍ୟ ଖୋଜି ବାହାର କରିବାକୁ ତଦନ୍ତ ଆରମ୍ଭ ହୋଇଛି। ମନସ୍ତାତ୍ତ୍ୱିକ ସ୍ତରରେ ସାଧାରଣ ଆତ୍ମହତ୍ୟା ଓ ଆତ୍ମଦାହ ନିଷ୍ପତ୍ତି ଭିନ୍ନ। ଆତ୍ମଦାହ ହେଉଛି ନିଜକୁ ହତ୍ୟା କରିବାର ଉଗ୍ର ପ୍ରବୃତ୍ତି। ମନସ୍ତତ୍ତ୍ୱବିତମାନେ ଆତ୍ମଦାହକୁ ଏକ ଜଟିଳ ପଦକ୍ଷେପ ରୂପେ ବିବେଚନା କରନ୍ତି। ଏହା ମୁଖ୍ୟତଃ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କିତ ଆହ୍ୱାନ, ବ୍ୟକ୍ତିତ୍ୱର ବୈଶିଷ୍ଟ୍ୟ ଏବଂ ସାମାଜିକ ସାଂସ୍କୃତିକ ପ୍ରସଙ୍ଗ ସହ ଜଡ଼ିତ। ଏହା ଏକ ସାଧାରଣ ଆତ୍ମହତ୍ୟା ନୁହେଁ ବରଂ ବିଭିନ୍ନ କାରଣ ଯୋଗୁଁ ନିଜ ପ୍ରତି ସୃଷ୍ଟ ଏକ ବହୁମୁଖୀ ହିଂସା। ଆତ୍ମଦାହ ପ୍ରାୟତଃ ପରିସ୍ଥିତି ସହ ଖାପଖୁଆଇ ଚଳିବାରେ ଅସମର୍ଥତା, ବିଷାଦ, ମାନସିକ ବିକାର ଓ ବ୍ୟକ୍ତିତ୍ୱ ବିକାର ସହିତ ଜଡ଼ିତ। ଆତ୍ମଦାହ କରୁଥିବା ବ୍ୟକ୍ତିମାନେ ଅତ୍ୟଧିକ ଆବେଗ ପ୍ରବଣତା, ଆକ୍ରମଣାତ୍ମକତା, ସମ୍ବେଦନଶୀଳତା, ଆତ୍ମଗ୍ଲାନି ଏବଂ ସ୍ୱାଭିମାନ ଓ ଅହଙ୍କାର ଭଳି ଭାବନାର ବଶବର୍ତ୍ତୀ ହୋଇଥାଆନ୍ତି। ଏସବୁ କାରଣରୁ ଆତ୍ମଦାହ କରୁଥିବା ବ୍ୟକ୍ତି ବିଶେଷ ପରିସ୍ଥିତି ସହ ଖାପଖୁଆଇ ଚଳିବାରେ ବିଫଳ ହୋଇପଡ଼ନ୍ତି। ଆତ୍ମଦାହ କରୁଥିବା ବ୍ୟକ୍ତିମାନେ ସମସ୍ୟା କେନ୍ଦ୍ରିକ ଅପେକ୍ଷା ଭାବନା କୈନ୍ଦ୍ରିକ ମୁକାବିଲା ଉପରେ ଅଧିକ ନିର୍ଭର କରିଥାଆନ୍ତି। ଏହାଫଳପ୍ରଦ ଭାବେ ଚାପ ପରିଚାଳନା କରିବା ପରିବର୍ତ୍ତେ ସମସ୍ୟାକୁ ଅଧିକ ତୀବ୍ରରୂପେ ମାନସିକ ସ୍ତରରେ ସୂଚାଇଥାଏ।

ନିଜ ଇଚ୍ଛା ଓ ଅହଂକାର ସାବ୍ୟସ୍ତ କରିବାକୁ ତଥା ଦୋଷୀକୁ ଦଣ୍ଡ ଦେବାର ଏହାର ଉତ୍ତମ ମାଧ୍ୟମ ବୋଲି ସେ ନିଷ୍ପତ୍ତି ନିଏ। ଆତ୍ମଦାହ ପ୍ରତିରୋଧ ପାଇଁ ଫଳପ୍ରଦ ରଣନୀତି ବିକାଶ କରିବା ସକାଶେ ସମ୍ପୃକ୍ତ ମନସ୍ତାତ୍ତ୍ୱିକ କାରଣ ଗୁଡ଼ିକୁ ବୁଝିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ମାନସିକ ସ୍ୱାସ୍ଥ୍ୟ ଅବସ୍ଥାର ମୁକାବିଲା କରିବା ଦକ୍ଷତା ବଳିଷ୍ଠ କରିବା ଏବଂ ସାମାଜିକ ତଥା ସାଂସ୍କୃତିକ ପ୍ରସଙ୍ଗଗୁଡ଼ିକୁ ବିଚାରକୁ ନେଉଥିବା ଉପଯୁକ୍ତ ଚିକିତ୍ସା ଯଥାଶୀଘ୍ର ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଏପରି କ୍ଷେତ୍ରରେ ଆତ୍ମଦାହକୁ ପ୍ରୋତ୍ସାହିତ କରୁଥିବା ଏବଂ ନାରୀ ସୁରକ୍ଷାକୁ ସର୍ବୋପରି ନାରୀ ସମ୍ମାନକୁ ଅବମାନନ କରୁଥିବା ସେ ଯେ କେହି ବି ହୁଅନ୍ତୁ ଯଦି ଶିକ୍ଷା କ୍ଷେତ୍ର ହୋଇଥାଏ ଅପରାଧୀକୁ ସମସ୍ତ ଶିକ୍ଷାନୁଷ୍ଠାନରୁ ସବୁଦିନ ପାଇଁ ନିଲମ୍ବନ କରାଯିବା ସହିତ ଆର୍ଥିକ ଦଣ୍ଡବିଧାନ କରାଯିବା ବର୍ତ୍ତମାନ ସମୟର ଆହ୍ୱାନ। ନ୍ୟାୟିକ ପ୍ରକ୍ରିୟାରେ ପୀଡ଼ିତ କିମ୍ବା ପୀଡ଼ିତାଙ୍କୁ ଅବିଳେମ୍ବ ନ୍ୟାୟ ପ୍ରଦାନ କରିବାକୁ ପ୍ରଶାସନିକ, ସରକାରୀ ତଥା ନ୍ୟାୟପାଳିକାସ୍ତରରେ ପଦକ୍ଷେପ ନେବା ଜରୁରୀ। ଏପରି ଅପରାଧକୁ କୌଣସି ମତେ ବରଦାସ୍ତ କରାଯିବା ଉଚିତ ନୁହେଁ। ଆମକୁ ମନେ ରଖିବାକୁ ହେବ ଯେ ଏଭଳି ଅପରାଧୀଙ୍କ ବିରୋଧରେ ଲମ୍ବା ଲଢ଼େଇ ଜରୁରୀ। ଏହା ସୁନିଶ୍ଚିତ ଯେ ଏହି ଲଢ଼େଇରେ ଅପରାଧୀର ହିଁ ହାର ହେବ। ଆତ୍ମହତ୍ୟା କରିଦେଲେ ସମସ୍ୟାର ସମାଧାନ ହେବନାହିଁ ବରଂ ଅପରାଧୀ ଅନ୍ୟମାନଙ୍କ ସହିତ ମିଶି ଅଧିକ ଅପରାଧ କରିବାକୁ ସୁଯୋଗ ପାଇବ। ଯଦି କେହି ମିଛ ଅଭିଯୋଗ ମାଧ୍ୟମରେ ଅନ୍ୟକୁ ବ୍ଲାକମେଲ କରୁଛି, ତେବେ ସେ କ୍ଷେତ୍ରରେ ମଧ୍ୟ କଠୋର ଦଣ୍ଡବିଧାନ ଦରକାର। ଏଭଳି ଅପରାଧରେ କ୍ଷମା ଦେବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ।

ବର୍ତ୍ତମାନ ଶିକ୍ଷାନୁଷ୍ଠାନ ଉପରେ ସାମାଜିକ ନିୟନ୍ତ୍ରଣ ନ ରହିବା କାରଣରୁ ଛାତ୍ରୀଟିଏ ନିଜ ଅଭିଯୋଗକୁ ଗୁରୁତ୍ୱର ସହ ଉପସ୍ଥାପିତ କରିବାକୁ ବଞ୍ଚିତ ହେଉଛି। ପୀଡ଼ିତା ଯଦି ବି ଅଭିଯୋଗ କରୁଛି, ଥାନା, ପ୍ରଶାସନିକ ଅଧିକାରୀ, କୋର୍ଟକଚେରୀରେ ସମୟ ନଷ୍ଟ ହେଉଛି। ବିଚରା ପୀଡ଼ିତା ସର୍ବତ୍ର ଲୋକନିନ୍ଦାର ଶିକାର ହେଉଛି। କିନ୍ତୁ ଯଦି ସାମାଜିକ ନିୟନ୍ତ୍ରଣରେ ଦଣ୍ଡବିଧାନ ହେଉଥାନ୍ତା, ତେବେ ଏଭଳି କୁତ୍ସିତ କର୍ମ କରିବା ପୂର୍ବରୁ ଅପରାଧୀକୁ ଅନେକଥର ଭାବିବାକୁ ପଡ଼ନ୍ତା। ସବୁକିଛି ସରକାରୀ ନିୟନ୍ତ୍ରଣରେ ରହିବାରୁ ଆଇନକାନୁନ ଗଳାବାଟରେ ଅପରାଧୀ ଖସିଯାଉଛି। ନାରୀ ସଶକ୍ତୀକରଣ ଚାହାନ୍ତି ଏବଂ ନାରୀହିଂସା ଅପରାଧ ନିୟନ୍ତ୍ରଣ କରିବାକୁ ଇଚ୍ଛୁକ ତେବେ ସମାଜରେ ନାରୀକୁ ନ୍ୟାୟ ଦେବା ପ୍ରକ୍ରିୟା ଶକ୍ତିଶାଳୀ ଓ ତ୍ୱରିତ କରନ୍ତୁ। ଏହା ନକରି ଜୀବନ ହାରିଥିବା ବ୍ୟକ୍ତିବିଶେଷଙ୍କୁ ସରକାରୀ ରାଜକୋଷରୁ ଆର୍ଥିକ ସହାୟତା ପ୍ରଦାନ କରିବା ମାନସିକତା ପରିହାର କରନ୍ତୁ। ଆଇନକାନୁନକୁ ଠିକ ଭାବେ କାର୍ଯ୍ୟକାରୀ ନ କରାଇ ଏବଂ ନ୍ୟାୟ ପ୍ରଦାନ ନକରି କିମ୍ବା ବିଳମ୍ବ କରି ପୀଡ଼ିତାର ମୃତ୍ୟୁପରେ ସର୍ବସାଧାରଣଙ୍କ ଅର୍ଥକୁ ଶାସନ କ୍ଷମତାରେ ଥିବା ପ୍ରତିଟି ସରକାର ନିଜ ଦୋଷ ଘୋଡ଼ାଇବାକୁ ଅର୍ଥ ଅର୍ଥ ପ୍ରଦାନ କରିବା ସୁସ୍ଥ ଗୁଣତନ୍ତ୍ରର ଲକ୍ଷଣ ନୁହେଁ। ନାରୀ ସୁରକ୍ଷା ସୁଦୃଢ଼ ହେଉ ଏ ନେଇ ସ୍ୱତନ୍ତ୍ର କଠୋରତମ ଦଣ୍ଡ ବିଧାନ ବ୍ୟବସ୍ଥା ରହିବା ସହ ଆମ୍ଭମାନଙ୍କ ଭିତରେ ସଚେତନତା ମଧ୍ୟ ଜରୁରୀ।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋବାଇଲ୍: ୯୯୩୭୧୭୨୮୧୦**



# ମୋହନ ମାଝୀଙ୍କ 'ଲୋକଙ୍କ ସରକାର' ଓ ଓଡ଼ିଆଙ୍କ ସ୍ୱପ୍ନର ଭିଜନ ଡକ୍ୟୁମେଣ୍ଟ



**ଇନ୍ଦୁଭୂଷଣ ଭୂୟାଁ (ବାଦଲ)**

ସମଗ୍ର ଭାରତ ବର୍ଷରେ ଗୁଡ଼ ଗର୍ଭର୍ଣ୍ଣାନ୍ସ ବା ସୁଶାସନରେ ଓଡ଼ିଶା ଏକ ମଡ଼େଲ। ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାରେ ବିଜେପି ସରକାର ଗୋଟିଏ ବର୍ଷ ପୂରଣ କରିସାରିଛି। ସରକାରଙ୍କ ସଫଳତା ଓ ଉପଲବ୍ଧି ଅନେକ ରହିଛି। ବାସ୍ତବରେ କହିବାକୁ ଗଲେ ମୋହନ ଚରଣ ମାଝୀଙ୍କ ପରି ସରଳ, ଅମାୟିକ ଓ ରାଜ୍ୟର ବିକାଶ ପାଇଁ ଦୃଢ଼ ଅଙ୍ଗୀକାରବଦ୍ଧତା ଥିବା ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ବିରଳ।

ବିଜେପିର ଜଣେ ବୁଥସ୍ତରୀୟ କାର୍ଯ୍ୟ କର୍ତ୍ତା ବି ଦେଶର ଗୃହମନ୍ତ୍ରୀ ହୋଇ ପାରନ୍ତି, ଅତି ସାଧାରଣ ପରିବାରରୁ ଆସୁଥିବା ଏବଂ ଦଳର ସାଧାରଣ କାର୍ଯ୍ୟକର୍ତ୍ତା ଆଜି ଦେଶର ପ୍ରଧାନମନ୍ତ୍ରୀ। ବିଜେପିର ନୀତି ହେଉଛି ବ୍ୟକ୍ତି ବଡ଼ ନୁହେଁ, ବିଚାରଧାରା ଏବଂ ଦଳ ବ୍ୟକ୍ତିଠାରୁ ବହୁ ଊର୍ଦ୍ଧ୍ୱରେ। ଏକ ବର୍ଷ ପୂର୍ବେ ଲୋକଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ଯେଉଁ ଯାତ୍ରା ରାଜ୍ୟର ବିଜେପି ସରକାର ଆରମ୍ଭ କରିଥିଲା। ତାହା ଆଜି ବାସ୍ତବ ସ୍ୱରୂପ ନେଇଛି। ଓଡ଼ିଶାର ଲୋକପ୍ରିୟ ସରକାର ପ୍ରାୟତଃ ଲୋକଙ୍କ ଭରସାକୁ ବଜାୟ ରଖିବାରେ ସମର୍ଥ ହୋଇଛି। ଦେଶରେ କେବଳ ଚାରିଗୋଟି ଜାତି ଅଛନ୍ତି; ଗରିବ, ଅନ୍ନଦାତା, ଯୁବା ଓ ମହିଳା ମାନନୀୟ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତ୍ରକୁ ନେଇ ଓଡ଼ିଶା ବିଜେପି କାର୍ଯ୍ୟ କରୁଛି। ତେଣୁ ଓଡ଼ିଶାର ଡବଲ ଇଞ୍ଜିନ ସରକାର କେବଳ ମହିଳା ନୁହେଁ, ଏସବୁ ବର୍ଗର କଲ୍ୟାଣ ପାଇଁ କାମ କରୁଛନ୍ତି। ମହିଳମାନେ ଜନସଂଖ୍ୟାର ପ୍ରାୟ ଅଧା। ରାଜ୍ୟର ଅଧିକାଂଶ ମହିଳା ଏବେ ବି ମୁଖ୍ୟସ୍ରୋତକୁ ଆସି ନାହାନ୍ତି। ତେଣୁ ସେମାନଙ୍କ ବିକାଶ ସରକାରଙ୍କ ପ୍ରାଥମିକତା। ଏହା ସମସ୍ତଙ୍କୁ ଜଣା ଏକ କୋଟିରୁ ଅଧିକ ମହିଳା ସୁଭଦ୍ରା ଯୋଜନାରେ ଯୋଡ଼ି ହୋଇଛନ୍ତି। ୧୭ ଲକ୍ଷ ପାଖାପାଖି ଲକ୍ଷପତି ଦିଦି ସୃଷ୍ଟି ହୋଇଛନ୍ତି। ଏହା ଏକ ସାଧାରଣ ସହାୟତା ଯୋଜନା ନୁହେଁ। କ୍ଷୁଦ୍ର ବ୍ୟବସାୟ ଜରିଆରେ ମା'ମାନେ ଆର୍ଥିକ ଦୃଷ୍ଟିରୁ ସ୍ୱତନ୍ତ୍ର ହୋଇ, ପରିବାରରେ ଓ ସମାଜରେ ନିଜର ଯେପରି ଏକ ପରିଚୟ ସୃଷ୍ଟି କରିବେ, ତାହା ହେଉଛି ସରକାରଙ୍କ ଲକ୍ଷ୍ୟ। ମହିଳାଙ୍କ ବିକାଶ ପାଇଁ ଚଳିତ ବଜେଟରେ ୮୯, ୮୬୧ କୋଟି ଟଙ୍କାର ପ୍ରାବଧାନ କରାଯାଇଛି। ଏହା ହେଉଛି ଓଡ଼ିଶାର ଲୋକପ୍ରିୟ ବିଜେପି ସରକାରଙ୍କ ରାଜ୍ୟର ମହିଳାଙ୍କ ପାଇଁ ପ୍ରତିବଦ୍ଧତା।

ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବୀମା ଲାଗୁ ହେବା ପରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିଛି। ଆଜି ଓଡ଼ିଶା ଲୋକେ ଦେଶର ୨୯ ହଜାର ହସପିଟାଲରେ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ବର୍ତ୍ତମାନ ସୁଦ୍ଧା ୪୦୦୦ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ନିଯୁକ୍ତି ପ୍ରକ୍ରିୟା ଶେଷ ହୋଇଛି। ଆଗକୁ ଆହୁରି ୫୦୦୦ ଡାକ୍ତର ନିଯୁକ୍ତି ହେବେ। ଫୁଲବାଣୀ ଓ ଅନୁଗୁଳରେ ନୂଆ ମେଡ଼ିକାଲ କଲେଜ ଖୋଲିବା ପାଇଁ ସମସ୍ତ ପ୍ରକ୍ରିୟା ଶେଷ ହୋଇଛି। ଭଦ୍ରକ, ନବରଙ୍ଗପୁର, ଜଗତସିଂହପୁର ଓ ଢେଙ୍କାନାଳରେ ନୂତନ ସରକାରୀ ମେଡ଼ିକାଲ କଲେ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶାରେ ବିଜେପି ସରକାର ଆସିବା ପରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ରେଳ ଓ ସଡ଼କ ପ୍ରକଳ୍ପ ମଞ୍ଜୁରି କରିଛନ୍ତି। ପ୍ରଧାନମନ୍ତ୍ରୀ ନିଜେ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଶିଳ୍ପପତି ମାନଙ୍କୁ ଓଡ଼ିଶାରେ ନିବେଶ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଜି ଶିଳ୍ପ କ୍ଷେତ୍ରରେ ଓଡ଼ିଶା ଯଥେଷ୍ଟ ସଫଳତା ହାସଲ କରିପାରୁଛି। ଉଭୟଙ୍କ ନୀତିରେ ସାମଞ୍ଜସ୍ୟଯୋଗୁଁ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ସରକାରଙ୍କ ଲକ୍ଷ୍ୟ। ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ସବୁ ସ୍ତରରେ ଯେପରି ଓଡ଼ିଶା ସମୃଦ୍ଧ ହେବ, ତାହା ସରକାରଙ୍କ ଲକ୍ଷ୍ୟ। ଯାହାଦ୍ୱାରା ଓଡ଼ିଶାର ନାଗରିକଙ୍କ ଚିନ୍ତାଧାରା ମଧ୍ୟ ସମୃଦ୍ଧ ହେବ। ଓଡ଼ିଶାବାସୀ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରି ବିଶ୍ୱ ସ୍ତରରେ ଓଡ଼ିଶାର ପ୍ରତିଷ୍ଠା ବୃଦ୍ଧି କରିବେ। ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ୫୦୦ ନିୟୁତ ଡଲାର ଅର୍ଥନୀତି ଏବଂ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟ ଭିତରେ ଦେଖିବାକୁ ଯୋଜନା ରଖିଛି ଓଡ଼ିଶାର ଲୋକପ୍ରିୟ ସରକାର ଏବଂ ମୋହନ ମାଝୀଙ୍କ ପରି ନିର୍ମଳ, ଦୂରଦୃଷ୍ଟିସମ୍ପନ୍ନ ମୁଖ୍ୟମନ୍ତ୍ରୀ ଏଥିପାଇଁ ସ୍ୱତନ୍ତ୍ର ଯୋଜନା ରଖିଛନ୍ତି ଯାହାଦ୍ୱାରା ୨୦୩୬ ପାଇଁ ୩୬ ଯୋଜନା ଏହି ଲକ୍ଷ୍ୟ ହାସଲ କରିବାରେ ସାର୍ଥକ ହେବ। କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁସାରେ ୨୦୨୨ ମସିହା ପାଇଁ ଏହାଥିଲା ୫୧୧୨ ଟଙ୍କା ଅର୍ଥାତ୍ ବାର୍ଷିକ ୬୨୦୦୦ ଟଙ୍କା। କିନ୍ତୁ କେବଳ ସମୃଦ୍ଧ କୃଷକ ଯୋଜନା, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି, ସିଏମ କିଷାନ ଏବଂ ସୁଭଦ୍ରା ଯୋଜନାକୁ ମିଶେଇଲେ (କାରଣ ସବୁ ଚାଷୀ ପରିବାରରେ ଅତି କମରେ ଜଣେ ସୁଭଦ୍ରା ହିତାଧିକାରୀ ନିଶ୍ଚୟ ଥିବେ) ସେମାନଙ୍କ ଆୟରେ ବାର୍ଷିକ ଅତି କମରେ ୩୦ ହଜାର ଟଙ୍କା ବୃଦ୍ଧି ହୋଇଛି। ଏହା ତ କେବଳ ଆରମ୍ଭ ମାତ୍ର ଆଗାମୀ ଦିନରେ ସରକାରଙ୍କ ବିଭିନ୍ନ ଚାଷୀ ଅନୁକୂଳ କାର୍ଯ୍ୟକ୍ରମ ଦ୍ୱାରା ଦୁଇଗୁଣା ନୁହେଁ, ଚାଷୀ ଆୟ ବହୁଗୁଣିତ ହେବ। ଓଡ଼ିଶାର ଅନେକ ପରିକଳ୍ପିତ ଯୋଜନା ଓ ଭିତ୍ତିଭୂମି ପ୍ରକଳ୍ପ ସବୁ ଦ୍ରୁତ ଗତିରେ ଆଗେଇବା ସହ ମୁଖ୍ୟମନ୍ତ୍ରୀଙ୍କ ଗୋଟିଏ ମନ୍ତ୍ର ସମସ୍ତଙ୍କ ହୃଦୟକୁ ଛୁଇଁଛି ତାହା ହେଉଛି 'ସମାଜର ଶେଷ ପାହାଚରେ ଥିବା ଲୋକଟିଏ ପାଖରେ ଯେପରି ସରକାର ପହଞ୍ଚି ପାରିବ ସେ ଦିଗରେ ବ୍ୟକ୍ତିଗତ ଭାବେ ମୁଁ କାର୍ଯ୍ୟରତ, ସେ ଯାଏଁ ଲଢ଼ିବି।' ଓଡ଼ିଶାର ବିକାଶରେ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି। କହିବାକୁଗଲେ ଓଡ଼ିଶାର ଲୋକପ୍ରିୟ ସରକାରଙ୍କ ବର୍ଷ ଏକ ସଫଳତା ଅନେକ ଜଣେ ଓଡ଼ିଆ ଭାବେ କୋଟି କୋଟି ଓଡ଼ିଶାବାସୀଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନେକ ଅନେକ ଅଭିନନ୍ଦନ, ଧନ୍ୟବାଦ ଓ ଶୁଭେଚ୍ଛା।



**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ମୋବାଇଲ୍: ୭୪୮୮୯୯୮୫୩୨**

# ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ



**ପୁଷ୍ପମିତ୍ର ମହାପାତ୍ର**

ଚରାଚର ବ୍ରହ୍ମାଣ୍ଡ ସର୍ବେସର୍ବା ହେତୁ ନାରାୟଣଙ୍କୁ ଜଗନ୍ନାଥ ସମ୍ବୋଧନ କରାଯାଏ। ଜଗନ୍ନାଥ ବାହ୍ୟ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ଅନୁଭବ ସାଧ ନୁହଁନ୍ତି, ତାଙ୍କର ଉତ୍ପତ୍ତି ନାହିଁ କି ବିନାଶ ନାହିଁ। ତାଙ୍କ ପ୍ରଣୀତ ନୀତି ନିୟମ ଅନୁଯାୟୀ ପ୍ରକୃତି ଆତଯାତ ହୁଏ। ସେ ସର୍ବ ଶକ୍ତିମାନ, ସର୍ବବିଦ୍ୟମାନ, ସର୍ବଜ୍ଞ ଓ ସମସ୍ତ ଜୀବର ଭାଗ୍ୟ ନିୟନ୍ତା। ସେ ଅସମ୍ଭବକୁ ସମ୍ଭବ ତଥା ସମ୍ଭବକୁ ଅସମ୍ଭବ କରିପାରନ୍ତି। ତାଙ୍କ ଇଛାରେ ସାରା ବିଶ୍ୱ ପରିଚାଳିତ ହୁଏ।

ଏଣୁ ଶ୍ରୀଜଗନ୍ନାଥଙ୍କ ପୂଜାରେ ବହୁ ସମନ୍ୱୟ ଓ ବହୁ ବିରୋଧାଭାସ ରହିଛି। ସ୍ୱୟଂ ଶ୍ରୀକ୍ଷେତ୍ର ପୁଣି ବିଜ୍ଜୁରିତ ହୋଇଛି ସାରା ସଂସାରରେ। ଉଭୟ ଶୁଖିଲି ଓ ସଙ୍ଖୁଡ଼ି ଭୋଗର ପ୍ରଚଳନ ଏଠାରେ ରହିଛି। ଏପରିକି ସଙ୍ଖୁଡ଼ି ମାହାର୍ଦ୍ଧକୁ ଶୁଖେଇ 'ନିର୍ମାଲ୍ୟ' କରାଯାଏ। ଏଠି ନିର୍ମାଲ୍ୟ ଅଛି, ଆଉ ଅଛି 'କୈବଲ୍ୟ' ଯୋଡ଼ିଯାକର ସହାବସ୍ଥାନ ଏହି କ୍ଷେତ୍ରକୁ କେବଳ ଜୈନ-ବୌଦ୍ଧ ସମୀକରଣର କଥାର ଅନ୍ତର୍ଭୁକ୍ତ କରିଛି ତାହା ନୁହେଁ, ସେଥି ସହିତ ଯୋଡ଼ିଛି ଆହୁରି ଅନେକ ଭାବାବେଗ, ଆଧାତ୍ମିକ ଆବେଗକୁ। ମନ୍ଦିରର ଗର୍ଭଗୃହର ରତ୍ନସିଂହାସନ ଠାକୁରର ଯେଉଁ ବିଭୂତି ବୈଭବ ଆଉ ଐଶ୍ୱର୍ଯ୍ୟ ଦେଖିଥିବେ ସେ କେବେ କଳ୍ପନା କରିପାରିବ କି ଅଣସର ଆରମ୍ଭରୁ ଦେବତା ଲୌକିକ ଆଚରଣ, ଜ୍ୱର-ପାଚନ ଟଣା।ଘୋଷଣା, ଭିଡ଼ାଓଟରା ପହଣ୍ଡିର ଭିଡ଼ ଭିତରର ଜଗାକାଳିଆକୁ; କିନ୍ତୁ ଏଠି ଉଭୟ ଅଛି। ଏଠି କିଏ ହୁଏତ ସିଂହଦ୍ୱାରରେ ପଚାରିପାରେ ତୁମେ କିଏ, କ'ଣ ତୁମର ଜାତି ବୋଲି; କିନ୍ତୁ ବଡ଼ଦାଣ୍ଡରେ କାହାର ସାହାସ ଅଛି ଯେ ଅଟକାଇବ ଭକ୍ତକୁ। ଏଠି ଉଭୟ ଅଛି। ସିଂହାସନ ଉପରେ ସେ ଯେତିକି ରାଜକୀୟ, ଲୋକଭିଡ଼ ଭିତରେ ସେ ସେତିକି ଲୋକପ୍ରିୟ। ଯୋଉଠି ରାଜା ନିଜେ ସେବକ ଛେରାପହଁରାରେ, ସେଠି ସେବକ ରାଜାସ୍ତରକୁ ଉଠିଯିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସିଂହଦ୍ୱାରରେ ନାନା ଆକଟ ଥିଲାବେଳେ ଶାରଧାବାଲିରେ ସେ ସବୁ କିଛି ନାହିଁ।

ଏ ବିରାଟ ବ୍ରହ୍ମାଣ୍ଡରେ ମଣିଷ ଏକ କ୍ଷୁଦ୍ର ଅଂଶ ଅଟେ। ମଣିଷ ବ୍ୟତୀତ ଅନ୍ୟ କୌଣସି ଜୀବ ଠାରେ ବିଶ୍ୱକର୍ତ୍ତାଙ୍କୁ ଅନୁଭବ କରିବାର କ୍ଷମତା ନଥାଏ। ଯେଉଁ ବ୍ୟକ୍ତି ଭଗବାନଙ୍କ ଅସ୍ତିତ୍ୱ ପ୍ରତି ସନ୍ଦିହାନ ଓଐଶ୍ୱରୀୟ ପ୍ରଭାବରୁ ଭୂକ୍ଷେପ କରିନଥାଏ ସେ ହୁଏତ ମଣିଷ ରୂପଧାରୀ ଗୋଟିଏ ନିର୍ବୋଧ ପଶୁ। ଧନ, ମାନ, ଜ୍ଞାନର ପ୍ରାଚୁର୍ଯ୍ୟ ମଧ୍ୟରେ ଥାଇ ଯଦି ମଣିଷ ଠାରେ ଭଗବତ୍ ଚେତନା ଉଦ୍ରେକ ନହୁଏ ତେବେ ବିବେକର ବିକାଶ ନ ହୋଇ ତା' ଜୀବନ କ୍ରମଶଃ ଅଶାନ୍ତ ପରିବେଷ୍ଟନୀ ମଧ୍ୟକୁ ଠେଲି ହୋଇଯାଏ। ଏ ଜଗତ ସତ୍ୟ ଜଗତକର୍ତ୍ତା ମଧ୍ୟ ସତ୍ୟ। ଜଗତକର୍ତ୍ତାଙ୍କ ଇଛା ବିନା ମଣିଷର କୌଣସି ବି ପ୍ରଚେଷ୍ଟା ଫଳପ୍ରସୂତ ହୋଇପାରେ ନାହିଁ। ଧନବଳ, ଜନବଳ, ମନୋବଳ, ବାହୁବଳ ସବୁକିଛି ସୁଦୃଢ଼ ଥାଇ ମଧ୍ୟ କୌଣସି ଏକ କ୍ଷୁଦ୍ର ଅଘଟଣ ମୁହୂର୍ତ୍ତକ ମଧ୍ୟରେ ସବୁକୁ ଯେ ଓଲଟପାଲଟ କରିଦେଇପାରେ ଏହା ଅନସ୍ୱୀକାର୍ଯ୍ୟ। ନିଷ୍କର୍ଷରେ ଏତିକି କୁହାଯାଇପାରେ ଯେ ଏ ମାୟା ସଂସାରରେ ପ୍ରତ୍ୟେକ ବ୍ୟକ୍ତି ନିରାଶ୍ରୟ। ସମସ୍ତଙ୍କର ଏକମାତ୍ର ଆଶ୍ରାଦାତା ହେଉଛନ୍ତି ପରମପୁରୁଷ, ବିଶ୍ୱ ଚିନ୍ତାମଣି ମହାପ୍ରଭୁ ଜଗନ୍ନାଥ।



ଶ୍ରୀଜଗନ୍ନାଥଙ୍କୁ ଶ୍ରେଷ୍ଠ ଦେବତା ଭାବେ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ତାଙ୍କୁ ଜଣେ ସାଧାରଣ ମଣିଷ ଭାବରେ ଚିତ୍ରଣ କରାଯିବା ଜଗନ୍ନାଥ ତତ୍ତ୍ୱର ଏକ ବିଶେଷତ୍ୱ। ଦେବତା ହିସାବରେ ସେ ଯେଭଳି ସମଗ୍ର ଜଗତର ନାଥ, ଶ୍ରେଷ୍ଠ ମଣିଷ ଭାବରେ ମଧ୍ୟ ସେ ପୁରୁଷ ତଥା ପୁରୁଷୋତ୍ତମ। ମଣିଷ ହିସାବରେ ତାଙ୍କ ଠାରେ ଅଭିଭାବକତ୍ୱ, ସ୍ୱାମୀତ୍ୱ, ତଥା ନାଥତ୍ୱ ଯେତିକି ଆରୋପ କରାଯାଏ, ସେତିକି ବରଂ ତଦପେକ୍ଷା ବେଶୀ ମାତ୍ରାରେ, ତାଙ୍କୁ ସଖା, ଭ୍ରାତା ବା ବନ୍ଧୁଭାବରେ ଗ୍ରହଣ କରାଯାଏ। ଅନ୍ୟାନ୍ୟ ଦେବ ମନ୍ଦିରକୁ ଯିବା ପାଇଁ ଯେଭଳି ବିଭିନ୍ନ ବିଧି-ନିଷେଧ ଓ ବାରଣ ରହିଅଛି, ଏଠାରେ ସେଭଳି ବିଶେଷ କିଛି ନାହିଁ। ଯାହା କିଛି ରହିଛି, ତାହା କେବଳ ପବିତ୍ରତା, ଶୁଦ୍ଧତାର ସୁରକ୍ଷା ନିମିତ୍ତ ଉଦ୍ଦିଷ୍ଟ। ଜଗନ୍ନାଥ ମନ୍ଦିରକୁ ଦର୍ଶକ ଯେତେବେଳେ ଯେ କୌଣସି ଅବସ୍ଥାରେ ଯିବାରେ ବାଧା ନାହିଁ। କାରଣ ସେ ବନ୍ଧୁ ଅଟନ୍ତି। ବନ୍ଧୁ ସହ ସାକ୍ଷାତ ପାଇଁ ସ୍ଥାନ କାଳର କି ବାରଣ ରହିପାରେ। ସେଥିପାଇଁ 'ଅପବିତ୍ରୋ ପବିତ୍ରୋ ବା ସର୍ବାବସ୍ଥାଂଗତୋଽପି' ନିୟମ ପ୍ରଚଳିତ ଅଛି।

ଭଗବାନଙ୍କର ଅନେକ ନାମ ମଧ୍ୟରୁ ଶ୍ରଦ୍ଧାପୂର୍ବକ ବିଶ୍ୱାସର ସହ ଯେ କୌଣସି ନାମ ସ୍ମରଣ ବା କୀର୍ତ୍ତନ କରିପାରିଲେ ତାହା ଯଥେଷ୍ଟ ହୋଇଥାଏ। କେତେକଙ୍କ ମତରେ ତାରକ ବ୍ରହ୍ମ ନାମ ବା ତାରକ ବ୍ରହ୍ମ ମନ୍ତ୍ର କଳିଯୁଗରେ ସହଜ ସାଧନଯୋଗ୍ୟ ନାମ ଅଟେ। ଏହାକୁ ମହାମନ୍ତ୍ର ମଧ୍ୟ କୁହାଯାଏ। ଯଥା - 'ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ, ହରେ ରାମ ହେର ରାମ ରାମ ରାମ ହରେ ହରେ'।

ସେ ଅନ୍ତର୍ଯ୍ୟାମୀ। ତାଙ୍କୁ ମୁହଁ ଖୋଲି କହିବା ଆବଶ୍ୟକ ପଡ଼େନାହିଁ। ତେଣୁ ତାଙ୍କ ପାଖେ ଦୁଇ ହାତ ଟେକି କେବଳ ପ୍ରାର୍ଥନା କରିବା। 'ହରେ ମୁରାରେ ମଧୁକୈଟଭାରେ, ଗୋବିନ୍ଦ ଗୋପାଳ ମୁକୁନ୍ଦ ସୌରେ, ଯଜ୍ଞେଶ ନାରାୟଣ କୃଷ୍ଣ ବିଷ୍ଣୋ, ନିରାଶ୍ରୟଂ ମାଂ ଜଗଦୀଶ ରକ୍ଷ।'

**ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯**



### ଗାଜାରେ ଭୟଙ୍କର ପରିସ୍ଥିତି

# ଅନାହାରରେ ୯୩ ଶିଶୁ ସମେତ ୧୬୯ ମୃତ

**ଗାଜା,୨।୮:** ଇସ୍ରାଏଲ ମାନବୀୟ ସହାୟତା ଓ ରିଲିଫ ବନ୍ଦ କରିଦେବା ଫଳରେ ଗାଜାରେ ଭୟଙ୍କର ସ୍ଥିତି ଉପୁଜିଛି। ଲୋକମାନେ ଖାଇବାକୁ ନପାଇ ଅପପୁଷ୍ଟିର ଶିକାର ହେଉଛନ୍ତି। ଅଦ୍ୟାବଧି ୯୩ ଶିଶୁଙ୍କୁ ମିଶାଇ ମୋଟ ୧୬୯ ଜଣ ଅନାହାରରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଯୁଦ୍ଧ ଘନଘଟା ମଧ୍ୟରେ ନିରୀହ ଜୀବନଗୁଡ଼ିକ ଗୋଟିଏ ପରେ ଗୋଟିଏ ଝଡ଼ିପଡୁଛି। ଗତ ୨୪ ଘଣ୍ଟା ମଧ୍ୟରେ ଗାଜାରେ ଜଣେ ଶିଶୁକୁ ମିଶାଇ ୭ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ଘଟିଛି। ଅନେକ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ବେଳେ ସେମାନଙ୍କ ହାଡ଼କଙ୍କାଳ ଦେଖାଯାଉଛି। ଅନାହାର ଓ ଅପପୁଷ୍ଟି ଯୋଗୁଁ ସେମାନେ ଏଭଳି ହୋଇପଡ଼ିଥିବା ଡାକ୍ତର କହିଛନ୍ତି। ଜାତିସଂଘର ରିଲିଫ ଓ ୱାର୍କ୍ସ ଏଜେନ୍ସି ଇସ୍ରାଏଲର ସହଯୋଗ କଟକଣା ପଦକ୍ଷେପକୁ ସମାଲୋଚନା କରିଛି। ଯାହା କିଛି ସହାୟତା କରାଯାଉଛି, ତାକୁ ବାହୁବଳରେ ଅପହରଣ କରାଯାଉଛି। ହେଲିକପ୍ଟର ଦ୍ୱାରା ପକାଯାଉଥିବା ଖାଦ୍ୟ ତଳେ ପଡ଼ି ନଷ୍ଟ ହେଉଛି। ଲୋକଙ୍କ ମଧ୍ୟରେ ଖାଦ୍ୟ ନେବାର ପ୍ରତିଯୋଗିତା ଯୋଗୁଁ ଅନେକ ଖାଦ୍ୟ ମଧ୍ୟ ନଷ୍ଟ ହେଉଛି। ଇସ୍ରାଏଲ ସେନା ପକ୍ଷରୁ ଶନିବାର ୩୦ ପାଲେଷ୍ଟେନୀୟଙ୍କୁ ହତ୍ୟା କରାଯାଇଥିବା ବେଳେ ଅଦ୍ୟାବଧି ଇସ୍ରାଏଲ ସେନା ଆକ୍ରମଣରେ ମୋଟ ୧୩୭୩ ଜଣ ପ୍ରାଣ ହରାଇଥିବା ଜାତିସଂଘ ମାନବାଧିକାର ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି।



● ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲା

## ‘ମୋଦିଙ୍କ ନାମ ଯୋଡ଼ିବାକୁ ଚାପ ପଡ଼ିଥିଲା’





**ନୂଆଦିଲ୍ଲୀ, ୨।୮:** ବହୁଚର୍ଚ୍ଚିତ ୨୦୦୮ ମାଲେଗାଓଁ ବିସ୍ଫୋରଣ ମାମଲାରେ ସମସ୍ତ ଅଭିଯୁକ୍ତ ଦୀର୍ଘ ୧୭ ବର୍ଷର ଆଇନ ଯୁଦ୍ଧ ପରେ ଅଦାଲତଙ୍କ ଦ୍ୱାରା ଦୋଷମୁକ୍ତ ହୋଇଥିବା ବେଳେ ଏବେ ଏହି ଘଟଣାରେ ଏକ ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଏହି ମାମଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଯୋଡ଼ିବା ଲାଗି ତଦନ୍ତ ଅଧିକାରୀମାନେ ଚାପ ପକାଇଥିଲେ ବୋଲି ପୂର୍ବତନ ବିଜେପି ସାଂସଦ ପ୍ରଜ୍ଞା ସିଂ ଠାକୁର ଶନିବାର ଅଭିଯୋଗ କରିଛନ୍ତି। ସେ ପୁଣି କହିଛନ୍ତି ଯେ, ତଦନ୍ତକାରୀ ଦଳ ଓ ସୁରକ୍ଷା କର୍ମୀମାନେ ମୋତେ ନାନାଦି ନିର୍ଯାତନା ଦେଇ ହଇରାଣ ହରକତ କରିଆସୁଥିଲେ। ଶେଷରେ ମୋତେ ଡାକ୍ତରଖାନା ଯିବାକୁ ପଡ଼ିଥିଲା। କେବଳ ମୋଦି ନୁହନ୍ତି, ବରଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ, ରାମ ମାଧବ, ଅନ୍ୟ ବରିଷ୍ଠ ବିଜେପି ଓ ଆରଏସ୍‌ଏସ୍ ନେତାଙ୍କୁ ଏହି ମାମଲାରେ ଛନ୍ଦିବା ଲାଗି ଚାପ ପକାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏହି ବଡ଼ ନେତାଙ୍କ ନାମ ଯୋଡ଼ାଗଲେ ମୋତେ ମାଡ଼ କି ନିର୍ଯାନତା ଦିଆଯିବ ନାହିଁ ବୋଲି ମଧ୍ୟ କୁହାଯାଇଥିଲା। ଏଟିଏସ୍‌ର ପୂର୍ବତନ ଅଧିକାରୀ ମେହବୁବ ମିଜାୱାର ଏହି ସବୁ ବଡ଼ ନେତାଙ୍କୁ ଗିରଫ କରାଯିବ ବୋଲି ମଧ୍ୟ କହିଥିଲେ। ଏମିତି ମିଛ କହିବା ଲାଗି ମୋ ଉପରେ ପକାଯାଇଥିବା ଚାପ ସମ୍ପର୍କରେ ମୁଁ ଏକ ବହିରେ ପ୍ରକାଶ କରିବି ବୋଲି ମଧ୍ୟ ପ୍ରଜ୍ଞାସିଂ କହିଛନ୍ତି। ପ୍ରକାଶଥାଉ କି, ଏହି ବହୁଚର୍ଚ୍ଚିତ ମାମଲାରେ ପ୍ରଜ୍ଞା ସିଂ ଠାକୁରଙ୍କ ସମେତ ଏଲସି ପ୍ରଶାନ୍ତ ଶ୍ରୀକାନ୍ତ ପୁରୋହିତ ଓ ଅନ୍ୟ ୫ ଜଣଙ୍କୁ ସ୍ୱତନ୍ତ୍ର ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗୁରୁବାର ଦୋଷମୁକ୍ତ କରିଥିଲା।

# କୃଷକଙ୍କ ବିକାଶ ଲାଗି ସରକାର ଅଙ୍ଗୀକାରବଦ୍ଧ: ମୋଦି

### ଦେଶର ୯. ୭୦କୋଟି କୃଷକଙ୍କ ବ୍ୟାଙ୍କ ଖାତାକୁ ଗଲା ୨୦, ୫୦୦ କୋଟି




**ବାରାଣସି,୨।୮:** କୃଷକଙ୍କ ବିକାଶ ଲାଗି ସରକାର ଅଙ୍ଗୀକାରବଦ୍ଧ। ପିଏମ୍ କିଷାନ ସମ୍ମାନ ନିଧି ଏହାର ଉଦାହରଣ। କିଷାନ ସମ୍ମାନ ନିଧିର ୨୦ତମ କିସ୍ତିରେ ଶନିବାର ୨୦, ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସେ ପ୍ରକାଶ କରିଛନ୍ତି। ଦେଶର ୯ କୋଟି ୭୦ ଲକ୍ଷ କୃଷକଙ୍କ ବ୍ୟାଙ୍କ ଖାତାକୁ ଏହି ଟଙ୍କା ପଠାଯାଇଛି। ବିଗତ ୧୦ ବର୍ଷ ଧରି ଆମ ସରକାର କୃଷକଙ୍କ ବିକାଶ ଲାଗି କାମ କରିଆସୁଥିବା ମୋଦି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ଆମ ସରକାର ପିଏମ୍ କିଷାନ ସମ୍ମାନ ନିଧି ଯୋଜନା ମାଧ୍ୟମରେ କୃଷକଙ୍କୁ ମୋଟ ୩ ଲକ୍ଷ ୭୫ କୋଟି ଟଙ୍କା ଦେଇସାରିଲେଣି। ବାରାଣସିରେ ସେ ଜନସଭାକୁ ଉଦବୋଧନ ଦେଇ କୃଷକଙ୍କ ହିତରେ ସରକାର ବିଭିନ୍ନ ପଦକ୍ଷେପ ନେଉଥିବା କହିଛନ୍ତି। କୃଷକଙ୍କ ଲାଗି ପୁଣି ଧନ ଧାନ୍ୟ ଯୋଜନା କରାଯାଇଛି। ଏହି ଯୋଜନାରେ ୨୪ ହଜାର କୋଟି ଟଙ୍କା କୃଷକଙ୍କ ଦିଆଯିବ। ଏଥିରେ ଛୋଟ ଛୋଟ ଜିଲ୍ଲାକୁ ଅଧିକ ଗୁରୁତ୍ୱ ଦିଆଯିବ। ପାଣି ପାଗରେ ପରିବର୍ତ୍ତନ ଯୋଗୁଁ ଚାଷରେ କ୍ଷତି ସହିବାକୁ ପଡୁଛି। ଏଥିଲାଗି ପିଏମ କିଷାନ ବୀମା ଯୋଜନାରେ ଚାଷୀଙ୍କୁ କ୍ଷତିପୂରଣ ମିଳୁଛି। ଏବେ ବି ଅନେକ ବିଚାରାଧୀନ ରହିଥିବା ମୋଦି କହିଛନ୍ତି। ସେ ପୁଣି କହିଛନ୍ତି ଯେ, ‘ଅପରେଶନ ସିନ୍ଦୂର’ର ସଫଳତା ପରେ ସେ ପ୍ରଥମ ଥର ଲାଗି କାଶୀ ଆସିଛନ୍ତି। କାଶୀ ବିଶ୍ୱନାଥଙ୍କୁ ଦର୍ଶନ କରି ସେ ପୀଡ଼ିତ ପରିବାରର ଆତ୍ମାକୁ ଶାନ୍ତି ମିଳିଥିବା କହିଛନ୍ତି। ଦେଶର ୧୪୦ କୋଟି ଲୋକଙ୍କ ସହଯୋଗ ଓ ଏକତା ଲାଗି ଏହି ସଫଳତା ମିଳିଛି। ଭାରତର ପରାକ୍ରମ ସାରା ବିଶ୍ୱ ଦେଖିଲା, କିନ୍ତୁ ବିରୋଧୀଙ୍କୁ ଦିଶିଲାନି। ସେମାନେ ସରକାରକୁ ସମାଲୋଚନା କରିବାକୁ ପଛାଉନାହାନ୍ତି। ବିକାଶ କ୍ଷେତ୍ରରେ ସମସ୍ତେ ସାମିଲ ହେବା ଜରୁରୀ। ବିଶେଷ କରି ଅନ୍ନଦାତାଙ୍କ ବିକାଶ ସରକାରଙ୍କ ପ୍ରାଥମିକତାରେ ରହିଥିବା ମୋଦି କହିଛନ୍ତି।

● ଅପରେସନ ଅଖାଲକୁ ବଡ଼ ସଫଳତା

## ସେନା ଗୁଳିରେ ୩ ଆତଙ୍କୀ ନିପାତ

**କୁଲଗାମ,୨।୮:** ଜମ୍ମୁ ଓ କାଶ୍ମୀରର କୁଲଗାମ ଜିଲ୍ଲାରେ ଶୁକ୍ରବାର ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ତୀବ୍ର ଗୁଳି ବିନିମୟ ଜାରି ରହିଛି। ଏହି ଆତଙ୍କବାଦୀମାନେ ଲସ୍କର-ଏ-ତୋଇବା ସହ ଜଡ଼ିତ ଏବଂ ପହଲଗାମ ଆକ୍ରମଣରେ ସମ୍ପୃକ୍ତ ଥିଲେ ବୋଲି ସୂଚନା ମିଳିଛି। ଏହି ଘଟଣାଟି କୁଲଗାମର ଅଖାଲ ଜଙ୍ଗଲ ଅଞ୍ଚଳରେ ଘଟିଛି। ଭାରତୀୟ ସେନା, ସିଆରପିଏଫ ଏବଂ ଜମ୍ମୁ ଓ କାଶ୍ମୀର ପୋଲିସ ମିଳିତ ଭାବେ ଏହି ଅଭିଯାନ ଜାରି ରଖିଛନ୍ତି। ଖବର ମୁତାବକ, ନିର୍ଦ୍ଦିଷ୍ଟ ଗୁଇନ୍ଦା ସୂଚନା ଆଧାରରେ ଅଖାଲ ଜଙ୍ଗଲରେ ଏକ ତଲାସୀ ଅଭିଯାନ ଆରମ୍ଭ ହୋଇଥିଲା। ସୁରକ୍ଷା ବାହିନୀ ଅଞ୍ଚଳଟିକୁ ଘେରି ତଲାସୀ ଆରମ୍ଭ କରିଥିଲେ। କିନ୍ତୁ ଆତଙ୍କୀମାନେ ପ୍ରଥମେ ସେନା ଉପରେ ଗୁଳି ଚଳାଇଥିଲେ, ପାଲଟା ଜବାବରେ ସେନା ପକ୍ଷରୁ ମଧ୍ୟ ଗୁଳି ବିନିମୟ ଆରମ୍ଭ ହୋଇଥିଲା। ଏହି ଅଞ୍ଚଳରେ ୩ ରୁ ୪ ଜଣ ଆତଙ୍କବାଦୀ ଥିବା ସନ୍ଦେହ କରାଯାଉଛି, ଯେଉଁମାନେ ଏବେ ସେନାର ଘେରାବନ୍ଦୀ ମଧ୍ୟରେ ଫସି ରହିଛନ୍ତି। ଅଭିଯାନକୁ ଆହୁରି ଶାଣିତ କରିବା ପାଇଁ ସେନା ପକ୍ଷରୁ ଅତିରିକ୍ତ ସୈନ୍ୟ ଏବଂ ହେଲିକପ୍ଟର ଜରିଆରେ ଆକାଶମାର୍ଗରୁ ନିରୀକ୍ଷଣ ଜାରି କରାଯାଉଛି।



# ସନ୍ଥ ପ୍ରେମାନନ୍ଦଙ୍କୁ ହତ୍ୟା ଧମକ



**ନୂଆଦିଲ୍ଲୀ,୨।୮:** ବୃନ୍ଦାବନର ସନ୍ଥ ପ୍ରେମାନନ୍ଦ ମହାରାଜଙ୍କୁ ହତ୍ୟା ଧମକ ଦିଆଯାଇଛି। ଯୁବକ ଜଣକ ସୋସିଆଲ ମିଡିଆ ଫେସବୁକରେ ପୋଷ୍ଟ କରି ତାଙ୍କୁ ଧମକ ଦେଇଥିଲେ, ଏହି ପୋଷ୍ଟ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେଉଛି। ଅଭିଯୁକ୍ତ ଜଣକ କହିଛନ୍ତି ଯେ ‘ଯଦି ସେ ମୋ ଘର ବିଷୟରେ କଥା ହୋଇଥାନ୍ତେ, ମୁଁ ତାଙ୍କର ଗଳା କାଟି ଦେଇଥାନ୍ତି।’
ପ୍ରକୃତରେ, ସନ୍ଥ ପ୍ରେମାନନ୍ଦ ମହାରାଜ ସମ୍ପ୍ରତି ମହିଳାଙ୍କ ବିଷୟରେ ଦେଇଥିବା ଏକ ବୟାନ ପାଇଁ ଖବରରେ ଅଛନ୍ତି। ଯେଉଁଥିରେ ସେ ଯୁବକମାନଙ୍କୁ ଏକ ମର୍ଯ୍ୟାଦାବନ୍ତ ଏବଂ ନୈତିକ ଜୀବନଯାପନ କରିବାକୁ ପରାମର୍ଶ ଦେଇଥିଲେ। ସେହି ସମୟରେ, ସେ ସମାଜରେ ବଢୁଥିବା ପ୍ରେମିକା-ପ୍ରେମିକ ସଂସ୍କୃତି ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ ଏବଂ ଏହାକୁ ସମାଜ ପାଇଁ କ୍ଷତିକାରକ ବୋଲି କହିଥିଲେ, ଯାହା ପରେ ତାଙ୍କ ବୟାନକୁ ନେଇ ବିବାଦ ସୃଷ୍ଟି ହୋଇଛି।
ପ୍ରେମାନନ୍ଦ ଜୀ ମହାରାଜଙ୍କ ଏହି ଭିଡିଓ ସୋସିଆଲ ମିଡିଆରେ ମଧ୍ୟ ଭାଇରାଲ ହେଉଛି, ଯାହା ପରେ ଏହାକୁ ନେଇ ଅନେକ ପ୍ରକାରର ପ୍ରତିକ୍ରିୟା ଆସୁଛି। ଏହି ଭିଡିଓ ସମ୍ପର୍କରେ, ଅଭିଯୁକ୍ତ ଯୁବକ ସନ୍ଥଙ୍କୁ ହତ୍ୟା କରିବାକୁ ଧମକ ଦେଇଛନ୍ତି। ଅଭିଯୁକ୍ତ ଯୁବକ କହିଛନ୍ତି ଯେ ‘ପ୍ରେମାନନ୍ଦ ମହାରାଜ ଯାହା କହିଛନ୍ତି ତାହା ସମଗ୍ର ସମାଜ ବିଷୟରେ, ଯଦି ସେ ମୋ ଘର ବିଷୟରେ କଥା ହୋଇଥାନ୍ତେ, ମୁଁ ତାଙ୍କର ଗଳା କାଟି ଦେଇଥାନ୍ତି।’

## ୧୭୦୦ ଭାରତୀୟଙ୍କୁ ବିଦା କରିଛି ଆମେରିକା

**ନୂଆଦିଲ୍ଲୀ,୨।୮:** ୭ ମାସରେ ଆମେରିକା ପାଖାପାଖି ୧୭୦୩ ଭାରତୀୟ ନାଗରିକଙ୍କୁ ଦେଶରୁ ନିର୍ବାଶିତ କରିଛି । ଯେଉଁଥିରେ ୧୪୧ ମହିଳା ସାମିଲ ଅଛନ୍ତି । ଲୋକସଭାରେ ଏହି ସୂଚନା ଦେଇଛନ୍ତି ବିଦେଶ ରାଜ୍ୟ ମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂ । ସିଂ କହିଛନ୍ତି ୨୦୨୦ରୁ ୨୦୨୪ ମଧ୍ୟରେ ୫ ହଜାର ୫ଶହ ୪୧ ଭାରତୀୟଙ୍କୁ ଆମେରିକାରୁ ବିଦା କରାଯାଇଥିଲା । ଚଳିତ ବର୍ଷ ୨୨ ଜୁଲାଇ ପର୍ଯ୍ୟନ୍ତ ଆମରିକାରୁ ବାହାର କରାଯାଇଥିବା ଭାରତୀୟଙ୍କ ସଂଖ୍ୟା ୧୭,୦୩ ଥିବା କହିଛନ୍ତି ମନ୍ତ୍ରୀ କିର୍ତ୍ତୀ ବର୍ଦ୍ଧନ ସିଂ । ସେ ଆହୁରି ମଧ୍ୟ କହିଛନ୍ତି ବ୍ରିଟେନ୍‌ରୁ ଗତ ୫ ବର୍ଷରେ ୩୧୧ ଭାରତୀୟଙ୍କୁ ଡିପୋର୍ଟ କରାଯାଇଥିଲା । ୨୦୨୫ ପର୍ଯ୍ୟନ୍ତ ଏହି ସଂଖ୍ୟା ୧୩୧ରେ ପହଞ୍ଚିଛି । ସରକାରୀ ତଥ୍ୟ ଅନୁସାରେ ୧୭୦୩ ଭାରତୀୟଙ୍କ ମଧ୍ୟରୁ ସବୁଠାରୁ ଅଧିକ ୬୨୦ କେବଳ ପଞ୍ଜାବରୁ ରହିଛନ୍ତି । ଏହା ପରେ ହରିୟାଣାରୁ ୬୦୪, ଗୁଜୁରାଟରୁ ୨୪୫ ଏବଂ ଜାମ୍ମୁକଶ୍ମୀରରୁ ୧୦ ଜଣଙ୍କୁ ଆମେରିକାରୁ ବାହାର କରାଯାଇଛି ।

### ତେଜସ୍ୱୀ ଯାଦବଙ୍କୁ ବିହାର ଉପମୁଖ୍ୟମନ୍ତ୍ରୀଙ୍କ କଟାକ୍ଷ

# ଭୋଟର ତାଲିକା ଦାବିକୁ ସମାଲୋଚନା



**ପାଟନା,୨।୮:** ବିହାରର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ନିଜ ନାମ ନିର୍ବାଚନ ଆୟୋଗ (ଇସିଆଇ) ର ନୂଆ ଭୋଟର ତାଲିକାରୁ ହଟାଯାଇଛି ବୋଲି ଦାବି କରିବା ପରେ ବିବାଦ ଘନେଇବାରେ ଲାଗିଛି। ଏହାକୁ ନେଇ ରାଜ୍ୟର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଶନିବାର ଦିନ ତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ଚୌଧୁରୀ ତେଜସ୍ୱୀଙ୍କୁ "ଜନସାଧାରଣଙ୍କୁ ଭ୍ରମିତ କରୁଥିବା" ଏବଂ "ମିଛ ବିବୃତି" ଦେଇ ରାଜନୈତିକ ବିବାଦ ସୃଷ୍ଟି କରିବାକୁ ଚେଷ୍ଟା କରୁଥିବା କହି କଟାକ୍ଷ କରିଛନ୍ତି। ସୂଚନା ମୁତାବକ, ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)ର ନେତା ତେଜସ୍ୱୀ ଯାଦବ, ଶନିବାର ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଥିଲେ ଯେ ବିହାରର ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସଆଇଆର) ପରେ ତାଙ୍କ ନାମ ଭୋଟର ତାଲିକାରୁ ହଟାଯାଇଛି। ସେ ନିର୍ବାଚନ ଆୟୋଗର ମୋବାଇଲ ଆପରେ ନିଜର ଇପିଆଇସି (ଇଲେକ୍ଟୋରାଲ ଫୋଟୋ ଆଇଡେଣ୍ଟିଟି କାର୍ଡ) ନମ୍ବର ପ୍ରବେଶ କରି ଦେଖାଇଥିଲେ ଯେ ତାଙ୍କ ନାମ ତାଲିକାରେ ନାହିଁ। ଏହା ସହିତ ସେ ଅଭିଯୋଗ କରିଥିଲେ ଯେ ଏସଆଇଆର ପ୍ରକ୍ରିୟା ସ୍ୱଚ୍ଛ ନୁହେଁ ଏବଂ ଏହା ଗରିବ ଓ ପଛୁଆ ସମ୍ପ୍ରଦାୟର ଭୋଟରଙ୍କୁ ନାମ ହଟାଇ ଅସୁବିଧାରେ ପକାଇବା ପାଇଁ ଶାସକ ଦଳର ଏକ ଷଡ଼ଯନ୍ତ୍ର।

## ରାହୁଲଙ୍କ ‘ଡେଡ୍ ଇକୋନମି’ ବିବୃତ୍ତିରେ ଶଶି ଥରୁରଙ୍କ ଟିପ୍ପଣୀ



**ନୂଆଦିଲ୍ଲୀ,୨।୮:** କଂଗ୍ରେସ ସାଂସଦ ଶଶି ଥରୁର ଶନିବାର କହିଛନ୍ତି ଯେ, ଡୋନାଲ୍ଡ ଟ୍ରମ୍ପଙ୍କ ଡେଡ୍ ଇକୋନମି ଟିପ୍ପଣୀରେ ରାହୁଲ ଗାନ୍ଧୀଙ୍କ ବୟାନକୁ ନେଇ କୌଣସି ଟିପ୍ପଣୀ କରିବେ ନାହିଁ। ସେ କହିଛନ୍ତି ଯେ, ଆମେରିକା ସହ ଭାରତର ବାଣିଜ୍ୟିକ ସମ୍ବନ୍ଧ ଗୁରୁତ୍ୱପୂର୍ଣ୍ଣ ଏବଂ ଏହା ଉପରେ କୌଣସି ପ୍ରଭାବ ପଡ଼ିବା ଉଚିତ ନୁହେଁ। ଲୋକସଭାରେ ତିରୁଅନନ୍ତପୁରମ୍‌ର ପ୍ରତିନିଧିତ୍ୱ କରୁଥିବା ଥରୁର କହିଛନ୍ତି , ମୁଁ ନିଜର ପାର୍ଟି ନେତାଙ୍କ କଥା ଉପରେ କୌଣସି ଟିପ୍ପଣୀ କରିବାକୁ ଚାହୁଁ ନାହିଁ। ଏମିତି କହିବା ପଛରେ ରାହୁଲ ଗାନ୍ଧୀଙ୍କ ନିଜସ୍ୱ କାରଣ ରହିଛି। ମୋର ଚିନ୍ତା ଏହି କଥାକୁ ନେଇ ଅଧିକ ଯେ , ରଣନୀତିକ ଓ ଆର୍ଥିକ ସହଭାଗିତା ଭାବେ ଆମେରିକା ସହ ଆମର ସଂପର୍କ ଆମ ପାଇଁ ମହତ୍ତ୍ୱପୂର୍ଣ୍ଣ। କଂଗ୍ରେସ ନେତା କହିଛନ୍ତି ଯେ, ଭାରତକୁ ଆମେରିକା ସହ ନିଜର ମଜବୁତ ବାଣିଜ୍ୟିକ ସଂପର୍କକୁ ରକ୍ଷା କରିବା ଉଚିତ୍। ସେ ଜୋର ଦେଇ କହିଛନ୍ତି ଯେ, ଆମେରିକା ଦେଶର ସବୁଠୁ ବଡ଼ ରପ୍ତାନୀ ବଜାର ଗୁଡ଼ିକ ମଧ୍ୟରୁ ଗୋଟିଏ, ଯେଉଁଠି ବାର୍ଷିକ ପାଖାପାଖି ୯୦ ବିଲିୟନ ଡଲାରର ସାମଗ୍ରୀ ଯାଇଥାଏ। ସେ ଦାବି କରିଛନ୍ତି ଯେ, ଆମେ ଆମେରିକାକୁ ପାଖାପାଖି ୯୦ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରୁଛେ। ଏଥିପାଇଁ ଆମେ ଏହି ସ୍ଥିତିରେ ରହି ପାରିବା ନାହିଁ ଯେ, ଯେଉଁଠି ଆମେ ଏହାକୁ ହରାଇ ଦେବା ବା ଏଥିରେ ଉଲ୍ଲେଖନୀୟ ହ୍ରାସ ଆସିଯାଉ। କିଛି ଲୋକ କହନ୍ତି ଯେ, ଏହା ଆମର ଜିଡିପିର କେବଳ ୨ ପ୍ରତିଶତ, କିନ୍ତୁ ଆମର ରପ୍ତାନୀର ପ୍ରତିଶତର ସନ୍ଦର୍ଭରେ , ଆମେରିକା ଆମର ସବୁଠୁ ବଡ଼ ବଜାର ମଧ୍ୟରୁ ଗୋଟିଏ।

## ବିହାରରେ ପୂର୍ବ ଶତ୍ରୁତାରୁ ଜଘନ୍ୟ କାଣ୍ଡ ଗଳା ଚିପି ହତ୍ୟା ପରେ ଜାଳିଦେଲେ

**ପାଟଣା,୨।୮:** ପ୍ରଥମେ ଗଳା ଚିପି ହତ୍ୟା, ପରେ ଶବ ଜାଳିଦେଲା, ନିକଟତମ ଲୋକ ହାତରେ ଭାଇଭଉଣୀଙ୍କ ମୃତ୍ୟୁ। ବିହାରର ରାଜଧାନୀ ପାଟଣାରେ ଏହି ଘଟଣା ହଇଚଇ ସୃଷ୍ଟି କରିଛି । ପୁଲିସ ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ପୂର୍ବ ଶତ୍ରୁତା ଓ ବ୍ୟକ୍ତିଗତ ବିବାଦ କାରଣରୁ ଏହି ଜଘନ୍ୟ ଅପରାଧ ଘଟାଇଛି । ଘଟଣା ବିହାର ପାଟଣାର ଏକ ଆବାସିକ ଅଞ୍ଚଳରେ ଘଟିଥିବା ଜଣାପଡ଼ିଛି, ଯାହା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି । ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି । ଏପର୍ଯ୍ୟନ୍ତ ୨୨ ଜଣଙ୍କୁ ପଚରାଉଚରା କରାଯାଇଛି । ଦୁଇଜଣଙ୍କୁ ପୁଲିସ ହେପାଜତରେ ରଖାଯାଇଛି ଏବଂ ସେମାନଙ୍କୁ ପଚରାଉଚରା କରାଯାଉଛି । ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ କିଛି ଲୋକ ଅଭିଯୁକ୍ତଙ୍କୁ ଦେଖିଥିଲେ, କିନ୍ତୁ କେହି ସେମାନଙ୍କ ବିଷୟରେ କିଛି କହୁନାହାନ୍ତି। ଏସ୍‌ପି ଭାନୁ ପ୍ରତାପ ସିଂହ କହିଛନ୍ତି, ତଦନ୍ତ ଚାଲିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଛି। ଖୁବ୍ ଶୀଘ୍ର ମାମଲାର ପର୍ଦ୍ଦାଫାସ କରାଯିବ।

### ଟ୍ରମ୍ପଙ୍କ ଦାବିକୁ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ଖଣ୍ଡନ

# ରୁଷଠାରୁ ତୈଳ ଆମଦାନୀ ବନ୍ଦ କରିନୁ



**ନୂଆଦିଲ୍ଲୀ,୨।୮:** ନିକଟରେ ଭାରତ ଉପରେ ୨୫% ଟାରିଫ୍ ସହ ଜରିମାନା ଲଗାଇଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡୋ ଟ୍ରମ୍ପ। ଏହାପରେ ଟ୍ରମ୍ପ କହିଥିଲେ ଆମର ଟାରିଫ୍ ନୀତି ଲାଗୁ ହେବା ପରେ ରୁଷଠାରୁ ଭାରତ ତେଲ କିଣିବା ବନ୍ଦ କରିଦେଇଛି। ଏଭଳି ଏକ ଦିନ ଆସିବ ଭାରତକୁ ପାକିସ୍ତାନ ପଖରୁ ତେଲ କିଣିବାକୁ ପଡ଼ିପାରେ। ଟ୍ରମ୍ପଙ୍କ ଏହି ମନ୍ତବ୍ୟ ପରେ ଏବେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ନିଜର ପ୍ରତିକ୍ରିୟା ରଖିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ରୁଷଠାରୁ ତୈଳ ଆମଦାନୀ ବନ୍ଦ ହୋଇନି। ଏପରିକି ବନ୍ଦ ନେଇ ମଧ୍ୟ କୌଣସି ସୂଚନା ନାହିଁ। । ବାଣିଜ୍ୟ ପୂର୍ବ ପରି ଜାରି ରହିଛି। ଭାରତର ତେଲ ଆମଦାନୀ ନିଷ୍ପତ୍ତି ବଜାର ପରିସ୍ଥିତି ଏବଂ ଜାତୀୟ ସ୍ୱାର୍ଥ ଉପରେ ଆଧାରିତ ବୋଲି କହିଛି ବୈଦେଶିକ ମନ୍ତ୍ରଣାଳୟ। ୧ ଅଗଷ୍ଟରୁ ଟ୍ରମ୍ପ ଭାରତୀୟ ଆମଦାନି ଉପରେ ୨୫% ଟାରିଫ୍ ଲାଗୁ ହୋଇଛି।। ରୁଷରୁ ତୈଳ ଓ ପ୍ରତିରକ୍ଷା ଉପକରଣ ଯେପରି ଭାରତର କିଣି ନପାରୁ ତାହା ଚାହୁଁଛି ଆମେରିକା। କେବଳ ସେତିକି ନୁହେଁ ଇରାନ ସହ ବାଣିଜ୍ୟ କରୁଥିବା ଭାରତୀୟ କମ୍ପାନୀ ଉପରେ ଆମେରିକା କଟକଣା ଲଗାଇଛି। ଟ୍ରମ୍ପ ଚାହୁଁଛନ୍ତି ରୁଷ ବଦଳରେ ଆମେରିକାଠାରୁ ଭାରତ କୃଷି ଏବଂ ସାମରିକ ଉପକରଣ କିଣୁ। ତେବେ ଭାରତ ସ୍ପଷ୍ଟ କରିଛି ଯେ, ଚାପରେ କୌଣସି ଚୁକ୍ତି କରିବନି। ତା ପାଖରେ ସାଉଦି ଆରବ, ୟୁଏଇ ଏବଂ କତର ଭଳି ଅନ୍ୟ ଦେଶର ବିକଳ୍ପ ରହିଛି। ଏହି ଦେଶ ଗୁଡିକରୁ ଭାରତ ତୈଳ ଆଣିପାରିବ।

# ଲାଇନଚ୍ୟୁତ ହେଲା ଟ୍ରେନ୍, ୩୦ ଯାତ୍ରୀ ଆହତ



**ଲାହୋର,୨।୮:** ପାକିସ୍ତାନର ଲାହୋର ନିକଟରେ ଏକ ଟ୍ରେନ୍ ଲାଇନଚ୍ୟୁତ ହୋଇଛି । ଏହି ଘଟଣାରେ ଅତି କମରେ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ପାକିସ୍ତାନ ରେଳବାଇ ଅଧିକାରୀମାନେ ଶନିବାର କହିଛନ୍ତି ଯେ ଲାହୋର ନିକଟରେ ଏକ ଟ୍ରେନ୍ ର ଅନେକ ବଗି ଲାଇନଚ୍ୟୁତ ହୋଇଛି। ଶୁକ୍ରବାର ସନ୍ଧ୍ୟାରେ ଲାହୋରରୁ ରାୱଲପିଣ୍ଡି ଯାଉଥିବା ଇସଲାମାବାଦ ଏକ୍ସପ୍ରେସ୍ ଲାହୋରରୁ ପ୍ରାୟ ୫୦ କିଲୋମିଟର ଦୂର ଶେଖପୁରାର କାଲା ଶାହ କାକୁରେ ଲାଇନଚ୍ୟୁତ ହୋଇଛି। “ସେଖପୁରାରେ ଟ୍ରେନ୍ ର ଅତି କମରେ ୧୦ଟି ବଗି ଲାଇନଚ୍ୟୁତ ହୋଇଛି, ପ୍ରାୟ ୩୦ ଜଣ ଯାତ୍ରୀ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ତିନି ଜଣଙ୍କ ଅବସ୍ଥା ଗୁରୁତର ଅଛି,” ପାକିସ୍ତାନ ରେଳବାଇ ଶୁକ୍ରବାର ବିଳମ୍ବିତ ରାତିରେ ଏକ ବିବୃତ୍ତିରେ କହିଛି । ଏଥି ସହ ଜାଣିରଖନ୍ତୁ ଯେ, ଉଦ୍ଧାରକାରୀ ଦଳ ଘଟଣାସ୍ଥଳକୁ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ କୋଚ୍ ଭିତରେ ଫସି ରହିଥିବା କିଛି ଯାତ୍ରୀଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି । ରେଳବାଇ କହିଛି ଯେ ଏପର୍ଯ୍ୟନ୍ତ କୌଣସି ମୃତାହତର ଖବର ମିଳିନାହିଁ । ଏହା ଆହୁରି ମଧ୍ୟ କହିଛି ଯେ ଲାହୋର ରେଳ ଷ୍ଟେସନ ଛାଡିବାର ଅଧ ଘଣ୍ଟା ପରେ ଟ୍ରେନର କୋଚ୍ ଲାଇନଚ୍ୟୁତ ହୋଇଥିଲା ।

## ମୁଖ୍ୟମନ୍ତ୍ରୀଙ୍କ ଏସ୍କର୍ଟ ଗାଡ଼ିରେ ମଦ

### ଏସ୍‌ଆଇଙ୍କ ସମେତ ୪ ପୁଲିସ ସସ୍‌ପେଣ୍ଡ





**ଚଣ୍ଡିଗଡ଼,୨।୮:** ହିମାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବୀର ସିଂ ସୁଖୁଙ୍କ ଏସ୍କର୍ଟ ଗାଡ଼ିରୁ ମଦ ବାହାରିଛି। ପ୍ରୋଟୋକଲ ଡ୍ୟୁଟିରେ ରହିଥିବା ପୋଲିସ ଡ୍ୟୁଟିରେ ରହି ପୋଲିସ ପୋଷାକ ପିନ୍ଧି ମଦ ଦୋକାନରୁ ମଦ କିଣି ଏହି ଏସ୍କର୍ଟ ଗାଡ଼ିରେ ରଖିଥିଲେ ବୋଲି ଜଣାପଡ଼ିଛି। ଏ ସମ୍ପର୍କିତ ଏକ ୨ ମିନିଟ୍‌ର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଘଟଣାର ତଦନ୍ତ କରାଯାଇ ଜଣେ ଏସ୍‌ଆଇଙ୍କ ସମେତ ୪ ପୋଲିସ କର୍ମଚାରୀଙ୍କୁ କାର୍ଯ୍ୟରୁ ସସପେଣ୍ଡ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ସୁଖୁଙ୍କ ହେଲିକପ୍ଟର ଖରାପ ପାଗ ଯୋଗୁଁ ସିମଲାରୁ ଉଡ଼ାଣ କରିପାରି ନଥିଲା। ଦିଲ୍ଲୀ ଯିବା ଲାଗି ସେ ରାଜପଥ ଦେଇ କାରରେ ଚଣ୍ଡିଗଡ଼ରେ ପହଞ୍ଚିଥିଲେ। ଏହି ଘଟଣା ଅଗଷ୍ଟ ୧ ତାରିଖର। ମୁଖ୍ୟମନ୍ତ୍ରୀଙ୍କ ଏସ୍କର୍ଟ ଦାୟିତ୍ୱରେ ରହିଥିବା ପୋଲିସ କର୍ମଚାରୀ ସୋଲାନରୁ ଏହି ୨ କାର୍ଟୁନ ମଦ କିଣିଥିଲେ। ଏନେଇ ଏକ ଭିଡିଓ ଭାଇରାଲ ହେବା ପରେ ସୋଲାନ ଏସ୍‌ପି ଗୌରବ ସିଂ ଏହାର ପ୍ରାଥମିକ ତଦନ୍ତ କରି ଜଣେ ଏସ୍‌ଆଇଙ୍କ ସମେତ ୪ ପୋଲିସ କର୍ମଚାରୀଙ୍କୁ ସସ୍ପେଣ୍ଡ କରିଥିବା ଜଣାପଡ଼ିଛି। ପୋଲିସ ଏସ୍‌ଆଇ ମନୋଜ କୁମାର, କନେଷ୍ଟବଳ ଶ୍ରୀକାନ୍ତ, ମନୋହର ଲାଲ ଓ ରାଜନ କୁମାରଙ୍କୁ ଶେଷରେ ପରିଣାମ ଭୋଗିବାକୁ ପଡ଼ିଛି। ଏନେଇ ବିଭାଗୀୟ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

## ବାଂଲାଦେଶର ନୂଆ ମାନଚିତ୍ରକୁ ନେଇ ବିବାଦ

**ନୂଆଦିଲ୍ଲୀ,୨।୮** ବାଂଲାଦେଶର ନୂଆ ମାନଚିତ୍ରରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ତ୍ରିପୁରା, ବିହାର, ଝାଡ଼ଖଣ୍ଡର କେତେକ ଅଂଶକୁ ଦେଖାଯାଇଛି । ଏହାକୁ ନେଇ ବିବାଦ ଦେଖାଦେଇଥିବାବେଳେ ଏହି ପ୍ରସଙ୍ଗ ସଂସଦରେ ଉଠିଛି । କଂଗ୍ରେସ ନେତା ରଣଦୀପ ସିଂ ସୂର୍ଯେୱାଲା ରାଜ୍ୟସଭାରେ ଏହି ପ୍ରଶ୍ନ ଉଠାଇଛନ୍ତି । ସୂର୍ଯେୱାଲା କହିଛନ୍ତି, ସରକାର ଏ ନେଇ କ'ଣ କରୁଛନ୍ତି । ଲିଖିତ ଜବାବରେ ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ଏହା ଉପରେ କଡ଼ା ନଜର ରଖାଯାଇଛି। ସରକାର ଏଭଳି ଉଦ୍ଦେଶ୍ୟମୂଳକ ଘଟଣାରେ ମୁକାବିଲା କରିବା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ।
ବିଦେଶ ମନ୍ତ୍ରଣାଳୟ ଅନୁସାରେ, ଏହି ବିବାଦୀୟ ମାନଚିତ୍ର ଗତ ଏପ୍ରିଲ ୧୪ରେ ଢାକା ୟୁନିଭର୍ସିଟିରେ ଆୟୋଜିତ ଏକ ପ୍ରଦର୍ଶନୀରେ ଲଗାଯାଇଥିଲା। ଢାକାରେ ଥିବା ଇସ୍‌ଲାମିକ ଗ୍ରୁପ୍ ‘ସଲ୍‌ତନତ୍ -ଏ-ବାଂଲା’ ତରଫରୁ ଏହି ଗ୍ରେଟର ବାଂଲାଦେଶ ମାନଚିତ୍ର ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ରହିଥିଲା ।

### ଓଭାଲ୍ ଟେଷ୍ଟ୍: ଦ୍ୱିତୀୟ ଇନିଂସରେ ଭାରତ ୩୯୬

# ଜୈସ୍ୱାଲ୍‌ଙ୍କ ଶତକ, ଇଂଲଣ୍ଡକୁ ୩୭୪ ଟାର୍ଗେଟ୍



ଲଣ୍ଡନ,୨।୮: ଏଠାକାର କେନିଙ୍ଗଟନ୍ ଓଭାଲ୍‌ଠାରେ ଚାଲିଥିବା ଚଳିତ ଭାରତ-ଇଂଲଣ୍ଡ ସିରିଜ୍‌ର ପଞ୍ଚମ ତଥା ଅନ୍ତିମ ଟେଷ୍ଟ୍‌ରେ ଘରୋଇ ଦଳ ଆଗରେ ୩୭୪ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଆଜି ମ୍ୟାଚ୍‌ର ତୃତୀୟ ଦିନରେ ଭ୍ରମଣକାରୀ ଭାରତ ତା'ର ଦ୍ୱିତୀୟ ଇନିଂସରେ ୩୯୬ ରନ୍ କରି ଅଲ୍‌ଆଉଟ୍ ହେବା ଫଳରେ ପୂର୍ବରୁ ପ୍ରଥମ ଇନିଂସ ଭିତ୍ତିରେ ୨୩ ରନ୍‌ରେ ଆଗୁଆ ଥିବା ଇଂଲଣ୍ଡକୁ ଉପରୋକ୍ତ ଟାର୍ଗେଟ୍ ମିଳିଛି। ମ୍ୟାଚ୍ ଶେଷ ହେବାକୁ ଆଉ ଦୁଇ ଦିନ ବାକି ଥିବା ବେଳେ ଇଂଲଣ୍ଡ ଏହି ଟାର୍ଗେଟ୍‌ରେ ପହଞ୍ଚିପାରିଲେ, ସିରିଜ୍‌କୁ ୩-୧ରେ ଜିତିପାରିବ। ଅନ୍ୟପକ୍ଷରେ ଇଂଲଣ୍ଡର ଦ୍ୱିତୀୟ ଇନିଂସକୁ ୩୭୩ ପୂର୍ବରୁ ଅଲ୍‌ଆଉଟ୍ କରି ଭାରତ ସିରିଜ୍‌କୁ ୨-୨ରେ ଡ୍ର' ରଖିବାକୁ ଅନ୍ତିମ ଦୁଇ ଦିନରେ ଉଦ୍ୟମ କରିବ। ଗତକାଲି ଭାରତ ତା'ର ଦ୍ୱିତୀୟ ଇନିଂସରେ ୨ଟି ୱିକେଟ୍ ହରାଇ ୭୫ ରନ୍ କରିଥିବା ବେଳେ ଆଜି ଏହିଠାରୁ ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ୍ ଯଶସ୍ୱୀ ଜୈସ୍ୱାଲ୍ (୫୧) ଓ ଆକାଶଦୀପ (୪) ଖେଳ ଆରମ୍ଭ କରିଥିଲେ। ଉଭୟ ଚମତ୍କାର ବୁଝାମଣା ପୂର୍ବକ ରନ୍ ସଂଗ୍ରହ କରିଚାଲିଥିଲେ। ସେମାନେ ଦଳୀୟ ସ୍କୋର୍‌କୁ ଶହେ ଓ ଦେଢ଼ ଶହରେ ପହଞ୍ଚାଇବା ପରେ ଆକାଶଦୀପ ଟେଷ୍ଟ୍ କ୍ରିକେଟ୍‌ରେ ତାଙ୍କର ପ୍ରଥମ ଅର୍ଦ୍ଧଶତକ ପୂରଣ କରିଥିଲେ। ନାଇଟ୍ ୱାଚ୍‌ମ୍ୟାନ୍ ଭାବେ ଗତକାଲି ପଡ଼ିଆକୁ ଓହ୍ଲାଇଥିବା ଏହି ବ୍ୟାଟ୍ସମ୍ୟାନ୍ ଜଣଙ୍କ ତୃତୀୟ ୱିକେଟ୍‌ରେ ଜୈସ୍ୱାଲ୍‌ଙ୍କ ସାଥୀରେ ୧୦୭ ରନ୍ ଯୋଡ଼ିବା ପରେ ବ୍ୟକ୍ତିଗତ ଭାବେ ୬୬ ରନ୍ କରି ଆଉଟ୍ ହୋଇଥିଲେ। ତାଙ୍କର ଏହି ଇନିଂସରେ ୧୨ଟି ଚୌକା ସାମିଲ୍ ଥିଲା। ପରେ ଅଧିନାୟକ ଶୁବମାନ ଗିଲ୍ ପୁଣିଥରେ ଶସ୍ତାରେ ଆଉଟ୍ ହୋଇଥିଲେ। ସେ ମାତ୍ର ୧୧ ରନ୍ କରିଥିବା ବେଳେ ପ୍ରଥମ ଇନିଂସରେ ଅର୍ଦ୍ଧଶତକ କରିଥିବା କରୁନ୍ ନାୟର୍ ୧୭ ରନ୍‌ରେ ବିଦାୟ ନେଇଥିଲେ। ଏହାପରେ ଜୈସ୍ୱାଲ୍ ଓ ରବୀନ୍ଦ୍ର ଜାଡେଜା ଇନିଂସକୁ ଆଗକୁ ବଢ଼ାଇଥିଲେ। ଜାଡେଜା ଚଳିତ ସିରିଜ୍‌ରେ ତାଙ୍କର ଚମତ୍କାର ଫର୍ମ ବଜାୟ ରଖି ଜୈସ୍ୱାଲ୍‌ଙ୍କ ସାଥୀରେ ଷଷ୍ଠ ୱିକେଟ୍‌ରେ ୪୪ ରନ୍ ଯୋଡ଼ିଥିଲେ। ଇତିମଧ୍ୟରେ ଜୈସ୍ୱାଲ୍ ସିରିଜ୍‌ରେ ଆଉ ଏକ ଶତକ ହାସଲ କରିଥିଲେ। ସେ ଆଉଟ୍ ହେବା ପୂର୍ବରୁ ୧୪ଟି ଚୌକା ଓ ୨ଟି ଛକା ସହ ୧୧୮ ରନ୍ କରିସାରିଥିଲେ। ପରେ ଜାଡେଜା ଓ ୱାଶିଂଟନ୍ ସୁନ୍ଦର ୫୩ ରନ୍ ଲେଖାଏଁ କରିଥିବା ବେଳେ ଧ୍ରୁବ ଜୁରେଲ୍ ୩୪ ରନ୍ କରି ଅନ୍ତିମ ଭାଗରେ ଦଳୀୟ ବ୍ୟାଟିଂକୁ ଦୃଢ଼ତା ପ୍ରଦାନ କରିଥିଲେ। ସୁନ୍ଦର ଆକ୍ରମଣାତ୍ମକ ଢଙ୍ଗରେ ବ୍ୟାଟିଂ କରି ୪ଟି ଲେଖାଏଁ ଚୌକା ଓ ଛକା ଲଗାଇଥିବା ବେଳେ ଜାଡେଜାଙ୍କ ଇନିଂସରେ ୫ଟି ଚୌକା ରହିଥିଲା। ଇଂଲଣ୍ଡ ପକ୍ଷରୁ ଜୋଶ୍ ଟଙ୍ଗ୍ ୫ ୱିକେଟ୍‌ର ସଫଳତା ପାଇଥିବା ବେଳେ ଗସ୍ ଆଟକିନ୍‌ସନ୍ ୩ଟି ଓ ଜେମି ଓଭର୍ଟନ୍ ଅନ୍ୟ ଦୁଇଟି ୱିକେଟ୍ ନେଇଥିଲେ।

# ଖଲିଦ୍ ଭାରତୀୟ ଫୁଟ୍‌ବଲ୍ ଦଳର ମୁଖ୍ୟ ପ୍ରଶିକ୍ଷକ



ନୂଆଦିଲ୍ଲୀ, ୨।୮: ଆଇଜଲ ଏଫ୍‌ସିକୁ ୨୦୧୭ରେ ଆଇ-ଲିଗ୍ ବିଜେତା କରାଇ ପ୍ରସିଦ୍ଧ ଲାଭ କରିଥିବା ଖଲିଦ ଜାମିଲଙ୍କୁ ଶୁକ୍ରବାର ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଭାବେ ନିଯୁକ୍ତି ମିଳିଛି। ଏହି ପଦରେ ୧୩ ବର୍ଷ ପରେ ପ୍ରଥମ ଭାରତୀୟ ହେବାର ଗୌରବ ଅର୍ଜନ କରିଛନ୍ତି। କିଂବଦନ୍ତି ଷ୍ଟ୍ରାଇକର୍ ଆଇଏମ୍ ବିଜୟନ୍‌ଙ୍କ ନେତୃତ୍ୱରେ ଗଠିତ ସର୍ବଭାରତୀୟ ଫୁଟ୍‌ବଲ୍ ମହାସଂଘ (ଏଆଇଏଫ୍‌ଏଫ୍) ବୈଷୟିକ କମିଟି ଜାମିଲଙ୍କ ସହ ଭାରତର ପୂର୍ବତନ ମୁଖ୍ୟପ୍ରଶିକ୍ଷକ ଷ୍ଟିଫେନ କନ୍‌ଷ୍ଟାଣ୍ଟାଇନ ଏବଂ ପୂର୍ବତନ ସ୍ଲୋଭାକିଆ ପ୍ରବନ୍ଧକ ଷ୍ଟିଭାନ୍ ତାରକୋଭିକଙ୍କ ନାଁ ପରିଚାଳନା କମିଟିକୁ ଚୂଡ଼ାନ୍ତ ଲାଗି ପଠାଇଥିଲା। ଶେଷରେ ଦୁଇ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସଂପ୍ରତି ଆଇଏସ୍‌ଏଲ୍ ଦଳ ଜାମସେଦପୁର ଏଫ୍‌ସି ଦାୟିତ୍ୱରେ ଥିବା ୪୮ ବର୍ଷୀୟ ଏହି ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ପଦ ଅଳଙ୍କୃତ କରିଛନ୍ତି। ଶେଷ ଥର ଲାଗି ୨୦୧୧ରୁ ୨୦୧୨ ପର୍ଯ୍ୟନ୍ତ ଭାରତୀୟ ପ୍ରଶିକ୍ଷକ ଭାବେ ସାଭିଓ ମୈଦେଇରା ଜାତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଥିଲେ। ଏହାପରଠୁ ଭାରତୀୟ ଫୁଟ୍‌ବଲ୍‌ରେ ବଡ଼ ପରିବର୍ତ୍ତନ ଆଶାରେ ଏଆଇଏଫ୍‌ଏଫ୍ ବିଦେଶୀ ପ୍ରଶିକ୍ଷକ ନିଯୁକ୍ତି କରୁଥିଲା। ତଥାପି ପ୍ରଦର୍ଶନରେ କୌଣସି ପରିବର୍ତ୍ତନ ଦେଖିବାକୁ ମିଳି ନଥିଲା। ଏଥିଲାଗି ପୂର୍ବତନ ଫୁଟ୍‌ବଲର୍‌ମାନେ ଏଆଇଏଫ୍‌ଏଫ୍‌କୁ ସମାଲୋଚନା କରିଥିଲେ।

## ବିଶ୍ୱ ସ୍କୁଲ୍ ଚେସ୍ ପାଇଁ ଅପରାଜିତା ଏଫ୍‌ପିଓ ନିଯୁକ୍ତ



ଭୁବନେଶ୍ୱର, ୨।୮ (ସଂଚାର ବ୍ୟୁରୋ): ଓଡ଼ିଶାର ଅନ୍ୟତମ ଅଗ୍ରଣୀ ଆନ୍ତର୍ଜାତୀୟ ଚେସ୍ ଖେଳାଳି ତଥା ଫେୟାର ପ୍ଲେ ଏକ୍ସପର୍ଟ (ଏଫ୍‌ପିଇ) ଟାଇଟଲ୍ ପାଇଥିବା ଭାରତର ପ୍ରଥମ ମହିଳା ଅପରାଜିତା ଗୋଚ୍ଛିକାରଙ୍କୁ ମିଳିଛି ଆଉ ଏକ ବଡ଼ ସୁଯୋଗ। ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ) ଦ୍ୱାରା ଆମେରିକାର ୱାସିଂଟନ ଡିସିରେ ଅଗଷ୍ଟ ୨ରୁ ୭ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ବିଶ୍ୱ ସ୍କୁଲ୍ ଦଳଗତ ଚେସ୍ ପ୍ରତିଯୋଗିତା ଲାଗି ଅପରାଜିତାଙ୍କୁ ଏଫ୍‌ପିଓ (ଫେୟାର ପ୍ଲେ ଅଫିସର୍) ନିଯୁକ୍ତ କରାଯାଇଛି। ସେ ଜର୍ମାନୀର ଜୁଏର୍ଗେନ୍ କ୍ଲୁଏନର୍ସଙ୍କ ସହ ଇଭେଣ୍ଟର ଫେୟାର୍ ପ୍ଲେ ଭୂମିକାରେ ରହିବେ। ଏହି ନିଯୁକ୍ତି ଲାଗି 'ଫିଡେ' ସଭାପତି ଆର୍କାଡି ଡଭୋରକୋଭିଚ୍‌ଙ୍କୁ ଅପରାଜିତା କୃତଜ୍ଞତା ଜଣାଇଛନ୍ତି। ଏଥିରେ ଭାରତ ସମେତ ୪୮ ଦେଶର ୫୫ ଦଳ ଅଂଶଗ୍ରହଣ କରିବେ।

## ୧୬ରୁ ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ପାରା ଦୌଡ଼କୁଦ

ଭୁବନେଶ୍ୱର, ୨।୮ (ସଂଚାର ବ୍ୟୁରୋ): ରାଜ୍ୟ କନିଷ୍ଠ ଓ ଉପକନିଷ୍ଠ ପାରା ଦୌଡ଼କୁଦ ପ୍ରତିଯୋଗିତା ଅଗଷ୍ଟ ୧୬ ଓ ୧୭ ତାରିଖରେ କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ୨୦ ବର୍ଷରୁ କମ୍ (୧.୧.୨୦୦୬ରୁ ୩୧.୧୨.୨୦୦୮ ମଧ୍ୟରେ ଜନ୍ମ) ଏବଂ ୧୭ ବର୍ଷରୁ କମ୍ (୧.୧.୨୦୦୯ରୁ ୩୧.୧୨.୨୦୧୧ ମଧ୍ୟରେ ଜନ୍ମ) ବାଳକ ଓ ବାଳିକା ଅଂଶଗ୍ରହଣ କରିପାରିବେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳି ଜାତୀୟ ପ୍ରତିଯୋଗିତା ଲାଗି ରାଜ୍ୟ ଦଳରେ ସ୍ଥାନ ପାଇବେ। ଏଥିରେ ବିଭିନ୍ନ ଶ୍ରେଣୀଭୁକ୍ତ ଦିବ୍ୟାଙ୍ଗ ଖେଳାଳି (ଶାରୀରିକ ଭିନ୍ନକ୍ଷମ, ଦୃଷ୍ଟିବାଧିତ ଭିନ୍ନକ୍ଷମ, ମାନସିକ ଅନଗ୍ରସର) ବିଭିନ୍ନ ବର୍ଗରେ ଖେଳିପାରିବେ। ଆବେଦନର ଶେଷ ତାରିଖ ଚଳିତ ଅଗଷ୍ଟ ୧୪ ରହିଛି। ଅଧିକ ସୂଚନା ପାଇଁ ଇ-ମେଲ୍ entryparalym-picodisha@gmail.com କିମ୍ବା ଓଡ଼ିଶା ପାରା କ୍ରୀଡ଼ା ସଂଘ ସମ୍ପାଦକ ସୁନିଲ ପ୍ରଧାନ (୯୮୬୧୦ ୦୯୩୯୬)ଙ୍କୁ ଯୋଗାଯୋଗ କରିପାରିବେ।

## ଦଲୀପ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳରେ ସନ୍ଦୀପ



କଟକ, ୨।୮(ସଂଚାର ବ୍ୟୁରୋ): ଦଲୀପ ଟ୍ରଫି ଅନ୍ତଃଜୋନ୍ କ୍ରିକେଟ୍ ପ୍ରତିଯୋଗିତା ପାଇଁ ଘୋଷିତ ପୂର୍ବାଞ୍ଚଳ ଦଳରେ ମାତ୍ର ଜଣେ ଓଡ଼ିଆ ଖେଳାଳିଙ୍କୁ ସୁଯୋଗ ମିଳିଛି। ଓଡ଼ିଶାର ଆଗଧାଡ଼ିର ବ୍ୟାଟ୍‌ର ସନ୍ଦୀପ୍ ପଟ୍ଟନାୟକ ୧୫ ଜଣିଆ ଦଳରେ ରହିଥିବା ବେଳେ ରାଜ୍ୟର ଅନ୍ୟ ଦୁଇ ଯୁବ ବ୍ୟାଟର୍ ଆଶୀର୍ବାଦ ସ୍ୱାଇଁ ଓ ସ୍ୱସ୍ତିକ୍ ସାମଲ ଷ୍ଟାଣ୍ଡବାଏ ତାଲିକାରେ ରହିଛନ୍ତି। ଘୋଷିତ ଦଳରେ ଈଶାନ କିଶନ ଅଧିନାୟକ ଓ ଅଭିମନ୍ୟୁ ଈଶ୍ୱରନ୍ ଉପଅଧିନାୟକ ନିଯୁକ୍ତ ହୋଇଛନ୍ତି। ଦୁଇ ଟେଷ୍ଟ୍ ତାରକା ମହମ୍ମଦ ସାମି ଓ ଆକାଶ ଦୀପ ମଧ୍ୟ ରହିଛନ୍ତି। ୧୪ ବର୍ଷୀୟ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ଷ୍ଟାଣ୍ଡ୍ ବାଏ ତାଲିକାରେ ରଖାଯାଇଛି। ଏହି ପ୍ରଥମ ଶ୍ରେଣୀ କ୍ରିକେଟ୍ ପ୍ରତିଯୋଗିତା ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବେଙ୍ଗାଲୁରୁର ବିସିସିଆଇ ଉତ୍କର୍ଷ କେନ୍ଦ୍ରଠାରେ ଖେଳାଯିବ। ପୂର୍ବାଞ୍ଚଳ ଏହାର ପ୍ରଥମ ମ୍ୟାଚ୍ ଅଗଷ୍ଟ ୨୮ତାରିଖରୁ ଉତ୍ତରାଞ୍ଚଳ ବିପକ୍ଷରେ ଖେଳିବ। ଏହି ସଫଳତା ପାଇଁ ଓସିଏ ସଂପାଦକ ସଞ୍ଜୟ ବେହେରା ଓ ଅନ୍ୟ କର୍ମକର୍ତ୍ତା ୩ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ସଫଳତା କାମନା କରିଛନ୍ତି।

# ପ୍ରଥମ ଫାଇନାଲ୍‌ରେ କଟକ ବିଜୟୀ

### ସାହାଣୀ କପ୍

କଟକ, ୨।୮ (ସଂଚାର ବ୍ୟୁରୋ): ସାହାଣୀ କପ୍‌ର ଦୁଇ ମ୍ୟାଚ୍ ବିଶିଷ୍ଟ ଫାଇନାଲ୍‌ର ପ୍ରଥମ ମ୍ୟାଚ୍ ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ଠାରେ ଖେଳାଯାଇଛି। ଏଥିରେ କଟକ ୧-୦ ଗୋଲ୍‌ରେ ସମ୍ବଲପୁରକୁ ମାତ୍ ଦେଇ ଆଗରେ ରହିଛି। ଏହି ବିଜୟ ସୂଚକ ଗୋଲ୍‌ଟି ପାରାଓ ଟୁଡୁ (୨୦ ମିନିଟ୍) ଦେଇଥିଲେ। ଚମତ୍କାର ପ୍ରଦର୍ଶନ କରିଥିବା କଟକର ଗୋଲି ସଞ୍ଜୟ ହେମ୍ବ୍ରମ୍ ଶ୍ରେଷ୍ଠ ଖେଳାଳି, ଦଳର ଅଧିନାୟକ ରାକେଶ ଓରାମ୍‌ଙ୍କୁ ଶ୍ରେଷ୍ଠ କ୍ଷେତ୍ରରକ୍ଷକ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚ୍ କମିସନର ଦୁର୍ଗାମାଧବ ନାୟକ, ରେଫରି ଆଶୀର୍ବାଦ କାନୁନଗୋ ମ୍ୟାଚ୍ ପରିଚାଳନା କରିଥିଲେ। ଅରୁଣ ନାୟକ, ଶଶିକାନ୍ତ ଦାସିଆ, ସଲିଲ ବେହେରା ସହଯୋଗ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, ସରକାରୀଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ପ୍ରତାପ ପ୍ରଧାନ, ରଘୁନାଥ ଜଗଦଲା, ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଏସ୍‌ପି ରାହୁଲ ଗୋଏଲ୍, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, 'ଫାଓ' ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍, ଉପସଭାପତି ସହଦେବ ରାଉତ, ବିଶ୍ୱରଂଜନ ଘଡ଼େଇ, କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ, ସମ୍ବଲପୁର କ୍ରୀଡ଼ା ସଂଘ ସମ୍ପାଦକ ସୁନୀଲ ସାହୁ, ଭଦ୍ରକ କ୍ରୀଡ଼ା ସଂଘ ସଂପାଦକ ଧୀରେନ୍ ପଲେଇ, ଫୁଲବାଣୀ କ୍ରୀଡ଼ା ସଂଘ ସମ୍ପାଦକ ଶିବପ୍ରସାଦ ତ୍ରିପାଠୀ ପ୍ରମୁଖ ଅତିଥି ଥିଲେ। ବୌଦ୍ଧ ଜିଲ୍ଲା କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ୍ ପରିଚାଳନା କରିଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସେପ୍ଟେମ୍ବର...

କରିଛନ୍ତି ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୩ ତାରିଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ବିବାଦର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ସହଯୋଗ କ୍ରମେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନା ହେବା ଉଚିତ ଏବଂ ଏଥିରେ କେନ୍ଦ୍ର ଜଳ କମିଶନ୍ (ସିଡବ୍ଲ୍ୟୁସି) ବୈଷୟିକ ସହଯୋଗ ଯୋଗାଇଦେବା ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗୁରୁତ୍ୱ ଦେଇଥିଲେ। ଏହା ପୂର୍ବରୁ ଗତ ମାର୍ଚ୍ଚ ୨୨ ତାରିଖରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ମଧ୍ୟରେ ମଧ୍ୟ ପାରସ୍ପରିକ ଆଲୋଚନା ମାଧ୍ୟମରେ ସମାଧାନ ଉପରେ ସହମତି ହୋଇଥିଲା।

## ସାମିଲ ହେବେ ...

ପ୍ରକ୍ରିୟାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ହେଉଥିବାରୁ ସ୍ୱଚ୍ଛତା ବଜାୟ ରହୁଛି। ଏଥିରେ ସମସ୍ତ ଚାଷୀ କ୍ଷୁଦ୍ରଚାଷୀ ହୁଅନ୍ତୁ ବା ମଧ୍ୟମ କିମ୍ବା ବଡ଼ ଚାଷୀ, ସମସ୍ତ ଫାଇଦା ପାଉଛନ୍ତି। ସହରାଞ୍ଚଳର ଚାଷୀମାନେ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି। ଆଜିର ଏହି ଦିନକୁ ଆମେ 'ପିଏମ-କିଷାନ ଦିବସ' ଭାବେ ସାରା ଦେଶରେ ପାଳନ କରୁଛୁ। ଏଥିସହିତ ରାଜ୍ୟର ସମସ୍ତ ଜିଲ୍ଲା, ବ୍ଲକ ଓ ପଞ୍ଚାୟତରେ ମଧ୍ୟ 'ପିଏମ-କିଷାନ ଦିବସ' ପାଳନ କରାଯାଉଛି। ଏହି ଅବସରରେ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃଷକମାନଙ୍କ ମଧ୍ୟରେ ଆବଶ୍ୟକୀୟ ଯୋଗ୍ୟତା ସମ୍ପର୍କରେ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପିଏମ୍ କିଷାନ ଯୋଜନାରେ ସମସ୍ତ ଯୋଗ୍ୟ ଚାଷୀଙ୍କୁ ସାମିଲ୍ କରିବା ମୋର ଲକ୍ଷ୍ୟ। ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇଛି, ଯାହାର ଉଦ୍ଦେଶ୍ୟ କୌଣସି ଯୋଗ୍ୟ ଚାଷୀ ଯେପରି ଏହି ଯୋଜନାରୁ ବଞ୍ଚିତ ନ ହେବେ। ଆପଣମାନେ ଏବେ ଖରିଫ୍ ଫସଲ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଆପଣମାନଙ୍କ ପାଇଁ କରିଥିବା ଅନେକ ଯୋଜନାରୁ ଏହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା, ଯେଉଁଥିରେ ଆପଣମାନେ ସିଧାସଳଖ ଅର୍ଥରାଶି ପାଉଛନ୍ତି। ନିୟମିତ କୃଷି କାର୍ଯ୍ୟ ସହ ଆପଣମାନେ ଫସଲରେ ବିବିଧିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦରକାର। ମତ୍ସ୍ୟ ଚାଷ, ପଶୁପାଳନ ଭଳି ଲାଭଦାୟକ କୃଷି କରନ୍ତୁ। ଏହାଦ୍ୱାରା ଅଧିକ ଅମଳ କରିପାରିବେ ଓ ଆର୍ଥିକ ସ୍ତରରେ ଲାଭବାନ ମଧ୍ୟ ହୋଇପାରିବେ। ଚାଷ କ୍ଷେତ୍ରରେ ଆପଣମାନଙ୍କ ରୋଜଗାର ଦୁଇଗୁଣିତ ନୁହେଁ, ବରଂ ବହୁଗୁଣିତ ହେବ। ଏହାଦ୍ୱାରା ପ୍ରଧାନମନ୍ତ୍ରୀଙ୍କ ଲକ୍ଷ୍ୟ ପୂରଣ ହେବ। ସିଏମ୍ କିଷାନରେ ରାଜ୍ୟର ୫୦ ଲକ୍ଷରୁ ଅଧିକ ଚାଷୀ ବର୍ଷକୁ ୪ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ପିଏମ୍ କିଷାନ ଓ ସିଏମ୍ କିଷାନକୁ ମିଶାଇ ଚାଷୀମାନେ ବର୍ଷକୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ପାଉଛନ୍ତି। ସମୃଦ୍ଧ କୃଷକ ଯୋଜନାରେ ଚାଷୀମାନଙ୍କୁ ଧାନ କ୍ୱିଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା ଇନପୁଟ୍ ସହାୟତା ପ୍ରଦାନ କରାଯାଉଛି। ଗତ ବର୍ଷ ଖରିଫରେ ପ୍ରାୟ ୧୭ ଲକ୍ଷ ଚାଷୀଙ୍କୁ ଆମେ ପାଖାପାଖି ୬ ହଜାର କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ସେହିପରି ରବି ଋତୁରେ ମଧ୍ୟ ୩ ଲକ୍ଷରୁ ଅଧିକ ଚାଷୀଙ୍କୁ ୧ ହଜାର ୬୦୦ କୋଟିରୁ ଅଧିକ ଟଙ୍କା ଦିଆଯାଉଛି। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା ସ୍ୱତନ୍ତ୍ର। ତାଙ୍କ ନେତୃତ୍ୱରେ ଦେଶ ଏବେ ବିଶ୍ୱର ଅଗ୍ରଣୀ ଦେଶମାନଙ୍କ ସହ ବିଭିନ୍ନ କ୍ଷେତ୍ରରେ ପ୍ରତିଯୋଗିତା କରୁଛି। କୃଷି କ୍ଷେତ୍ରରେ ମଧ୍ୟ ଭାରତ ବିକଶିତ ରାଷ୍ଟ୍ରମାନଙ୍କ ସହ ଧୀରେ ଧୀରେ ସମକକ୍ଷ ହେଉଛି। ତେଣୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ୍ ହେବା ସହ ଏକ ସମୃଦ୍ଧ ଓଡ଼ିଶା ତଥା ବିକଶିତ ଭାରତ ଗଠନରେ ଯୋଗଦାନ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ ଓଡ଼ିଶାକୁ ଏଗ୍ରିକଲଚର ଟୁଡ଼େ ପୁରସ୍କାର ମିଳିଛି। ୩୪ ଲକ୍ଷ ୮୫ ହଜାର ୮୮୧ ଚାଷୀଙ୍କୁ ୬୯୭ କୋଟି ଟଙ୍କା ଦିଆଯାଉଛି। ଏହି ରାଶିରେ ଚାଷୀମାନେ ବିହନ ଓ ସାର କିଣିବେ। ରାଜ୍ୟ ସରକାର କୃଷକଙ୍କ ଆୟକୁ ଦୁଇଗୁଣା କରିବା ପାଇଁ ଚେଷ୍ଟିତ। ଧାନର କ୍ରୟ ମୂଲ୍ୟ ୩୧୦୦ ଟଙ୍କା କରି ଚାଷୀଙ୍କ ଆୟ ବଢ଼ାଇଛୁ। କେବଳ ଧାନ ଚାଷ ନ କରି ବିଭିନ୍ନ ପ୍ରକାର ତୈଳବୀଜ ଚାଷ ସହ ମୃତ୍ତିକା ସଂରକ୍ଷଣ ପାଇଁ ବିକଳ୍ପ ଫସଲ ପାଇଁ ନିବେଦନ କରାଯାଉଛି। ଅର୍ଥ ରୋଜଗାର ସହ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ଅର୍ଗାନିକ୍ ଉପାୟରେ ଚାଷ କରିବା ଆବଶ୍ୟକ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। କାର୍ଯ୍ୟକ୍ରମରେ କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ଆଇସିଏଆର୍‌ର ଉପମହାନିର୍ଦ୍ଦେଶକ ଡକ୍ଟର ଜେକେ ଜେନା, ସିଏଆର୍-ସିଫା ନିର୍ଦ୍ଦେଶକ ଡକ୍ଟର ପିକେ ସାହୁ, ଉଦ୍ୟାନ କୃଷି ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜ ଓ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ମଞ୍ଚାସୀନ ଥିଲେ।

## ଏଣିକି...

ବୃଦ୍ଧି କରିବାକୁ ପଡ଼ିବ ବୋଲି ମୋଦି କହିଛନ୍ତି। ଦେଶର ସ୍ୱାର୍ଥ ଓ ଅର୍ଥନୈତିକ ପ୍ରଗତିକୁ କେବେହେଲେ ଅଣଦେଖା କରାଯାଇପାରିବ ନାହିଁ। କୃଷକ, କ୍ଷୁଦ୍ର ଶିଳ୍ପ ଓ ଯୁବକମାନଙ୍କ ଦ୍ୱାରା ପ୍ରସ୍ତୁତ ସ୍ୱଦେଶୀ ଜ୍ଞାନ କୌଶଳଯୁକ୍ତ ଦ୍ରବ୍ୟ ଉପରେ ଆମକୁ ଗୁରୁତ୍ୱଦେବାକୁ ପଡ଼ିବ। ଏଥିଲାଗି ପୁଞ୍ଜିନିବେଶ କରାଯିବ। ଭୋକାଲ ଫର ଲୋକାଲ ନୀତି ଆପଣାଇ ମେକ୍ ଇନ୍ ଇଣ୍ଡିଆ ପ୍ରଡକ୍ଟ ଉପରେ ଆମକୁ ଫୋକସ୍ କରିବାକୁ ପଡ଼ିବ। ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ ଏନେଇ ପ୍ରସ୍ତୁତି ଆରମ୍ଭ କରିବା ଏବେ ଜରୁରୀ ହୋଇପଡ଼ିଛି। ଦେଶବାସୀଙ୍କ ସମୂହ ପ୍ରୟାସ ଏହି ସ୍ୱଦେଶୀ ଆନ୍ଦୋଳନକୁ ଆଗକୁ ବଢ଼ାଇବାରେ ସହାୟକ ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଏହି ଅବସରରେ କହିଛନ୍ତି।

## ବୋର୍ଡ ...

ମୁଖ୍ୟ ଅଭିଯୁକ୍ତ ଭାବେ ଚିହ୍ନଟ ହୋଇଛନ୍ତି। ସେ ବିଏସ୍‌ଇ ଉପାଧ୍ୟକ୍ଷଙ୍କ ଲାପଟପରୁ ପ୍ରଶ୍ନପତ୍ର ଚୋରି କରି ପେନ ଡ୍ରାଇଭରେ ନେଇଯାଇଥିଲେ। ଏହାପରେ ରାୟଗଡ଼ା ଜିଲ୍ଲାର ଶିକ୍ଷକ ବିଜୟ ମିଶ୍ର ଓ କୋରାପୁଟର ସନାତନ ବିଷୋୟୀଙ୍କ ସହ ଅନ୍ୟ ୩ ଦଲାଲଙ୍କ ମାଧ୍ୟମରେ ପ୍ରଶ୍ନପତ୍ର ବିକ୍ରି କରାଯାଇଥିଲା। ଏ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଦେଇଥିବା ସୂଚନାନୁଯାୟୀ, ଜିତନଙ୍କ ଆକାଉଣ୍ଟରେ ଅଢ଼େଇ ଲକ୍ଷ ଟଙ୍କା ଜମା ହୋଇଥିବା ବେଳେ ଅଭିଯୁକ୍ତମାନଙ୍କ ମୋବାଇଲ ଓ ଇଲେକ୍ଟ୍ରୋନିକ ଡିଭାଇସ ଜବତ କରାଯାଇ ପରୀକ୍ଷା ପାଇଁ ଏହାକୁ ଫରେନସିକ ଲ୍ୟାବ୍‌କୁ ପଠାଯାଇଛି। ତେବେ ଜିତନ୍‌ଙ୍କୁ ବିଏସ୍‌ଇ ଉପାଧ୍ୟକ୍ଷଙ୍କ ଲାପଟପର ପାସୱାର୍ଡ କେମିତି ମିଳିଲା ଓ ପ୍ରଶ୍ନପତ୍ର କାହା କାହା ପାଖକୁ ଯାଇଛି, ସେନେଇ ଲିଙ୍କ ଖୋଜା ଜାରି ରହିଛି।

## ଅଣ୍ଡା ଖାଉନଥିଲେ...

ଦର୍ଶାଯାଇଛି ଯେ ଯେଉଁ ଛାତ୍ରୀଛାତ୍ରୀମାନେ ଅଣ୍ଡା ଖାଇବେ ନାହିଁ, ସେମାନଙ୍କୁ ମଧ୍ୟାହ୍ନଭୋଜନରେ ସେଓ, କଦଳୀ, ଆମ୍ବ ଭଳି ଫଳ ଦିଆଯିବ। ଗଣଶିକ୍ଷା ବିଭାଗ ଅଧୀନସ୍ଥ ପିଏମ୍ ପୋଷଣ ଯୋଜନାର ନୋଡାଲ ଅଧିକାରୀ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଧ୍ୟାହ୍ନଭୋଜନ ଯୋଜନାରେ ଛାତ୍ରଛାତ୍ରୀଙ୍କୁ ସପ୍ତାହକୁ ୩ ଦିନ ଅଣ୍ଡା ଖାଇବାକୁ ଦିଆଯିବାର ବ୍ୟବସ୍ଥା ରହିଛି। ସପ୍ତାହର ସୋମବାର, ବୁଧବାର ଓ ଶୁକ୍ରବାର ସେମାନଙ୍କୁ ଗୋଟିଏ ଲେଖାଏଁ ଅଣ୍ଡା ଦିଆଯାଉଛି। କିନ୍ତୁ ବହୁ ଛାତ୍ରଛାତ୍ରୀ ଅଣ୍ଡା ଖାଉନଥିବାରୁ ସମସ୍ୟାରେ ପଡ଼ୁଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାର ସଦ୍ୟ ନିଷ୍ପତ୍ତି ନେଇଛନ୍ତି।

## ବୌଦ୍ଧିକ...

ବ୍ୟାପୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସାଂସ୍କୃତିକ ଏବଂ ବୌଦ୍ଧିକ କାର୍ଯ୍ୟକ୍ରମ ଚଳିତବର୍ଷ ମଧ୍ୟ ରାଜ୍ୟର ସାହିତ୍ୟ, କଳା ଏବଂ ସଂସ୍କୃତିର ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଏବଂ ଅନୁଗାମୀମାନଙ୍କୁ ପ୍ରେରଣା ଦେବ। ଜମ୍ମୁ-କଶ୍ମୀର ହେଉଛି ଭାରତର ମୁକୁଟ। ଏହି ପବିତ୍ର ଭୂମି ସର୍ବଦା ଶିକ୍ଷାର ଏକ ସ୍ଥାନ ଓ ଆମର ଆଧ୍ୟାତ୍ମିକ ଏବଂ ଦାର୍ଶନିକ ପରମ୍ପରାର ଏକ ମଶାଲବାହକ ହୋଇଆସିଛି। ସ୍ମାର୍ଟ ଶ୍ରେଣୀ ଗୃହରୁ ଆଇଆଇଟି, ଆଇଆଇଏମ, ଏମ୍ସ ଓ ଅନ୍ୟାନ୍ୟ ଉଚ୍ଚମାନର ପ୍ରତିଷ୍ଠାନ ଜମ୍ମୁ-କଶ୍ମୀରର ଦୃଶ୍ୟପଟ୍ଟକୁ ବଦଳାଇଦେଇଛି। ଚିନାର ପୁସ୍ତକ ମହୋତ୍ସବର ପରମ୍ପରାକୁ ଅବ୍ୟାହତ ରଖିବା ପାଇଁ ଶ୍ରୀ ପ୍ରଧାନ ଏନବିଟି ଏବଂ ଜମ୍ମୁ-କଶ୍ମୀର ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଶ୍ରୀନଗର ବ୍ୟତୀତ ଜମ୍ମୁ ସଂସ୍କରଣ ମଧ୍ୟ ପୁସ୍ତକ ମହୋତ୍ସବର ଏକ ଅଂଶବିଶେଷ ହେବା ଉଚିତ। ଆମେ ଜମ୍ମୁ-କଶ୍ମୀରରେ ପୁସ୍ତକ, ସାହିତ୍ୟ, ଭାଷା, ଶିକ୍ଷା ଏବଂ ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ଏନ୍‌ବିଟି ନେତୃତ୍ୱାଧୀନ ପାଠାଗାର ଆନ୍ଦୋଳନ ସୃଷ୍ଟି କରିପାରିବା ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଚିନାର ପୁସ୍ତକ ମହୋତ୍ସବର ସଫଳତା କାମନା କରିବା ସହ ସ୍ଥାନୀୟ ଲୋକଙ୍କୁ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ପୁସ୍ତକର ଏହି ବିଶାଳ ଉତ୍ସବରେ ସାମିଲ ହେବାକୁ ନିବେଦନ କରିଛନ୍ତି। ଏହି ଅବସରରେ 'ଜମ୍ମୁ କଶ୍ମୀର ଏବଂ ଲଦାଖ-ନିରନ୍ତରତା ଏବଂ ସମନ୍ୱୟର ଏକ ଐତିହାସିକ ବର୍ଣ୍ଣନା' ପୁସ୍ତକର କାଶ୍ମୀର ସଂସ୍କରଣ ମଧ୍ୟ ଉନ୍ମୋଚିତ ହୋଇଥିଲା। ଗସ୍ତ ସମୟରେ ଶ୍ରୀ ପ୍ରଧାନ କଶ୍ମୀର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିଦର୍ଶନ କରିବା ସହ ଜମ୍ମୁ-କଶ୍ମୀରର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକର ପ୍ରମୁଖ ଶିକ୍ଷାବିତ୍‌ଙ୍କ ସହ ମଧ୍ୟ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ଶିବୁ ସୋରେନ୍‌ଙ୍କ...

ଦେଇଛନ୍ତି। ସେ କହିଛନ୍ତି ଯେ ଡାକ୍ତରମାନେ ଶ୍ରୀ ସୋରେନ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବିଭିନ୍ନ ପରୀକ୍ଷା ନିରୀକ୍ଷା ମଧ୍ୟ ଚାଲିଛି। ଡାକ୍ତରୀ ଟିମ୍ ତାଙ୍କୁ ସୁସ୍ଥ କରିବା ସକାଶେ ଯଥାସମ୍ଭବ ପ୍ରୟାସ ଜାରି ରଖିଛନ୍ତି ବୋଲି ହେମନ୍ତ କହିଛନ୍ତି। ସୂଚନାଯୋଗ୍ୟ ଯେ ଦୀର୍ଘ ୩୮ ବର୍ଷ ଧରି ଶ୍ରୀ ସୋରେନ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ଦଳର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ ଭାବେ ତାଙ୍କର ଯଥେଷ୍ଟ ଗୁରୁତ୍ୱ ରହିଛି। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ୍ ୧୫ ତାରିଖରେ ଶ୍ରୀ ସୋରେନ୍ ଜେଏମ୍‌ଏମ୍‌ର ରାଷ୍ଟ୍ରୀୟ ସଭାପତି ପଦରୁ ଇସ୍ତଫା ଦେବା ପରେ ତାଙ୍କ ୪୯ ବର୍ଷୀୟ ପୁଅ ହେମନ୍ତ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ରାଞ୍ଚିଠାରେ ଅନୁଷ୍ଠିତ ଦୁଇଦିନିଆ ଜାତୀୟ ସମ୍ମିଳନୀରେ ସେ ଏହା ଘୋଷଣା କରିବା ସହ ଦଳର ପୃଷ୍ଠପୋଷକ ସଦସ୍ୟ ଭାବେ କାର୍ଯ୍ୟ କରିବେ ବୋଲି ସ୍ପଷ୍ଟ କରିଥିଲେ।

## ପୂର୍ବତନ...

ଆସିଥିଲା। ଗତବର୍ଷ ଏପ୍ରିଲରେ ପୀଡ଼ିତାଙ୍କୁ ମହୀଶୂରର ଏକ ଫାର୍ମ ହାଉସ୍‌ରୁ ଅସହାୟ ଅବସ୍ଥାରେ ଉଦ୍ଧାର କରାଯିବା ପରେ ସେ ଏନେଇ ପୁଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ପୁଲିସରେ ଅଭିଯୋଗ କରିବାର ଭୟ ଘାରିବାରୁ ପୀଡ଼ିତାଙ୍କୁ ରେବନ୍ନାଙ୍କ ପରିବାର ପକ୍ଷରୁ ଅପହରଣ କରିନିଆଯାଇଥିବା ଅଭିଯୋଗ ହୋଇଥିଲା। ପରେ ପେନ୍ ଡ୍ରାଇଭ ଯୋଗେ କଳାକାରନାମାର ଶତାଧିକ ସ୍ପଷ୍ଟ ଭିଡିଓ ତାଙ୍କ ନିର୍ବାଚନମଣ୍ଡଳୀରେ ଘୂରି ବୁଲିବା ପରେ ରେବନ୍ନା ଦେଶ ଛାଡ଼ି ଜର୍ମାନୀ ପଳାୟନ କରିଥିଲେ। ନିର୍ବାଚନ ସରିବା ପରେ ସେ ଏପ୍ରିଲରେ ଭାରତ ଫେରିଥିଲେ। ତାଙ୍କୁ ଏହି ମାମଲାରେ ବେଙ୍ଗାଲୁରୁ ବିମାନବନ୍ଦରରୁ ଗତ ବର୍ଷ ୩୧ରେ ଗିରଫ କରାଯାଇଥିଲା। ଏହି ମାମଲା ସେତେବେଳେ ରାଜ୍ୟ ରାଜନୀତିରେ ଚହଳ ସୃଷ୍ଟି କରିଥିଲା। ୪୦ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ମାମଲାର ଛାନ୍‌ଭିନ କରି ୧,୮୦୦ ପୃଷ୍ଠାର ରିପୋର୍ଟ ଦାଖଲ କରିଥିଲେ। ୧୮୦ ଡକ୍ୟୁମେଣ୍ଟ ନୀରୀକ୍ଷଣ ସହ ୨୬ ସାକ୍ଷୀଙ୍କ ବୟାନକୁ ଆଧାର କରି କୋର୍ଟ ୩୮ଟି ଶୁଣାଣି ପରେ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି।

## ହାରିଗଲେ...

ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ବଳଙ୍ଗା ପୀଡ଼ିତାଙ୍କର ପରଲୋକ ଘଟିଛି। ଅମର ଆତ୍ମାର ସଦଗତି କାମନା କରିବା ସହ ଏ ଦୁଃଖଦ ପରିସ୍ଥିତିରେ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଉଛି। ଡାକ୍ତରୀ ଦଳ ଓ ସରକାରଙ୍କ ସମସ୍ତ ପ୍ରକାର ଚେଷ୍ଟା ସତ୍ତ୍ୱେ ପୀଡ଼ିତାଙ୍କୁ ବଞ୍ଚାଯାଇଇ ପାରିନଥିବାରୁ ଆମେ ଅତ୍ୟନ୍ତ ଦୁଃଖିତ। ଅନ୍ୟପକ୍ଷରେ ଏହି ଘଟଣାରେ ପୀଡ଼ିତାଙ୍କ ପିତା ସମସ୍ତଙ୍କୁ ନିବେଦନ କରି କହିଛନ୍ତି ଯେ ତାଙ୍କ ଝିଅ ଆଉ ଏବେ ନାହିଁ। ମାନସିକ ଚିନ୍ତା ଯୋଗୁଁ ତା'ର ଜୀବନ ଯାଇଛି ବୋଲି ବାପା ସ୍ପଷ୍ଟ କରିଛନ୍ତି।

କିନ୍ତୁ ଏପରି ଏକ ଅଘଟଣ ସମୟରେ କେହି ବି ଏହା ଉପରେ ରାଜନୀତି କରିବା ଅନୁଚିତ। ବରଂ ସମସ୍ତେ ତାଙ୍କ ଝିଅର ଆତ୍ମା କିପରି ଶାନ୍ତି ପାଇବ, ସେଥିପାଇଁ ପ୍ରାର୍ଥନା କରନ୍ତୁ ବୋଲି ସେ ନିବେଦନ କରିଛନ୍ତି। ସେହିପରି ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପୀଡ଼ିତାଙ୍କ ମୃତଦେହ ଓଡ଼ିଶା ଆସିବ ବୋଲି ଜଣାପଡ଼ିଛି।

ପ୍ରକାଶଥାଉ କି, ଗତ ୧୯ ତାରିଖ ସକାଳେ ନାବାଳିକା ନିଜ ସାଙ୍ଗ ଘରକୁ ଯାଉଥିବା ବେଳେ ୩ ଜଣ ଯୁବକ ତାଙ୍କୁ ଜୋର ଜବରଦସ୍ତ ଅପହରଣ କରି ଭାର୍ଗବୀ ନଦୀ କୂଳରେ ତାଙ୍କ ଦେହରେ ନିଆଁ ଲଗାଇ ଦେଇଥିଲେ।

ତାଙ୍କ ଶରୀରର ୭୫ ଭାଗ ପୋଡ଼ି ଯାଇଥିଲା। ତୁରନ୍ତ ପୀଡ଼ିତାଙ୍କୁ ଭୁବନେଶ୍ୱରର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଏକ ବିଶେଷଜ୍ଞ ଟିମ୍ ତତ୍ତ୍ୱାବଧାନରେ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା। ଦୁଇ ଦୁଇ ଥର ସ୍କିନ୍ ଗ୍ରାଫ୍‌ଟିଂ ସହ ଏକାଧିକ ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କୁ ନୂଆଦିଲ୍ଲୀସ୍ଥିତ ଏମ୍ସ ହସ୍ପିଟାଲକୁ ଏୟାରଲିଫ୍ଟ କରାଯାଇଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତଙ୍କୁ ଧରିବା ଲାଗି କ୍ରାଇମ୍ ବ୍ରାଞ୍ଚ୍ ଓ ପୁଲିସ୍ ୨ ଥର ଏମ୍ସରେ ପହଞ୍ଚି ତାଙ୍କର ବୟାନ ରେକର୍ଡ କରିଥିଲା। ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ଆସିଥିବା ନେଇ କୁହାଯାଉଥିଲେ ହେଁ ହଠାତ ଆଜି ତାଙ୍କର ମୃତ୍ୟୁ ଖବର ସମସ୍ତଙ୍କୁ ମର୍ମାହତ କରିଛି।

ଅନ୍ୟପକ୍ଷରେ ପୀଡ଼ିତାଙ୍କ ମୃତ୍ୟୁ ପରେ ଓଡ଼ିଶା ପୁଲିସ୍ ମଧ୍ୟ ସମସ୍ତଙ୍କୁ ଏପରି ଏକ ସମ୍ବେଦନଶୀଳ ଘଟଣାରେ କେହି ବି କୌଣସି ପ୍ରକାର ଦାୟିତ୍ୱହୀନ ମନ୍ତବ୍ୟ ନ ଦେବାକୁ ନିବେଦନ କରାଯାଇଛି। ବଳଙ୍ଗା ପୀଡ଼ିତାଙ୍କ ମୃତ୍ୟୁରେ ପୁଲିସ୍ ବିଭାଗ ପକ୍ଷରୁ ଦୁଃଖ ମଧ୍ୟ ପ୍ରକାଶ ପାଇଛି। ସେହିପରି ମାମଲାର ତଦନ୍ତ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅଦ୍ୟାବଧି ହୋଇଥିବା ତଦନ୍ତ ଅନୁଯାୟୀ, ଘଟଣାରେ କାହାର ବି ସମ୍ପୃକ୍ତି ନଥିବା ସ୍ପଷ୍ଟ ହୋଇଛି ବୋଲି ପୁଲିସ୍ କହିଛି।

## ଶବ ଉପରେ...

୭ ଦିନର ମହଲତ ଦେଇଛି। ଏହି ଘଟଣାରେ ପୁଲିସ ସବୁକିଛି ସ୍ପଷ୍ଟ କରିସାରିଛି। ତଥାପି କାହାକୁ ଗିରଫ କରିବାକୁ ଦାବି କରୁଛନ୍ତି ବିଜେଡି ଓ କଂଗ୍ରେସ? ନିଜ ନିଜ ରାଜନୈତିକ ଫାଇଦା ପାଇଁ ସରକାରଙ୍କୁ ଘେରିବାକୁ ରାଜନୈତିକ ଦର୍ଶନ ଅଲଗା ଅଲଗା ହୋଇ ମଧ୍ୟ ଦୁଇ ବିରୋଧୀ ଦଳ ଭାଇ ଭାଇ ସାଜିଛନ୍ତି।

## ଅପହରଣର ମାସେ ପରେ ଆସିଲା ନୂଆ ଅପ୍‌ଡେଟ

● ମେଲ ଜରିଆରେ ସୂଚନା ଦେଲେ ମାଲି ସରକାର



Abduction of Shri Panada Venakata Raman in Mali – reg. Inbox

Pukit Jan... Yesterday
to me, SEVALA, ...

Dear Mr. Manda Ramakrushna,

This refers to the abduction of three Indian nationals including Shri Panada Venakata Raman in Mali. The Embassy of India in Bamako would like to share the following updates:

i. The Government of Mali has informed that all the three Indian nationals are alive and efforts are ongoing to secure their safe and early release.
ii. The Ministry of Foreign Affairs and International Cooperation of Mali has informed that instructions had been issued to all components of the security forces to locate and secure the release of the Indian nationals.
iii. In the meantime, the M/s Diamond Cement Mali has shared a recent

Reply | Reply all | Forward

**ହିଞ୍ଜିଳିକାଟୁ,୨।୮ (ସଂଚାର ବ୍ୟୁରୋ):** ଆଫ୍ରିକା ଦେଶ ମାଲିରେ ଜୁଲାଇ ମାସ ୧ ତାରିଖରେ ଅଲ୍‌କାଏଦା ଆତଙ୍କବାଦୀ ଦ୍ୱାରା ୩ ଭାରତୀୟଙ୍କ ଅପହରଣ ଘଟଣା ସାମ୍ନାକୁ ଆସିଥିବାବେଳେ ଅପହୃତ ୩ ଭାରତୀୟଙ୍କ ମଧ୍ୟରେ ଜଣେ ଓଡ଼ିଆ ଯୁବକ ରହିଥିଲେ। ଅପହୃତ ଯୁବକ ମଧ୍ୟରୁ ଜଣେ ହେଉଛନ୍ତି ଗଂଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳିକାଟୁ ବ୍ଲକର ସମରଝୋଳ ଗ୍ରାମର ପି. ଭେଙ୍କଟରମଣ ( ୨୮)। ଏହି ଅପହରଣର ଗୋଟିଏ ମାସ ପରେ ଗତକାଲି ରାତିରେ ନୂଆ ଅପଡେଟ ଆସିଛି। ପରିବାରଙ୍କୁ ମାଲି ସରକାରଙ୍କ ମେଲ ଜରିଆରେ ଏକ ସୂଚନା ଆସିଛି। ଭେଙ୍କଟଙ୍କ ଫୋଟ ପଠାଇବା ସହ ଭେଙ୍କଟରମଣ ସୁରକ୍ଷିତ ଥିବା କୁହାଯାଇଛି। କିନ୍ତୁ ବର୍ତ୍ତମାନ ଭେଙ୍କଟରମଣଙ୍କୁ ଉଦ୍ଧାର କରାଯାଇନାହିଁ କିନ୍ତୁ ଖୁବଶୀଘ୍ର ଉଦ୍ଧାର କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ନେଇ ମେଲ ଜରିଆରେ ମାଲିର ଇଣ୍ଡିଆନ ଏମ୍ବାସୀ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ରାଜ୍ୟ ଖଣିମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ସମେତ ବିରୋଧୀ ଦଳ ନେତା ତଥା ହିଞ୍ଜିଳିକାଟୁ ବିଧାୟକ ନବୀନ ପଟ୍ଟନାୟକ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ପି. ଭେଙ୍କଟରମଣଙ୍କୁ ଆତଙ୍କବାଦୀଙ୍କ କବଳରୁ ଯଥାଶୀଘ୍ର ମୁକ୍ତ କରିବା ଦିଗରେ ପଦକ୍ଷେପ ନେବାକୁ ଦାବି କରିଥିଲେ।

## ଲୁଟ୍ ମାମଲାରେ ଜେଲଗଲେ ୪ ଯୁବକ

**ବାଲିଅନ୍ତା,୨।୮ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ପୁଲିସ ଆଜି ଅଲାରପୁରରେ ଏକ ନିର୍ମାଣାଧୀନ ଘରୁ ବିଭିନ୍ନ ସାମଗ୍ରୀ ଲୁଟ ମାମଲାରେ ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ବାଲିଅନ୍ତା ଥାନା ଅଧୀନ ଅଲାରପୁର ଗ୍ରାମର ପ୍ରଦୀପ ଭୋଲ(୨୪), ମୟୂରଭଞ୍ଜ ଜିଲ୍ଲା ବଡ଼ବଜାର ଥାନା ମଧୁବନ ଗ୍ରାମର ଦେବେନ୍ଦ୍ର ସିଂହ(୩୭), ଶଙ୍କର ସିଂହ (୪୧) ଓ ଟଙ୍କପାଣି ରୋଡ଼ ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗର ଝିନୁକ ମଣ୍ଡଳ(୨୧)। ତେବେ କୋର୍ଟରେ ସମସ୍ତଙ୍କ ଜାମିନ ଖାରଜ ହୋଇଯିବାରୁ ଝାରପଡ଼ା ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେମାନଙ୍କ ନିକଟରୁ ଗୋଟିଏ କଟର ମେସିନ ୧୧ଟି ଲୁହାରଡ଼ ଜବତ କରାଯାଇଛି। ଏସଂପର୍କରେ ଧଉଳି ଥାନା ଅଧୀନ ରେବତୀନଗର ବଢ଼ଧନପୁର ଅଞ୍ଚଳର ଅମରେଶ ସାହୁ ବାଲିଅନ୍ତା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ମୁଖ୍ୟ ଅଭିଯୁକ୍ତ ପ୍ରଦୀପ, ଦେବେନ୍ଦ୍ର ଓ ଶଙ୍କର ଅମରେଶଙ୍କ ଅଲାରପୁର ନିର୍ମାଣାଧୀନ ଘରେ ପଶି କଟର ମେସିନ, ଗୋଟିଏ ରଙ୍ଗ ଗାଇଡିଂ ମେସିନ, ରଙ୍ଗ ବାଲତି ଓ ୧୧ ଖଣ୍ଡ ଲୁହାଛଡ଼ ଚୋରି କରି ନେଇଥିଲେ। ଚୋରି କଟର ମେସିନ ଓ ୧୧ ଖଣ୍ଡ ଲୁହାଛଡ଼ ଗଡ଼ଶ୍ରୀରାମପୁର ଅଞ୍ଚଳରେ ରହୁଥିବା ଝିନୁକଙ୍କୁ ବିକ୍ରି କରିଥିଲେ।

## ୧୫ ଲକ୍ଷ ଟଙ୍କା ଠକେଇ ମାମଲାରେ ଅଭିଯୁକ୍ତକୁ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା,୨।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଳି ଥାନାରେ ଦୀର୍ଘ ୩ ବର୍ଷ ପୁରୁଣା ଅଭିଯୋଗର ଅଭିଯୁକ୍ତ ଗିରଫ ହୋଇ କୋର୍ଟ ଚାଲାଣ କରାଯାଇଛି । ଆଳି ଥାନା ନୂଆପଡା ଡାକ ଘରର କର୍ମଚାରୀ ୩୭ ଜଣ ହିତାଧିକାରୀଙ୍କ ଟଙ୍କା ହଡପ କରିଥିବା ନେଇ ପଟ୍ଟାମୁଣ୍ଡାଇ ଉପଖଣ୍ଡ ପୋଷ୍ଟାଲ ଇନିସ୍‌ପେକ୍ଟର ୨୦୨୨ ମସିହାରେ ଆଳି ଥାନାରେ ଏତଲା ଦେଇଥିଲେ । ସୂଚନା ଯୋଗ୍ୟ କି ଆଳି ଥାନା ଅଧୀନ ନୂଆପଡା ଡାକ ସେବାର କର୍ମଚାରୀ ରଶ୍ମି ରଞ୍ଜନ



ସେଠୀ ୨୦୨୨ ମସିହାରେ ୩୭ ଜଣଙ୍କ ଆକାଉଣ୍ଟରୁ ଜାଲିଆତି କରି ପାଖାପାଖି ୧୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ଏହା ପରେ ଦୀର୍ଘ ୩ ବର୍ଷ ହେବ ଅଭିଯୁକ୍ତ ଜଣକ ଫେରାର ଥିବା ବେଳେ ଆଜି ପଟ୍ଟାମୁଣ୍ଡାଇର ଏକ ଜୈନିକ ଘରୁ ଆଳି ପୋଲିସ ତାଙ୍କୁ ଗିରଫ କରି ଆଳି ଥାନାକୁ ଆଣିଥିଲା । ପରେ ଆଜି ତାଙ୍କ ବିରୁଦ୍ଧରେ ରେ ଏକ ମାମଲା ରୁଜୁ କରି ପୋଲିସ କୋର୍ଟ ଚାଲାଣ କରିଛି ।

### ରୋଟାରୀ କ୍ଲବର ଅଧିଷ୍ଠାନ ଉତ୍ସବ

## ସେବା ହିଁ ମାନବ ଜୀବନକୁ ସାର୍ଥକ କରିଥାଏ: ଅରୁଣ

**ନୟାଗଡ଼,୨।୮ (ସଂଚାର ବ୍ୟୁରୋ):** ନୟାଗଡ଼ ଖଣ୍ଡପଡ଼ା ରୋଡସ୍ଥିତ ରୋଟାରୀ ଭବନରେ କ୍ଲବର ୩୬ତମ ଅଧିଷ୍ଠାନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ ଯୋଗଦେଇ ରୋଟାରିଆନ ମାନଙ୍କର ସମାଜ ସେବା ମନୋବୃତ୍ତିକୁ ପ୍ରସଂଶା କରିଥିଲେ। ରୋଟାରୀ କ୍ଲବର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଗୁଡିକ ପାଇଁ ମୁଖ୍ଯ ଅତିଥି ସମସ୍ତ ରୋଟାରିଆନ ମାନଙ୍କୁ ମଧ ସାଧୁବାଦ ଜଣାଇବା ସହିତ ସେବା ହିଁ ମାନବ ଜୀବନକୁ ସାର୍ଥକ କରିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ରୋଜିନା




ଦାସ ଯୋଗଦେଇ ରୋଟାରୀ କ୍ଲବ୍‌ର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ ପାଇଁ ବିଦାୟୀ ସଭାପତି ଶ୍ରୀକାନ୍ତ କୁମାର ଖଟେଇଙ୍କୁ ସାଧୁବାଦ ଜଣାଇବା ସହିତ ୨୦୨୫-୨୬ ବର୍ଷ ପାଇଁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ସଭାପତି ବସିରନ ବିବି ଓ ସଂପାଦକ ଅବିନାଶ ସାହୁଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଡ ଗଭର୍ଣ୍ଣର ରୋଟାରିଆନ ସନ୍ତୋଷ କୁମାର ଜେନା ଯୋଗଦେଇ ରୋଟାରୀ କ୍ଲବର ବିଶେଷତା ବିଷୟରେ ଆଲୋଚନା କରିଥିଲେ। ବିଗତ ୨୦୨୪-୨୫ ବର୍ଷର ବାର୍ଷିକ ବିବରଣୀ ସଂପାଦକ ଅବିନାଶ ସାହୁ ପାଠ କରିଥିବା ବେଳେ ୨୦୨୫-୨୬ ବର୍ଷ ପାଇଁ ପୁଣି ଦାୟିତ୍ୱ ଗ୍ରହଣ କରୁଥିବା ସଂପାଦକ ଅବିନାଶ ସାହୁ ଚଳିତ ବର୍ଷ ପାଇଁ କଣ କଣ କାର୍ଯ୍ୟକ୍ରମ କରାଯିବ ସେ ବିଷୟରେ ତାଙ୍କ ଟିମ୍‌ର ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ବକ୍ତବ୍ୟ ରଖି ସମସ୍ତଙ୍କ ସହଯୋଗ ଭିକ୍ଷା କରିଥିଲେ।

ଏହି ଅବସରରେ ବେଷ୍ଟ ରୋଟାରିଆନ ଭାବେ ଦିଲ୍ଲୀପ ମିଶ୍ରଙ୍କୁ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଏହି ଭବ୍ୟ ଓ ଦିବ୍ୟ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି, ସଂପାଦକ ଓ ଅଧିଷ୍ଠାନ ହୋଇଥିବା ନୂତନ ସଭାପତି, ସଂପାଦକ ମଞ୍ଚାସୀନ ଥିଲେ। ପରିଶେଷରେ ଉପ ସଭାପତି ରୋଟାରୀଆନ୍ ମଦନ ମୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।।

## ସମୁଦ୍ରକୁ ମାଛ ମାରିବାକୁ ଯାଇ ୪ନିଖୋଜ

**ବାଲିଆପାଳ,୨।୮ (ସଂଚାର ବ୍ୟୁରୋ):** ସବୁଦିନ ପରି ଆଜି ସକାଳୁ ମଧ ସମୁଦ୍ର ମଧକୁ ମାଛ ମାରିବାକୁ ଯାଇଥିବା ବାଲିଆପାଳ ବ୍ଲକ ଚୌମୁଖ ପଞ୍ଚାୟତ କଙ୍କଡାପାଳ ଗ୍ରାମର ଡଙ୍ଗା ମାଲିକ ମଧୁସୂଦନ ଗିରି (୩୫) ସାଥିରେ ଥିଲେ ବାପା ଗୋପାଳ ଗିରି (୬୦) ମଧୁସୂଦନଙ୍କ ବଡ ଭାଇ ରବିନ୍ଦ୍ର ଗିରି (୩୮) ସମସ୍ତେ କଙ୍କଡାପାଳ ଗ୍ରାମର ଏବଂ ତାଙ୍କ ଶଳା ଜଗନ୍ନାଥ ପାଳ (୨୩) ଚୌମୁଖ ଗ୍ରାମର। ଆଜି ସକାଳ ୮ଟାରୁ ଚାରିଜଣ ଯନ୍ତ୍ର ଚାଳିତ ଡଙ୍ଗା ସାହାଯ୍ୟରେ ସମୁଦ୍ରକୁ ମାଛ ମାରିବାକୁ ଯାଇ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଫେରିବା ଦେଖି ପରିବାର ଲୋକେ କୌଣସି ଅଘଟଣ ଆଶଙ୍କା କରି ଦମକଳ କେନ୍ଦ୍ର ବାଲିଆପାଳ ଏବଂ ବାଲିଆପାଳ ପୁଲିସକୁ ଖବର ଦେଇଥିଲେ ମଧ ଘଟଣାସ୍ଥଳରେ ନ ପହଁଞ୍ଚିବାରୁ ଏ ସଂକ୍ରାନ୍ତରେ ଗ୍ରାମବାସୀ ବିଧାୟିକା ସୁବାସିନି ଜେନାଙ୍କୁ ଫୋନ ମାଧମରେ ଜଣାଇ ସହାୟତା ଲୋଡିଥିବା ଜଣାପଡ଼ିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ନିଖୋଜ ୪ଜଣଙ୍କର କୌଣସି ସୂଚନା ମିଳିନଥିବା ଜଣାପଡ଼ିଛି।

## ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ



**ବାଲିଅନ୍ତା,୨।୮ (ସଂଚାର ବ୍ୟୁରୋ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆଜି ବାଲକାଟି ସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏନେଇ ଆଜି ଦିନ ୧ଟା ସମୟରେ ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାସ, ସଂପାଦକ ସର୍ବେଶ୍ୱର ନାୟକଙ୍କ ନେତୃତ୍ୱରେ ପ୍ରଧାନ ଶିକ୍ଷକ ବିଷ୍ଣୁ ନାରାୟଣ ସୁବୁଦ୍ଧି, ବେଣୁଧର ପରିଡ଼ା,ପ୍ରଦୀପ ମଙ୍ଗରାଜ, ସୁଶାନ୍ତ କୁମାର ସାହୁ, କମ୍ଲନାଥ ମଲ୍ଲିକ, ପ୍ରତିମା ଜେନା, ବେଣୁଧର ପରିଡ଼ା, ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ବ୍ୟାନର ଓ ପ୍ଲାକାର୍ଡ଼ ଧରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ମୁଖ୍ୟ ୬ ଦଫା ସମ୍ବଳିତ ଦାବି ଗୁଡ଼ିକ ହେଲା ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହା ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କୁ ପେନସନ ଓ ଅନ୍ୟାନ୍ୟ ସୁବିଧାସୁଯୋଗ, ଅବସର ବୟସ ସୀମା ୬୨କୁ କାର୍ଯ୍ୟକାରୀ କରାଯିବା,ଗ୍ରେଡ଼େସନ ଅସଙ୍ଗତି ଦୂର, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀ ଘୋଷଣା , ଇନକ୍ରିମେଣ୍ଟ ଓ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରାଯିବା ରହିଛି। ଏସମ୍ପର୍କିତ ଦାବିପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାରୀକା ପଣ୍ଡାଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

## ଦିବ୍ୟାଙ୍ଗ ପିଲାଙ୍କୁ ସହାୟକ ଉପକରଣ ବଣ୍ଟନ

**କାକଟପୁର/ଅସ୍ତରଙ୍ଗ,୨।୮ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧୀନରେ ଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସର୍ବଶିକ୍ଷା ଅଭିଯାନ ତରଫରୁ ସହାୟକ ଉପକରଣ ବଣ୍ଟନ କରାଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପଂଚାୟତ ସମିତି ଅଧକ୍ଷା ଆରତୀ ନାଏକ, ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତରେ ସାଧନ ସଂଯୋଜକ ରବୀନ୍ଦ୍ର ପରିଡା ସଂଯୋଜନା କରିଥିଲେ।

ଦିବ୍ୟାଙ୍ଗ ପିଲାଙ୍କୁ ନ୍ୟୁନ ଦୃଷ୍ଟିରେ ନ ଦେଖି ସେମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଆମ ସମସ୍ତ ଙ୍କର ନୈତିକ ଓ ସାମାଜିକ ଦାୟିତ୍ୱ ବୋଲି ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ମତବ୍ୟକ୍ତ କରିଥିଲେ। ଦିବ୍ୟାଙ୍ଗ ପିଲାଙ୍କ ନିକଟରେ କିପରି ସମସ୍ତ ସୁବିଧା ସୁଯୋଗ ପହଂଚି ପାରିବ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବ ବୋଲି ଶ୍ରୀଯୁକ୍ତ ସ୍ୱାଇଁ ପ୍ରକାଶ କରିଥିଲେ।



ଏହି କାର୍ଯ୍ୟକ୍ରମରେ ୨୪-୨୫ବର୍ଷରେ ଚିହ୍ନଟି କରଣ କରାଯାଇଥିବା ୩୪ଜଣ ଦିବ୍ୟାଙ୍ଗ ଛାତ୍ର, ଛାତ୍ରୀଙ୍କୁ ଉପକରଣ ବଣ୍ଟନ କରାଯାଇଥିଲା। ସେଥି ମଧ୍ୟରେ ହୁଇଲି ଚେୟାର ୪ଜଣଙ୍କୁ, ଶ୍ରବଣ ଯନ୍ତ୍ର ୫ଜଣଙ୍କୁ, ଟିଏଲଏମ କିଟ ୧୪ଜଣଙ୍କୁ ଅବଶିଷ୍ଟ ପିଲାଙ୍କୁ ସହାୟକ ଉପକରଣ ବଣ୍ଟନ ହୋଇଥିଲା। ନୂତନ ଭାବେ ୨୫-୨୬ବର୍ଷ ପାଇଁ ଚିହ୍ନଟି କରଣ କାର୍ଯ୍ୟକ୍ରମ ହୋଇଥିଲା। ଗୋଷ୍ଠୀ ସମ୍ବଳ ଶିକ୍ଷୟତ୍ରୀ ସହାୟକ ଶିକ୍ଷୟତ୍ରୀ ମମତା ପାଲ, ରାମଚନ୍ଦ୍ର ପ୍ରଧାନ, ଭଲ୍ୟୁଷ୍ଟର ଅଧୀରାଜ ଲେଙ୍କା, ଦୀପକ ନାୟକ, ହରପ୍ରିୟା ନାୟକ ଉପକରଣ ଗୁଡିକୁ କିପରି ବ୍ୟବହାର କରାଯିବ ତାହା ବୁଝାଇଥିଲେ।

## ଅଟଳ ଯୁବ ବାହିନୀ ପକ୍ଷରୁ ଚାରାରୋପଣ

**ବ୍ରହ୍ମପୁର,୨।୮ (ସଂଚାର ବ୍ୟୁରୋ):** ଅଟଳ ଯୁବ ବାହିନୀ ପକ୍ଷରୁ ସଭାପତି ଶିବ ଶଙ୍କର ପତିଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବି.ତୁରୁବୁଡି ପଞ୍ଚାୟତର ନରେନ୍ଦ୍ରପୁର ଓ ଲକ୍ଷ୍ମୀନାରାୟଣ ପୁର ନିକଟରେ ଥିବା ରାମମନ୍ଦିର ପ୍ରାଙ୍ଗଣରେ ୧୦୮ ବୃକ୍ଷ ରୋପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଓଡିଶା ସରକାରଙ୍କ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ବ୍ରହ୍ମପୁର ପ୍ରତିନିଧି ତଥା ବିଜେପି ଯୁବ ମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ବିଜେପି ଗଞ୍ଜାମ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ମହନ୍ତ ଚିନ୍ମୟାନନ୍ଦ ଦାସ, ବିଜେପି ରାଜ୍ୟ ପରିଷଦ ସଭ୍ୟ ପରେଶ ଚନ୍ଦ୍ର ରଥ, ବୋମକେଇ ଜୋନ ଜିଲ୍ଲା ପରିଷଦ ସଭ୍ୟ ବିପିନ ଚନ୍ଦ୍ର ପ୍ରଧାନ, ସ୍ଥାନୀୟ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ ପାତ୍ର, ଉପ ନିରୀକ୍ଷକ ଅଧିକାରୀ



ରାଜ କିଶୋର ପାତ୍ର, ଫୋରେଷ୍ଟର ସନ୍ତୋଷ କୁମାର ବିଷୋୟୀ, ବ୍ରହ୍ମପୁର ସାଂସଦଙ୍କ ଦିଗପହଣ୍ଡି ନଗର ପ୍ରତିନିଧି ଭବାନୀ ଶଙ୍କର ପଣ୍ଡା, ସାଂସଦଙ୍କ ଦିଗପହଣ୍ଡି ବ୍ଲକ ପ୍ରତିନିଧି ହରିବନ୍ଧୁ ରେଡ୍ଡୀ, ସ୍ଥାନୀୟ ସରପଞ୍ଚ ବି.ଲିଙ୍ଗରାଜ ଦୋରା, ମଣ୍ଡଳ ସଭାପତି ମିଟୁ ଦୋରା, ବିଜେପି ଯୁବ ମୋର୍ଚ୍ଚା ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ରବି ରାଓଙ୍କ ସମେତ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ୬ ଦଫା ଦାବି ନେଇ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସାମ୍ନାରେ ଧାରଣା

**କାକଟପୁର/ଅସ୍ତରଙ୍ଗ,୨।୮ (ସଂଚାର ବ୍ୟୁରୋ):** ରାଜ୍ୟ ମାଧମିକ ସ୍କୁଲ ଶିକ୍ଷକ ସଙ୍ଘ ବା ଓଷ୍ଟା ର ଅସ୍ତରଙ୍ଗ ଶାଖା ତରଫରୁ ଶହେରୁ ଊର୍ଦ୍ଧ୍ୱ ଶିକ୍ଷକ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶନିବାର ଦିନ ଧାରଣା ଦେଇଛନ୍ତି। ଶିକ୍ଷକମାନେ ବିଭିନ୍ନ ସମସ୍ୟାକୁ ନେଇ ଦୀର୍ଘ ବର୍ଷ ହେବ ସରକାରଙ୍କୁ ନିଜ ୬ ଦଫା ଦାବୀ ବିଷୟରେ ଅବଗତ କରାଇ ଆସୁଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ପୂର୍ବତନ ସରକାର ହେଉ କି ବର୍ତମାନ ସରକାର ଦାବିକୁ ଗ୍ରହଣ କରୁନଥିବାରୁ ଶିକ୍ଷକ ସାରା ରାଜ୍ୟରେ ବିଭିନ୍ନ ବ୍ଲକ ସ୍ତରୀୟ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ଶିକ୍ଷା ଅନୁଷ୍ଠାନରେ ଅବସର ନେଇଥିବା, ଅବସର ନେବାକୁ ଯାଉଥିବା କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ, ପେନସନ ଓ ଅବସର କାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ର ବୟସ ସୀମା ୬୦ ବର୍ଷ ପରିବର୍ତ୍ତେ ୬୨ ବର୍ଷ କୁ ବୃଦ୍ଧି,ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁମୋଦିତ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି ଶେଷରେ ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନ୍କ୍ରିପମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତ୍ତେ ପୁରାତନ ସ୍କିମ କୁ ପୁନଃ ପ୍ରଚଳନ କରିବା, ଏହି ଭଳି ୬ ଗୋଟି ଦାବୀ ପାଇଁ ସଙ୍ଘ ର ପୁରୀ ଜିଲ୍ଲା ଯୁଗ୍ମ ସମ୍ପାଦକ ତରୁଣ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ ଶିକ୍ଷକ ଏହି ଆନ୍ଦୋଳନରେ ଭାଗ ନେଇଛନ୍ତି। ଯଦି ଆସନ୍ତା ୮ ତାରିଖରେ ସରକାର କୌଣସି ଦାବି ଗ୍ରହଣ ନକରିବେ ତେବେ ୧୬ ତାରିଖରେ ସମ୍ପୂର୍ଣ୍ଣ ସଙ୍ଘ ପିଏମଜିରେ ଧାରଣା ଦେବାକୁ ଚେତାବନୀ ଦେଇଛନ୍ତି ।



## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ନାଉଗାଁ,୨।୮(ସଂଚାର ବ୍ୟୁରୋ):** ରାଜ୍ୟ ସଂଘର ନିର୍ଦ୍ଦେଶକ୍ରମେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକର ସ୍କୁଲ ଓ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ବ୍ଲକ ଶିକ୍ଷାଧିକାରୀଙ୍କ ମାଧମରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଉକ୍ତ ସ୍ମାରକପତ୍ରରେ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକୁ ଅନୁଦାନ ପ୍ରଦାନ, ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଇଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ଚାକିରୀ ସର୍ତାବଳି, ପେନସନ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ଗ୍ରେଡପେରେ ଥିବା ଅସଙ୍ଗତି ଦୂରୀକରଣ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକୁ ସରକାରୀକରଣ ଓ ଶିକ୍ଷକ ନିଯୁକ୍ତି, ୨୦୦୪ ଓ ୨୦୧୩ ମଧରେ ନିଯୁକ୍ତି ପାଇଥିବା ଚୁକ୍ତିଭିତିକ ଶିକ୍ଷକମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ପରିବର୍ତେ ପୁରାତନ ପେନସନ ସ୍କିମର ପୁନଃ ପ୍ରଚଳନ ସମୂହ ଦାବି ଉପସ୍ଥାପନ କରାଯାଇଛି।

## ନିଶା କାରବାର କରୁଛନ୍ତି ମହିଳା, ଜିଲ୍ଲାପାଳଙ୍କୁ ଦାବି ଜଣାଇଲେ ଗ୍ରାମବାସୀ

**ନୟାଗଡ଼,୨।୮ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ଟାଉନଥାନା ପୁଲିସ ଗତକାଲି ରାତିରେ ତୁଳସୀପୁର ଗ୍ରାମର ମହେଶ୍ୱର ପ୍ରଧାନଙ୍କୁ ଥାନାକୁ ଉଠାଇ ଆଣିଥିବା ବେଳେ ଆଜି ଶତାଧିକ ଗ୍ରାମବାସୀ ଜିଲ୍ଲାପାଳ କାର୍ଯ୍ୟାଳୟକୁ ଆସି ଦାବି ଜଣାଇଛନ୍ତି । ତାଙ୍କ ଗ୍ରାମର ଜଣେ ମହିଳା ଓ ତାଙ୍କ ଦୁଇ ଝିଅ ନିଶା କାରବାର ସହ ଅନୈତିକ ବ୍ୟବସାୟ କରୁଥିବା ନେଇ ଅଭିଯୋଗ କରିଛନ୍ତି । ଯଦି ଏହାକୁ ଗ୍ରାମବାସୀ ବିରୋଧ କରୁଛନ୍ତି, ତେବେ ଉକ୍ତ ମହିଳା ଦୁଷ୍କର୍ମ ଅଭିଯୋଗ ଆଣୁଥିବା ଗ୍ରାମବାସୀ ଲିଖିତ ଭାବେ ଜଣାଇଛନ୍ତି ।

ସୂଚନାନୁସାରେ, ଶୁକ୍ରବାର ରାତିରେ ଟାଉନ୍ ଥାନା ତୁଳସୀପୁର ଗ୍ରାମର ଜଣେ ଯୁବତୀ ମାତ୍ରାଧିକ ଔଷଧ ସେବନ କରି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତୀ ହୋଇଥିଲେ। ଯୁବତୀ ଓ ତାଙ୍କ ପରିବାରକୁ



ଜଣେ ଯୁବକ କିଛି ସହଯୋଗୀଙ୍କ ଜରିଆରେ ହଇରଣା କରୁଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରିଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାରୁ ଯୁବତୀ ମାନସିକ ଅବସାଦରେ ମାତ୍ରାଧିକ ଔଷଧ ସେବନ କରିଥିଲେ । ଫଳରେ ପୁଲିସ ଉକ୍ତ ଯୁବକ ମହେଶ୍ୱରଙ୍କୁ ଥାନାକୁ ଉଠାଇ ଆଣିଥିଲା। ଆଜି ତୁଳସୀପୁର ଗ୍ରାମର ଶହ ଶହ ଲୋକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଉକ୍ତ ଯୁବତୀ, ତାଙ୍କ ମାଆ ଓ ସାନଭଉଣୀ ନାମରେ ଜିଲ୍ଲା ପ୍ରଶାସନ ନିକଟରେ ଫେରାଦ ହୋଇଛନ୍ତି। ଏହା ସହିତ ନୟାଗଡ଼ ଟାଉନଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଉକ୍ତ ଯୁବତୀ, ତାଙ୍କ ମାଆ ଓ ଭଉଣୀ ବ୍ୟାପକ ପରିମାଣର ନିଶା କାରବାର କରୁଥିବା ଏବଂ ଅନୈତିକ ବ୍ୟବସାୟ କରୁଥିବା ନେଇ ଗ୍ରାମବାସୀ ଏତଲା ଦେଇଛନ୍ତି । ତୁରନ୍ତ ସେମାନଙ୍କୁ ଗିରଫ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ୍ ଗ୍ରାମବାସୀ ରାସ୍ତାରୋକ କରିବେ ବୋଲି ଚେତାବନୀ ଦେଇଛନ୍ତି ।

## 'ଭବିଷ୍ୟତରେ ପର୍ଯ୍ୟାପ୍ତ କାର୍ଯ୍ୟ ରହିବ, କିନ୍ତୁ ଚାକିରି ରହିବ ନାହିଁ'




**ଭୁବନେଶ୍ୱର,୨।୮ (ସଂଚାର ବ୍ୟୁରୋ):** ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ (ଏଆଇ)ର ଆବିର୍ଭାବ ଚାକିରି ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଛାତ୍ରଛାତ୍ରୀମାନେ କିନ୍ତୁ ନିଜେ ନିଯୁକ୍ତି ସୃଷ୍ଟି କରି ନିଜର ଭାଗ୍ୟ ନିର୍ଦ୍ଧାରଣ କରନ୍ତୁ ବୋଲି ଶନିବାର କହିଛନ୍ତି ପର୍ସିଷ୍ଟାଂଟ ସିଷ୍ଟମ୍‌ସର ପ୍ରତିଷ୍ଠାତା ଅଧକ୍ଷ ଓ ପରିଚାଳାନା ନିର୍ଦ୍ଦେଶକ ଡକ୍ଟର ଆନନ୍ଦ ଦେଶପାଣ୍ଡେ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ସହ ମତ ବିନିମୟ ଅବସରରେ ଏହା କହିଛନ୍ତି ଡକ୍ଟର ଦେଶପାଣ୍ଡେ।

ଏଆଇ ଏବଂ ଏହାର ଭବିଷ୍ୟତ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଥିଲେ ଯେ ସମସ୍ୟାର ସମାଧାନ କରିବା ସହ ଉତ୍ପାଦନତା ବୃଦ୍ଧି କରିବା ଦିଗରେ ଏଆଇର ଉଚ୍ଚ ଧରଣର ଦକ୍ଷତା ରହିଛି। ବର୍ତ୍ତମାନ ସମୟରେ ମଣିଷମାନଙ୍କ ଅପେକ୍ଷା ଏଆଇ ଭଲ କୋଡ୍ ଲେଖିପାରୁଛି। କିନ୍ତୁ ଏଆଇ ଅନେକ କିଛି ବିଷୟକୁ ବିକୃତ ମଧ କରିପାରେ ଯାହା ଅନ୍ୟ କେହି କରିପାରିବେ ନାହିଁ ବୋଲି କହିବା ସହ ଦୁଇଟି ଦେଶ ଆମେରିକା ଏବଂ ଚୀନ ବର୍ତ୍ତମାନ ଏଆଇ କ୍ଷେତ୍ରରେ ସବୁଠାରୁ ଆଗରେ ଅଛନ୍ତି ବୋଲି ସେ ପ୍ରକାଶ କରିଥିଲେ।

ସୋଆ ବିଶ୍ୱବିଦ୍ୟାଳୟ ଏବଂ ଅଟଳ ଇନ୍‌କ୍ୟୁବେସନ୍ ସେଂଟର – ସୋଆ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧକ୍ଷତା କରିଥିଲେ। ସୋଆ ଉପଦେଷ୍ଟା ମଣ୍ଡଳୀର ଅଧକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏବଂ କର୍ପୋରେଟ୍ ରିଲେସନ୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଏନଗେଜମେଣ୍ଟ ନିର୍ଦ୍ଦେଶକ ଶ୍ରୀ ରୀପ୍ତି ରଞ୍ଜନ ଦାଶ ଏହି କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ।

ପୁନେ ସ୍ଥିତ ବିଶ୍ୱସ୍ତରୀୟ ଡିଜିଟାଲ୍ ଇଞ୍ଜିନିୟରିଂ କମ୍ପାନୀର ମୁଖ୍ୟ ଡକ୍ଟର ଦେଶପାଣ୍ଡେ କହିଥିଲେ ଯେ ଚିକିତ୍ସା ବିଜ୍ଞାନ ଯେଉଁଭଳି ଦ୍ରୁତ ଗତିରେ ଅଗ୍ରଗତି କରୁଛି ସେଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଯେଉଁମାନେ ୨୦୦୦ ମସିହା ପରେ ଜନ୍ମ ଗ୍ରହଣ କରିଛନ୍ତି ସେମାନେ ୧୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିବାରେ ଅସୁବିଧା ନାହିଁ ଏବଂ ଆଗାମୀ ୬୦ ବର୍ଷ ଧରି ୨୦୮୫ ମସିହା ପର୍ଯ୍ୟନ୍ତ ସେମାନେ କାର୍ଯ୍ୟକ୍ଷମ ରହିବେ। ଭାରତ ଖୁବ ପ୍ରଗତିଶୀଳ ହୋଇଥିଲେ ମଧ ବର୍ତ୍ତମାନ ଛାତ୍ରଛାତ୍ରୀମାନେ ଯେଉଁ ଜ୍ଞାନ ଆହରଣ କରୁଛନ୍ତି ତାହା ୬୦ ବର୍ଷ ପର୍ଯ୍ୟନ୍ତ ତିଷ୍ଠି ରହିବ ନାହିଁ। କାରଣ ବିଶ୍ୱବିଦ୍ୟାଳୟ ଛାଡ଼ିବା ପରେ ସେମାନେ ଯେଉଁ କମ୍ପାନୀରେ ଯୋଗ ଦେବେ ତାହା ଆଗାମୀ ୬ ଦଶନ୍ଧି ଧରି ରହିବ ନାହିଁ ବୋଲି ସେ କହିଥିଲେ।

## ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ବଣ୍ଟନ

**ବ୍ରହ୍ମପୁର,୨।୮ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ବଣ୍ଟନ ନିମନ୍ତେ ଜିଲ୍ଲା ପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲ୍ଲାପାଳ କୀର୍ତ୍ତି ଭାସନ୍‌ଙ୍କ ଅଧକ୍ଷତାରେ ଏକ ବୈଠକ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ମୁଖ୍ୟ କାର୍ଯ୍ୟକ୍ରମ ଉତ୍ତର ପ୍ରଦେଶର ବାରଣାସୀଠାରେ ଅନୁଷ୍ଠିତ ହୋଇଥିଲା । ଏହାକୁ ଆଭାସୀ ମାଧମରେ ପ୍ରଦର୍ଶନ କରାଯାଇଥିଲା । ପ୍ରାରମ୍ଭରେ ଜିଲ୍ଲାପାଳ କୀର୍ତ୍ତି ଭାସନ୍ ସମସ୍ତଙ୍କୁ ସ୍ୱାଗତ କରିବା ସହ ଗଞ୍ଜାମ ଜିଲ୍ଲାର ପ୍ରାୟ ୧ଲକ୍ଷ ୭୦ହଜାର କୃଷିଜୀବୀଙ୍କୁ ୨୦ତମ କିସ୍ତି ପ୍ରଦାନ କରାଯାଇଛି ଏବଂ ଏହା ଆସନ୍ତା ଖରିଫ୍ ଋତୁରେ ଚାଷୀମାନଙ୍କୁ ଏହି ଅର୍ଥ ସାହାଯ୍ୟ କରିବ ବୋଲି କହିଥିଲେ । ଚାଷୀ ଭାଇମାନଙ୍କ ସୁବିଧା ଅସୁବିଧାରେ ପ୍ରଶାସନ ସଦାସର୍ବଦା ସହାୟତା କରିବ । ସମସ୍ତେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ସମସ୍ତଙ୍କୁ



ଧନ୍ୟବାଦ ଜଣାଇଥିଲେ । ମାନନୀୟା ଆସ୍କା ସାଂସଦ ଅନୀତା ଶୁଭଦର୍ଶିନୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗ କ୍ରମେ ସମସ୍ତ ଅନ୍ନଦାତା କୃଷିଜୀବୀଙ୍କ ସମସ୍ତ ସମସ୍ୟା ଦୂର ହୋଇପାରିବ । ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ତାଙ୍କ ବକ୍ତବ୍ୟରେ ଜଣାଇଥିଲେ ଯେ, ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ଅର୍ଥ ବିହନ, ସାର ଓ ଔଷଧ ଆଦି ପାଇଁ ଦରକାରରେ ଆସିବ । ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ କହିଥିଲେ ଯେ, ଚାଷୀ ହେଉଛି ଦେଶର ମେରୁଦଣ୍ଡ । ପ୍ରଧାନ ମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା ନିଶ୍ଚିତ ଭାବେ କିଷାନଙ୍କ ମନୋବଳକୁ ବୃଦ୍ଧି କରିବ । ବିଧାୟକ ସୋରଡା ନୀଳମଣୀ ବିଷୋୟୀ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, କୃଷକର ବିକାଶରେ ଦେଶର ବିକାଶ । କୃଷକ ମାନଙ୍କ ବିକାଶ ନିମନ୍ତେ ସମସ୍ତ ଅଧିକାରୀ ଓ ଜନ ପ୍ରତିନିଧଙ୍କ ସହଯୋଗ ଲୋଡା। ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ,ଗଞ୍ଜାମ ଜିଲ୍ଲା କୃଷି ପ୍ରବଣ ଜିଲ୍ଲା । କୃଷକର ବିକାଶ ଘଟିଲେ ଜିଲ୍ଲାର ବିକାଶ ହେବ । ମାନନୀୟା ଜିଲ୍ଲା ପରିଷଦ ଉପାଧକ୍ଷା କହିଥିଲେ ଯେ, ଜିଲ୍ଲାରେ ବର୍ଷାର ଅଭାବ ରହିଛି । ଚାଷୀ ଭାଇ ମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେଲେ ଦେଶର ଅର୍ଥନୈତିକ ମେରୁଦଣ୍ଡ ଉନ୍ନତ ହୋଇପାରିବ । ଶେଷରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲ୍ଲାର ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ କୃଷିଜୀବୀ ଭାଇ ଓ ଭଉଣୀମାନେ ତଥା ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାର ହିତାଧିକାରୀଗଣ, ସମସ୍ତ ଲାଇନ୍ ବିଭାଗୀୟ ଅଧିକାରୀଗଣ ଉପସ୍ଥିତ ଥିଲେ।

# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍

**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ଓଡ଼ିଶା ଟିମ୍ ଘୋଷଣା ହେବ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏହି ସୂଚନା ଦେଇଛନ୍ତି। ଏହା ଦଳର ସାମ୍ବିଧାନିକ ବ୍ୟବସ୍ଥା ବୋଲି କହିଛନ୍ତି ମନମୋହନ। କେବେ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ସରିବ ପ୍ରଶ୍ନରେ ଡେଡ୍ ଲାଇନ ନାହିଁ ବୋଲି କହିଛନ୍ତି। ସେହିଭଳି ନିଗମ ଓ ବୋର୍ଡ ନେଇ ଆମେ ବସିଲା ପରେ ନିଷ୍ପତ୍ତି ନେବୁ ବୋଲି ମନମୋହନ ସାମଲ କହିଛନ୍ତି। ଗତ ମାସ ୭ ତାରିଖରେ ରାଜ୍ୟ ବିଜେପି ସଭାପତି ନିର୍ବାଚନରେ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରି ପୁଣିଥରେ ରାଜ୍ୟ ବିଜେପିର ମଙ୍ଗ ଧରିଥିଲେ ମନମୋହନ।



ତେବେ ମନମୋହନ ପୁନର୍ବାର ଦାୟିତ୍ୱ ନେବା ପରଠାରୁ ତାଙ୍କର ନୂଆ ଟିମ୍ ନେଇ ବିଭିନ୍ନ ସମୟରେ ଚର୍ଚ୍ଚା ହୋଇଆସୁଛି। କାହାକୁ ତାଙ୍କ ନୂଆ ଟିମ୍‌ରେ ସାମିଲ କରିବେ ଓ କାହାକୁ ବାଦ ଦେବେ, ସେନେଇ ରାଜନୈତିକ ମହଲରେ ଚର୍ଚ୍ଚା ହେଉଥିବା ବେଳେ ନୂଆ ଅଭିଜ୍ଞତାକୁ ପ୍ରାଧାନ୍ୟ ମିଳିବ ବୋଲି ସେ କହିଥିଲେ। ସେହିପରି ମନମୋହନଙ୍କ ବାରମ୍ବାର ଦିଲ୍ଲୀ ଗସ୍ତ ସମୟରେ ତାଙ୍କ ନୂଆ ଟିମ୍ ଘୋଷଣା ହେବା ନେଇ ଚର୍ଚ୍ଚା ବେଶ୍ ଜୋର ଧରିଆସିଛି। ହେଲେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପରେ ହିଁ ଓଡ଼ିଶା ଟିମ୍ ଘୋଷଣା ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଜେପି ନଡ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ସେ ପରବର୍ତ୍ତୀ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିର୍ବାଚନ ପର୍ଯ୍ୟନ୍ତ ଦାୟିତ୍ୱରେ ଅଛନ୍ତି।

### ଓଏଏମ୍ ସ୍ୱାମୀଙ୍କ ନାଁରେ ନିର୍ଯାତନା ମାମଲା

# ନୋଟିସ ଦେଇ ଅଭିଯୁକ୍ତଙ୍କୁ ଛାଡ଼ିଲା ପୁଲିସ

**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** ଓଏଏସ୍ ସ୍ୱାମୀଙ୍କ ନାଁରେ ନିର୍ଯାତନା ମାମଲାରେ ସାର୍ଥକ ସୌରଭ ମହାପାତ୍ରଙ୍କୁ ଦୀର୍ଘ ସମୟ ଧରି ପଚରାଉଚରା କରିବା ପରେ ଶେଷରେ ପୁଲିସ୍ ଛାଡ଼ିଦେଇଛି। ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍) ଧାରା ୩୫ରେ ନୋଟିସ ଦେଇ ପୁଲିସ୍ ତାଙ୍କୁ ଛାଡିଦେଇଛି। ତଦନ୍ତରେ ସମସ୍ତ ପ୍ରକାର ସହାୟତା କରିବେ ବୋଲି ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେବା ପରେ ପୁଲିସ୍ ପକ୍ଷରୁ ଏପରି ନିଷ୍ପତ୍ତି ନିଆଯାଇଛି। ଏଥିସହ ସପ୍ତାହେ ପରେ ପୁଣି ତାଙ୍କୁ ଥାନାକୁ ଡାକି ପଚରାଉଚରା କରାଯିବାର ସମ୍ଭାବନା ରହିଛି। ପତ୍ନୀଙ୍କୁ ନିର୍ଯାତନା ମାମଲାରେ ଭୁବନେଶ୍ୱର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ ଅର୍ଚ୍ଚନା ଦାଶ। ଗତକାଲି ଶ୍ରୀ ମହାପାତ୍ରଙ୍କୁ ପଚରାଉଚରା କରିଥିଲା ପୁଲିସ୍। ଅର୍ଚ୍ଚନା ଆଣିଥିବା ସବୁ ଅଭିଯୋଗକୁ ସେ ଖଣ୍ଡନ କରିଥିଲେ ଏବଂ ଅର୍ଚ୍ଚନା ସବୁବେଳେ ଆତ୍ମହତ୍ୟା ଧମକ ଦେଉଥିବା ଅଭିଯୋଗ କରିଥିଲେ। ଅନ୍ୟପଟେ ସାମ୍ବାଦିକ ସମ୍ମିଳନୀରେ ସ୍ୱାମୀଙ୍କ ଆତ୍ମହତ୍ୟା ଧମକ ଅଭିଯୋଗକୁ ଅର୍ଚ୍ଚନା ଖଣ୍ଡନ କରିଥିଲେ।



# ଟ୍ରକ୍‌କୁ ପିଟିଲା ଟ୍ରାଭେଲର, ୧୩ ଯବାନ ଆହତ

**ଛେଣ୍ଡିପଦା,୨।୮(ସଂଚାର ବ୍ୟୁରୋ):** ଟ୍ରକ୍‌କୁ ପଛରୁ ପିଟିଲା ଓଏସ୍ଏପି ସେକେଣ୍ଡ ବାଟାଲିଅନ ଯବାନଙ୍କୁ ନେଇ ଯାଉଥିବା ଟ୍ରାଭେଲର। ୧୩ ଯବାନ ଆହତ। ଶନିବାର ଭୋର୍ ପ୍ରାୟ ୪ଟା ୪୦ରେ ଅନୁଗୁଳ ୫୫ନଂ ଜାତୀୟ ରାଜପଥ ମୁଣ୍ଡାସାହି ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ସମସ୍ତ ଗୁରୁତର ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁଯାୟୀ, ଓଏସ୍ଏପି ସେକେଣ୍ଡ ବାଟାଲିଅନର ୧୪ ଜଣ ଯବାନଙ୍କୁ ନେଇ ଏକ ଟ୍ରାଭେଲର ଝାରସୁଗୁଡ଼ାରୁ ଚନ୍ଦକା ଯାଉଥିଲା। ଶନିବାର ଭୋର୍ ପ୍ରାୟ ୪ଟା ୪୦ରେ ଅନୁଗୁଳ ୫୫ନଂ ଜାତୀୟ ରାଜପଥ ମୁଣ୍ଡାସାହି ଛକ ନିକଟରେ ଟ୍ରାଭେଲରଟି ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ୧୩ ଯବାନ ଆହତ ହୋଇଥିଲେ। ଖବର ପାଇ ଜରପଡା ପୁଲିସ ଆମ୍ବୁଲାନ୍ସ ସାହାଯ୍ୟରେ ସମସ୍ତ ଗୁରୁତର ଆହତଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

# ଭୁବନେଶ୍ୱର ବିମାନବନ୍ଦରରୁ ଥାଇଲାଣ୍ଡ ଗଞ୍ଜେଇ ଜବତ




**ଭୁବନେଶ୍ୱର,୨।୮ (ସଂଚାର ବ୍ୟୁରୋ):** ପୁଣି ବିମାନବନ୍ଦରରୁ ଧରାପଡ଼ିଲା ବିଦେଶୀ ଗଞ୍ଜେଇ। ଥାଇଲାଣ୍ଡରୁ ଭୁବନେଶ୍ୱର ଆସୁଥିବା ସମୟରେ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ୮ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ ଜବତ ହୋଇଛି। ଥାଇଲାଣ୍ଡରୁ ଇଣ୍ଡିଗୋ ଫ୍ଲାଇଟ୍‌ରେ ଆସୁଥିବା ସମୟରେ ଡିଆର୍ଆଇ ପକ୍ଷରୁ ଏହାକୁ ଜବତ କରାଯାଇଛି। ଏହି ଘଟଣାରେ ଅହମ୍ମଦାବାଦର ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ଦୁଇ ଦିନ ତଳେ ରାଜଧାନୀରୁ ୩୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ମାରିଜୁଆନା ଜବତ କରାଯାଇଥିଲା। ଭୁବନେଶ୍ୱର ବିମାନବନ୍ଦରରୁ ହାଇଡ୍ରୋଫୋନିକ ୱିଡ ବା ମାରିଜୁଆନା ମିଳିଥିଲା। ବିମାନବନ୍ଦରରେ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆସୁଥିବା ସମୟରେ କଷ୍ଟମ୍ସ ବିଭାଗ ଉକ୍ତ ମାରିଜୁଆନା ଜବତ କରିଛି। ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ୬ଟି ବ୍ୟାଗ୍ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡ୍‌ର ଆନୁମାନିକ ମୂଲ୍ୟ ୩୦ କୋଟି ଟଙ୍କା ହେବ ବୋଲି କଷ୍ଟମ୍ସ ବିଭାଗ ଅନୁମାନ କରିଛି। ଏହା ପୂର୍ବରୁ ମଧ୍ୟ ବିଦେଶରୁ ସିନ୍ଥେଟିକ୍ ଡ୍ରଗ୍ସ ସହ ଓଡ଼ିଶାରେ କୋକେନ୍ ଜବତ ହୋଇଥିଲା। ବାରମ୍ବାର ଏଭଳି ବିଦେଶୀ ନିଶାଦ୍ରବ୍ୟ ଜବତ ହେବା ପରେ ଏବେ ଓଡ଼ିଶା ବଜାର ବିଦେଶୀ ନିଶା ମାଫିଆଙ୍କ ଟାର୍ଗେଟ୍‌ରେ ବୋଲି ଚର୍ଚ୍ଚା ହେଉଛି।

## ମଧ୍ୟାହ୍ନ ଭୋଜନରେ ଝିଟିପିଟି, ୫୦ରୁ ଉର୍ଦ୍ଧ୍ୱ ଅସୁସ୍ଥ



**ବଲାଙ୍ଗୀର/ଟିଟିଲାଗଡ଼,୨।୮(ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ଉପଖଣ୍ଡ ଅନ୍ତର୍ଗତ ମୁରିବାହାଲ ବ୍ଲକ ବଡ଼ତେନ୍ତୁଲିଖୁଣ୍ଟି ଗ୍ରାମର ଉଚ୍ଚ ବିଦ୍ୟାଳୟରେ ଝିଟିପିଟି ପଡ଼ିଥିବା ମଧ୍ୟାହ୍ନଭୋଜନ ଖାଇ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଥିବା ଜଣାପଡ଼ିଛି। ଏ ନେଇ ଅଭିଭାବକମାନେ ଜାଣିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ସ୍କୁଲ୍‌ରେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ କେତେକ ଅଭିଭାବକ ସେମାନଙ୍କ ପିଲାଙ୍କୁ ବାଇକ୍‌ରେ ଟିଟିଲାଗଡ଼ ଡାକ୍ତରଖାନା ଆଣିଥିବା ଜଣାପଡ଼ିଛି। ପାଖାପାଖି ୫୦ ଜଣ ଛାତ୍ରଛାତ୍ରୀ ଟିଟିଲାଗଡ଼ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଏକ ଡାକ୍ତରୀ ଦଳ ବିଦ୍ୟାଳୟରେ ପହଞ୍ଚି ଚିକିତ୍ସା ଆରମ୍ଭ କରିଥିବା ଜଣାପଡ଼ିଛି।

## ମାତିଲା ଦନ୍ତା, ଆକ୍ରମଣରେ ପୁଣି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ



**ହିନ୍ଦୋଳ,୨।୮ (ସଂଚାର ବ୍ୟୁରୋ) :** ହିନ୍ଦୋଳରେ ପୁଣି ମାତିଲା ଦନ୍ତା । ହାତୀ ଆକ୍ରମାଣରେ ପୁଣି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ । ମୃତ ବ୍ୟକ୍ତି ହେଲେ ହିନ୍ଦୋଳ ବନାଞ୍ଚଳ ମାହାଲୁଣ୍ଡା ପଞ୍ଚାୟତ ଟାଙ୍ଗୀଶାଳ ଗାଁର ସୁଧାକର ସାମଲ । ସେ ବିଲକୁ ଯାଇଥିବାବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ । ସେହିପରି ହିନ୍ଦୋଳରେ ଗୁରୁବାର ଦିନ ହାତୀ ଆକ୍ରମାଣରେ ତିନି ଜଣଙ୍କର ମୃତ୍ୟୁ ହୋଇଥିଲା । ସକାଳୁ ଶୌଚ ହେବାକୁ ଯାଇଥିବାବେଳେ ତିନି ଜଣ ହାତୀ ଆକ୍ରମଣର ଶିକାର ହୋଇଥିଲେ। ମୃତକ ହେଲେ କରୁଣାକର ଦେହୁରୀ, ଝୁଲଣ ଦେହୁରୀ ଓ ଶଶି ସାହୁ । ସେପଟେ ପ୍ରତିବାଦରେ ସାତମାଇଲ ଛକରେ ମୃତଦେହ ରଖି ରାସ୍ତାରୋକ କରିଥିଲେ ସ୍ଥାନୀୟ ଲୋକ। ଫଳରେ ଅନୁଗୁଳ -ଭୁବନେଶ୍ୱର ମଧ୍ୟରେ ଯାତାୟାତ ଠପ୍ ହୋଇଯାଇଥିଲା । ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବା ପରେ ରାସ୍ତାରୋକ ହଟିଥିଲା ।

## ପେଟ୍ରୋଲ ଢାଳି ପୁରୁଷ ଓ ମହିଳାଙ୍କ ଜୀବନ ହାରିବା ଉଦ୍ୟମ; ଜଣେ ମୃତ, ଜଣେ ଗୁରୁତର



**କରଞ୍ଜିଆ,୨।୮ (ସଂଚାର ବ୍ୟୁରୋ) :** ନିଜ ଦେହରେ ନିଆଁ ଲଗାଇ ଦେଲେ ପୁରୁଷ ଓ ମହିଳା । ଜୀଅନ୍ତା ଜଳିଗଲେ ମହିଳା, ପୁରୁଷ ଗୁରୁତର । ଏଭଳି ଅଭାବନୀୟ ଘଟଣା ମୟୂରଭଞ୍ଜର କରଞ୍ଜିଆରେ ଶନିବାର ଘଟିଛି । ମୃତକ ହେଲେ ଭାରତୀ ପାତ୍ର । ସୂଚନା ଅନୁସାରେ ଖିଚିଂ କଲେଜ ସମ୍ମୁଖରେ ଏହି ଜୀବନ ହରିବାକୁ ଉଦ୍ୟମ ହୋଇଛି । ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଜୀବନ ହରିବା ଉଦ୍ୟମରେ ଘଟଣାସ୍ଥଳରେ ମହିଳାଙ୍କର ମୃତ୍ୟୁ ଘଟିଛି। କିନ୍ତୁ ପୁରୁଷ ଜଣଙ୍କ ଏଥିରେ ଗୁରୁତର ହୋଇଛନ୍ତି । ତାଙ୍କ ନାମ ଶୁକୁଳି ବୋଲି ଜଣାପଡିଥିବା ବେଳେ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି । ଉଭୟ ମହିଳା ଓ ପୁରୁଷ ଖିଚିଂ ଗାଁର । ଜୀବନ ହାରିବା ଉଦ୍ୟମର କାରଣ ଅସ୍ପଷ୍ଟ ରହିଥିବା ବେଳେ ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରେମ ବ୍ୟାପାରକୁ ନେଇ ଏଭଳି ଘଟିଥିବା ସନ୍ଦେହ କରାଯାଉଛି ।

### ଅବକାରୀ ବିଭାଗର ରେଡ୍

## ମଦଭାଟିରେ ବୁଲିଲା ବୁଲଡୋଜର

**ଆଠଗଡ଼,୨।୮ (ସଂଚାର ବ୍ୟୁରୋ) :** ମଦଭାଟିରେ ବୁଲିଲା ବୁଲଡୋଜର। ଦେଶୀ ମଦ ଭାଟି ଉପରେ ଅବକାରୀ ବିଭାଗ ପକ୍ଷରୁ ବଡ଼ ଧରଣର ରେଡ୍। ଆଠଗଡ଼ କୋରଙ୍ଗା ଗାଁରେ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଛି । ଆଠଗଡ଼ ଡିଏସପି,ଆଇଆଇସି, ଆଠଗଡ଼ ଅବକାରୀ ଉପ ଅଧୀକ୍ଷକଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ରେଡରେ ସାମିଲ ଥିଲେ । ଚଢ଼ାଉ ରହେବାରୁ ମଦ ମାଫିଆ ଭାଟି ଛାଡି ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଦୀର୍ଘ ଦିନ ଧରି ଏହି ଗାଁରେ ଚୋରା ଦେଶୀ ମଦ ରନ୍ଧା ହୋଇ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଥିବା ଅଭିଯୋଗ ହେଉଥିଲା ।



### ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କ୍ୟାମ୍ପ କୋର୍ଟ ଆୟୋଜିତ

# ଓଡିଏ ଆଇନ ଅନୁଯାୟୀ ଆପିଲ୍ ମାମଲାର ତ୍ୱରିତ ସମାଧାନ ଲକ୍ଷ୍ୟ

**ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ):** ନାଗରିକକେନ୍ଦ୍ରିକ ଶାସନ ଓ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ ଆଜି ସ୍ଥାନୀୟ ଉନ୍ନତି ଭବନଠାରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ ନାଗରିକକେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଓ ଓଡ଼ିଶା ବିକାଶ ପ୍ରାଧିକରଣ (ଓଡିଏ) ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଓ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମ୍ସି) ସହ ଜଡିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୭୦୦ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ ଆଜି ମୋଟ ୧୩୯ଟି ମାମଲା ଗ୍ରହଣ କରାଯିବା ସହ ସମାଧାନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡିଏ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୋଧରେ ନାଗରିକଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହ ଜଡ଼ିତ। ସମ୍ପ୍ରତି ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆଙ୍କ ସମେତ ସ୍ୱତନ୍ତ୍ର ସଚିବ ଓ ଅତିରିକ୍ତ ସଚିବ ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ ପାଇଁ ଲକ୍ଷ୍ୟ ରହିଛି। ଏହି ଅନନ୍ୟ ପଦକ୍ଷେପ ଗୃହ ଓ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଓ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ, ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହ ସଙ୍ଗତ ନୁହେଁ। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟ ସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।



### ଘରେ ବସି ଜମି କିଣାବିକା ପ୍ରକ୍ରିୟା

## ବିଡିଏ ଆଣିଲା ୟୁଏଏନ୍ ଏବଂ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା

**ଭୁବନେଶ୍ୱର, ୨।୮ (ସଂଚାର ବ୍ୟୁରୋ) :** ବଦଳିବାକୁ ଯାଉଛି ରାଜଧାନୀରେ ସମ୍ପତ୍ତି ସମ୍ବନ୍ଧୀୟ କାରବାରର ନକ୍ସା । ଜମିଜମା କିଣାବିକା ଠାରୁ ଆରମ୍ଭ କରି ବ୍ୟାଙ୍କ ଋଣ ନେବା ପର୍ଯ୍ୟନ୍ତ, ସବୁ କାମରେ ଆଉ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ- ବିଡିଏ ଅଫିସ ଦୌଡିବାକୁ ପଡ଼ିବ ନାହିଁ । ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ୟୁଏଏନ୍ ବା ୟୁନିକ ଆକାଉଣ୍ଟ ନମ୍ବର (ୟୁନିକ୍ ଆକାଉଣ୍ଟ୍ ନମ୍ବର) ସୁବିଧା ଆରମ୍ଭ କରିଛନ୍ତି । ଯାହା ଦ୍ୱାରା ଭୁବନେଶ୍ୱର ବାସିନ୍ଦାଙ୍କୁ ହାତ ପାଆନ୍ତାରେ ମିଳିବ ବିଭିନ୍ନ ଜଟିଳ ସମସ୍ୟାର ସଠିକ ଓ ତ୍ୱରିତ ସମାଧାନ । ଓଡ଼ିଶାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏହାକୁ ଏକ ପାଇଲଟ ପ୍ରୋଜେକ୍ଟ ଭାବେ ନେଇଛନ୍ତି । ଏହାକୁ ସମ୍ପୂର୍ଣ୍ଣ ସମର୍ଥନ କରିଛନ୍ତି ଭୁବନେଶ୍ୱରବାସୀ । ଏହି ସବୁ ସମସ୍ୟାରୁ ମୁକ୍ତି ପାଇଁ ଆଉ ବାରମ୍ବାର ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ବା ବିଡିଏ ଅଫିସକୁ ଦୌଡ଼ିବାକୁ ପଡ଼ିବ ନାହିଁ । କେବଳ ଗୋଟିଏ ୟୁଏଏନ୍ ଜରିଆରେ ହିତାଧିକାରୀମାନେ ପାଇବେ ସମସ୍ତ ସୁବିଧା । ଓଡ଼ିଶାରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଏହାକୁ ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଆରମ୍ଭ କରିଛନ୍ତି । ମୋଟ ଉପରେ ଖୁବ୍ କମ ସମୟ ଭିତରେ ଲୋକଙ୍କ ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ ।

# କେନ୍ଦ୍ରାପଡ଼ାରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ବୈଜୟନ୍ତ

**କେନ୍ଦ୍ରାପଡ଼ା,୨।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା ବୈଠକରେ ଯୋଗଦେଲେ କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା। କେନ୍ଦ୍ରାପଡ଼ା ଜଜାଙ୍ଗସ୍ଥିତ ପ୍ରଦକ୍ଷଣ ଭବନରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସବୁ ବିଭାଗର ମୁଖ୍ୟ ଅଧିକାରୀଙ୍କ ସହ ସାଂସଦ ବୈଜୟନ୍ତ ପଣ୍ଡା ସାମିଲ ହୋଇଥିଲେ। ବୈଠକରେ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ସାଂସଦ ଆଲୋଚନା କରିଛନ୍ତି। ଉନ୍ନୟନମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ବିଭିନ୍ନ ବ୍ରିଜ୍ ଓ ଅସମ୍ପୂର୍ଣ୍ଣ ରାସ୍ତା, କୋଠାବାଡ଼ି ଗୃହ ନିର୍ମାଣ ବିଭାଗ, ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜଳସେଚନ ସମସ୍ୟା, ବନ୍ୟାରେ ଗୃହପାଳିତ ପଶୁଙ୍କ ପାଇଁ ଗୋ-ଖାଦ୍ୟ ଯୋଗାଇବା ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଛି। ଅନ୍ୟପକ୍ଷରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କକ୍ଷରେ ପିଏମ୍ କିଷାନ ଟଙ୍କା ଡିବିଟି ଜରିଆରେ ସବୁ ଚାଷୀଙ୍କୁ ପ୍ରଦାନ କରାଯାଇଛି। ବିକଶିତ ଓଡ଼ିଶା ବିକଶିତ ଭାରତ ଗଢ଼ିବାରେ ଚାଷୀଙ୍କର ମୁଖ୍ୟ ଭୂମିକା ବୋଲି ସାଂସଦ କହିଥିଲେ। ଆଜି ସାରା ଦେଶରେ ମୋଟ ୯ କୋଟି ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ୨୦,୫୦୦ କୋଟି ଟଙ୍କା ହସ୍ତାନ୍ତର କରାଯାଇଛି। ଏଥିମଧ୍ୟରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ପିଏମ୍ କିଷାନ ସମ୍ମାନ ନିଧି ଟଙ୍କା ୧ ଲକ୍ଷ ୨୭ ହଜାରରୁ ଅଧିକ ଚାଷୀଙ୍କୁ ବଣ୍ଟନ କରାଯାଇଛି।



# ଜଗତସିଂହପୁରରେ ଜଣ୍ଡିସ, ୫୦ ଆକ୍ରାନ୍ତ

**ଜଗତସିଂହପୁର,୨।୮ (ସଂଚାର ବ୍ୟୁରୋ) :** ଜଣ୍ଡିସରେ ୫୦ ଆକ୍ରାନ୍ତ । ଚିକିତ୍ସା ଅବହେଳାରୁ ଲୋକେ ଆକ୍ରାନ୍ତ ହେଉଥିବା ଅଭିଯୋଗ । ଜଗତସିଂହପୁର ଜିଲ୍ଲା ବିରିଡି ବ୍ଲକ ପୂରଣ ପଞ୍ଚାୟତ ଦଣ୍ଡାସାହି ଲୋକେ ଏହି ଅଭିଯୋଗ ଆଣିଛନ୍ତି । ଜଗତସିଂହପୁର ଜିଲ୍ଲାର ବିରିଡି ବ୍ଲକ୍ ଅନ୍ତର୍ଗତ ପୂରଣ ପଞ୍ଚାୟତ କମଳପୁର ଗ୍ରାମ ଦଣ୍ଡାସାହିର ଲୋକମାନେ ଜଣ୍ଡିସ ଆକ୍ରାନ୍ତ । ଏହାକୁ ନେଇ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଖେଳିଗଲାଣି ଭୟର ବାତାବରଣ। ଲୋକଙ୍କ ମଧ୍ୟରେ ଜଣ୍ଡିସର ଲକ୍ଷଣ ଜାଣିବା ପରେ ସ୍ଥାନୀୟ ଜନପ୍ରତିନିଧି ବିଧାୟକ ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରାଇଥିଲେ। ଖବର ପାଇ ଜଣ୍ଡିସ୍ ଲକ୍ଷଣ ଥିବା ଲୋକଙ୍କଠାରୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ରକ୍ତ ନମୁନା ସଂଗ୍ରହ କରି ପରୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଗ୍ରାମରେ ୭ ଜଣ ଜଣ୍ଡିସ ଆକ୍ରାନ୍ତ ହୋଇଥିବା ନେଇ ରିପୋର୍ଟ ଆସିଥିବା ବେଳେ ଗ୍ରାମବାସୀମାନେ କିନ୍ତୁ ଆକ୍ରାନ୍ତଙ୍କ ସଂଖ୍ୟା ୪୦ ରୁ ୫୦ ଜଣ ହେବେ ବୋଲି ଅଭିଯୋଗ କରିଛନ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଠିକ ଭାବେ ଆକ୍ରାନ୍ତଙ୍କ ଚିକିତ୍ସା କରାଯାଉ ନାହିଁ ବୋଲି ମଧ୍ୟ ଅଭିଯୋଗ କରିଛନ୍ତି । ଏହାପରେ ସ୍ଥାନୀୟ ବିଧାୟକ ଡକ୍ଟର ରମାକାନ୍ତ ଭୋଇ ଗ୍ରାମକୁ ଯାଇ ଲୋକମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବୁଝିଛନ୍ତି । ଆକ୍ରାନ୍ତ ଦଣ୍ଡାସାହି ଗ୍ରାମରେ ୧୨ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିଲା । ଏଥି ମଧ୍ୟରୁ ୭ ଜଣଙ୍କ ଜଣ୍ଡିସ ପଜିଟିଭ ରିପୋର୍ଟ ଆସିଥିବା ଜଣାପଡିଛି । ଏ ସମ୍ପର୍କରେ ବିରିଡି ଗୋଷ୍ଠି ସ୍ୱାସ୍ଥକେନ୍ଦ୍ରର ଅଧିକାରୀ ଡ଼ଃ ଲୋକନାଥ ସାହୁ ସୂଚନା ଦେଇଛନ୍ତି । ପୁର୍ନବାର ଆଉ ୭ ଜଣଙ୍କର ନମୁନା ପରୀକ୍ଷା ପାଇଁ ପଠାଯାଇଛି । ଦୂଷିତ ପାଣି ଯୋଗୁଁ ଏହି ରୋଗ ବ୍ୟାପିଥିବା ପ୍ରାଥମିକ ଆକଳନ କରାଯାଇଛି ।



### ଦୀର୍ଘ ବର୍ଷ ପରେ ଗର୍ଜିଲା ପୁଲିସ୍ ବନ୍ଧୁକ

# ଦୁର୍ଦ୍ଧାନ୍ତ ଅପରାଧୀ ସୁନୀଲକୁ ଏନକାଉଣ୍ଟର

- ପାଲଟା ଗୁଳିକାଣ୍ଡରେ ଗୁରୁତର
- ନାଁରେ ଅଛି ୨୦ରୁ ଉର୍ଦ୍ଧ୍ୱ ଅପରାଧିକ ମାମଲା



**ବ୍ରହ୍ମପୁର,୨।୮(ସଂଚାର ବ୍ୟୁରୋ):** ଦୀର୍ଘ ବର୍ଷ ପରେ ଆଜି ପୁଣି ବ୍ରହ୍ମପୁରରେ ପୁଲିସ୍‌ର ବନ୍ଧୁକ ଗର୍ଜିଛି। ଏଥିରେ କବିସୂର୍ଯ୍ୟନଗରର କୁଖ୍ୟାତ ଅପରାଧୀ ସୁନୀଲ ନାହାକ ଓରଫ ମାଲୁ ଆହତ ହୋଇଛି। ସ୍ଥାନୀୟ ପୀତାତଳି-ଚିକିଟି ରାସ୍ତାରେ ପୁଲିସ ସୁନୀଲକୁ ଏନକାଉଣ୍ଟର କରିଛି। ଏଥିରେ ସୁନୀଲ ଗୁରୁତର ଭାବେ ଆହତ ହୋଇଥିବା ବେଳେ ତାକୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତ ମାଲୁ ନାଁରେ ହତ୍ୟା, ଚୋରି, ଛିନତାଇ, ହତ୍ୟା ଧମକ, ଦାଦାବଟି ଓ ବୋମାମାଡ଼ ଭଳି ୨୦ରୁ ଅଧିକ ମାମଲା ରହିଥିବା ପୁଲିସ୍ ସୂଚନା ଦେଇଛି।

ମିଳିଥିବା ସୂଚନାନୁଯାୟୀ, ଡିଏସପି ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ସୁନୀଲକୁ ଧରିବା ପାଇଁ ଜାଲ ବିଛାଇଥିଲା। ତା'ର ପିଛା କରିବା ସମୟରେ ପ୍ରଥମେ ସୁନୀଲ ପୁଲିସ୍ ଉପରକୁ ଗୁଳି ଚଳାଥିଲା। ତା'ର ଗୁଳି ମଧ୍ୟ ପୁଲିସ୍ ଗାଡିରେ ବାଜିଥିଲା। ତେଣୁ ପୁଲିସ୍ ଆତ୍ମରକ୍ଷା କରିବା ସକାଶେ ଏହାର ପାଲଟା ଜବାବ ଦେଇଥିଲା। ପୁଲିସ୍‌ର ଏକ ଗୁଳି ସୁନୀଲର ବାମ ଗୋଡ଼ରେ ବାଜିବାରୁ ସେ ଆହତ ହୋଇଛି। ପୁଲିସ୍ ତା' ନିକଟରୁ ଏକ ମାଉଜର ଓ ଖୋକା ଜବତ କରିଛି। ତେବେ ସୁନୀଲର ଜଣେ ସହଯୋଗୀ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଛି। ଗତ କିଛି ଦିନ ଧରି ବିଭିନ୍ନ ଥାନାଞ୍ଚଳରେ ଦୁର୍ବୃତ୍ତମାନେ ସୁନା ଚେନ୍ ଝାମ୍ପି ନେବା ଘଟଣା ସାମ୍ନାକୁ ଆସିଥିଲା। ଗୋପାଳପୁର ଓ ନିମଖଣ୍ଡି ଥାନାଞ୍ଚଳରେ ୨ଟି ଲେଖାଏଁ ମାମଲା ରୁଜୁ ହୋଇଥିଲା। ଏହାକୁ ନଜରରେ ରଖି ଏସଡିପିଓ ସଦରଙ୍କ ନେତୃତ୍ୱରେ ୩ଟି ଟିମ୍ ଗଠନ କରାଯାଇ ତଦନ୍ତ ଚାଲିଥିଲା। ଜଣେ ଅଭିଯୁକ୍ତଙ୍କ ଉପରେ ସନ୍ଦେହ କରି ପୁଲିସ୍ ତା'ର ଅଭିଯାନ ଜାରି ରଖିଥିବା ବେଳେ ସୁନୀଲ ସମ୍ପର୍କରେ ସୂଚନା ମିଳିବା ପରେ ତାକୁ ଟ୍ରାକ୍ ପାଇଁ ଉଦ୍ୟମ ହୋଇଥିଲା। ଶେଷରେ ତାକୁ ଧରିବା ସକାଶେ ପୁଲିସ୍ ପିଛା କରିବାରୁ ଏନକାଉଣ୍ଟର୍ ହୋଇଥିଲା। ଅନ୍ୟପକ୍ଷରେ ସୁନୀଲ ସୁସ୍ଥ ହେବା ପରେ ତାକୁ କୋର୍ଟ ଚାଲାଣ କରାଯିବ। ସେହିପରି ଫେରାର୍ ହେବାରେ ସକ୍ଷମ ହୋଇଥିବା ସୁନୀଲର ସହଯୋଗୀକୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଏସପି ସର୍ବଣା ବିବେକ୍ ଏମ୍ ସୂଚନା ଦେଇଛନ୍ତି।

## ପୁଲିସ୍ ସ୍କାନରରେ ଏକାଧିକ ଅପରାଧୀ

ଗତ କିଛି ମାସ ହେବ ବ୍ରହ୍ମପୁର ସମେତ ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ ଅଶାନ୍ତ ହୋଇପଡ଼ିଛି। ଅପରାଧୀଙ୍କ ଦୌରାତ୍ମ୍ୟ କ୍ରମଶଃ ବଢ଼ିଚାଲିଛି। ଯାହା ପୁଲିସ୍ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ସାଧାରଣ ଲୋକେ ମଧ୍ୟ ଭୟଭୀତ ଅବସ୍ଥାରେ ରହିଛନ୍ତି। ଯଦିଓ ସ୍ୱତନ୍ତ୍ର ଅଭିଯାନ ଜରିଆରେ ବ୍ରହ୍ମପୁର ପୁଲିସ୍ ଅପରାଧୀଙ୍କୁ କାବୁ କରି ଜେଲ୍ ପଠାଇବାରେ ସଫଳ ହୋଇଛି। କିନ୍ତୁ ଅପରାଧ ଉପରେ ବ୍ରେକ୍ ଲାଗିପାରିନାହିଁ। ତେଣୁ ଅପରାଧ ଦମନ ଓ ଅପରାଧୀଙ୍କୁ ସାବାଡ଼ କରିବା ସକାଶେ ପୁଲିସ୍ ପକ୍ଷରୁ କଠୋର ପଦକ୍ଷେପ ନେବା ସକାଶେ ସାଧାରଣରେ ଦାବି ହୋଇଆସୁଥିଲା। ଏବେ ପୁଲିସ୍ ନିକଟରେ ଆହୁରି ଏକାଧିକ ଅପରାଧୀଙ୍କ ତାଲିକା ରହିଥିବା ଜଣାପଡ଼ିଛି।

## ରାଷ୍ଟ୍ରପତି ଭବନରେ ଉଦ୍‌ବୋଧନ ଦେବେ ଓଡ଼ିଆ ପୁଅ ଲଳିତ



**ନୀଳଗିରି ,୨।୮ (ସଂଚାର ବ୍ୟୁରୋ) :** ନୀଳଗିରି ବ୍ଲକ ଜାମୁଡିହା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ପ୍ରସଂଶାର ପାତ୍ର ପାଲଟିଛନ୍ତି ଲଳିତ । ସୂଚନା ମୁତାବକ ବାଲେଶ୍ୱର ବାଲିଆ ଅଞ୍ଚଳର ରଶ୍ମିତା ଦାସଙ୍କ ପୁତ୍ର ଲଳିତ କୁମାର ରାଉତ । ସେ ଜାମୁଡିହା ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ର ଅଟନ୍ତି। ଆସନ୍ତା ଅଗଷ୍ଟ ୧୫ ତାରିଖରେ ରାଷ୍ଟ୍ରପତି ଭବନରେ ଉଦ୍‌ବୋଧନ ଦେବା ପାଇଁ ତାଙ୍କୁ ଡାକରା ଆସିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ୨୦୨୩ ମସିହାରେ ପ୍ରତ୍ୟକ ସ୍କୁଲରେ ବକ୍ତୃତା,ଚିତ୍ରାଙ୍କନ,ରଚନା ଲିଖନ ଆଦି ପରୀକ୍ଷା ମାନ ଆୟୋଜିତ ହୋଇଥିଲା । ଯେଉଁ ପ୍ରତିଯୋଗିତାରେ ଲଳିତ ପ୍ରଥମେ ସ୍କୁଲ ସ୍ତରରୁ ଯୋଗ୍ୟ ବିବେଚିତ ହୋଇ ପରେ ଜିଲ୍ଲା,ରାଜ୍ୟ ଓ ଜାତୀୟ ସ୍ତରରେ ଭଲ ପ୍ରଦର୍ଶନ କରିଥିଲେ। ୨୦୨୪ ମସିହାରେ ଗୁଜୁରାଟରେ ଅନୁଷ୍ଠିତ ହୋଇଥିବା ଜାତୀୟ ସ୍ତରର ପ୍ରତିଯୋଗିତାରେ ସେ ସୁନ୍ଦର ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଫଳରେ ଆଗାମୀ ସ୍ୱାଧୀନତା ଦିବସରେ ସେଠାରେ ନିଜ ଅନୁଭୂତି ପ୍ରଦାନ କରିବା ସହ ଭାଷଣ ଦେବା ପାଇଁ ରାଷ୍ଟ୍ରପତି ଭବନରୁ ତାଙ୍କୁ ଡକରା ଆସିଛି । ଜିଲ୍ଲା ପ୍ରତିଯୋଗିତାର ଗୋଟିଏ ଦିନ ପୂର୍ବରୁ ମୁଁ ପ୍ରତିଯୋଗିତାକୁ ଯାଉଛି ବୋଲି ମତେ ପ୍ରିନ୍ସିପାଲ କହିଥିଲେ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୭ରୁ ୬୯ ଦେଶରେ ଲାଗୁହେବ ଟାରିଫ୍



## ଭାରତ ଉପରେ ୨୫%

## ୪୦ ବିଲିଅନ ଡଲାର ରପ୍ତାନି ପ୍ରଭାବିତ ହେବ

ନୂଆଦିଲ୍ଲୀ, ୨।୮: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ସମେତ ୬୯ଟି ଦେଶ ଉପରେ ପାଲଟା ଶୁଳ୍କ ଘୋଷଣା କରିଛନ୍ତି। ସର୍ବାଧିକ ୪୩ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଯାଇଥିବା ବେଳେ ଭାରତ ଉପରେ ୨୫% ଶୁଳ୍କ ଲାଗିଛି। ଏହି ଶୁଳ୍କ ଚଳିତ ମାସ ୭ରୁ କାର୍ଯ୍ୟକାରୀ ହେବ ବୋଲି ସେ କହିଛନ୍ତି। ରୁଷ୍‌ଠାରୁ ଭାରତ ତେଲ ଏବଂ ଅସ୍ତ୍ର କିଣୁଥିବା ଦର୍ଶାଇ ଟ୍ରମ୍ପ ଜରିମାନା ମଧ ଲଗାଇଛନ୍ତି। କିନ୍ତୁ ଜରିମାନା କେତେ ଲାଗିବ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ।

ଭାରତୀୟ ରପ୍ତାନିର ବଡ଼ ଅଂଶ (ଫାର୍ମା ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ସମେତ) ଆମେରିକାର ଛାଡ଼ ବର୍ଗରେ ଆସୁଛି। ତେଣୁ ସେସବୁ ସାମଗ୍ରୀ ଉପରେ କୌଣସି ଶୁଳ୍କ ଲାଗିବ ନାହିଁ। ଆମେରିକାକୁ ଭାରତ କରୁଥିବା ରପ୍ତାନିର ଅଧାରୁ ଅଧିକ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଆମେରିକାର ଛାଡ଼ ଧାରାର ୨୩୨ ଅଧୀନରେ ଏହି ରିହାତି ମିଳିବ। ତେଣୁ କେବଳ ୪୦ ବିଲିଅନ ଡଲାରର ରପ୍ତାନି ପ୍ରଭାବିତ ହେବ ବୋଲି କୁହାଯାଉଛି। ୨୦୨୪-୨୫ ଆର୍ଥିକବର୍ଷରେ ଭାରତ ଏବଂ ଆମେରିକା ମଧ୍ୟରେ ୧୩୧.୮ ବିଲିଅନ ଡଲାରର ବାଣିଜ୍ୟ ହୋଇଥିଲା। ସେଥିରୁ ୮୬.୫ ବିଲିଅନ ଡଲାର ରପ୍ତାନି ହୋଇଥିବାବେଳେ ୪୫.୩ ବିଲିଅନ ଡଲାର ହେଉଛି ଆମଦାନି। କୁହାଯାଉଛି ଯେ ବାଣିଜ୍ୟ ଆଲୋଚନାରେ ଆମେରିକାର ଦୁଗ୍ଧଜାତ ସାମଗ୍ରୀକୁ ଭାରତ କୌଣସି ରିହାତି ଦେବ ନାହିଁ। କାରଣ ସେ ଦେଶରେ ଚାଷୀମାନେ ଗୋଖାଦ୍ୟରେ ବ୍ୟବହାର କରୁଥିବା ସାମଗ୍ରୀକୁ ନେଇ ଆପତ୍ତି ରହିଛି। ଭାରତର ଧାର୍ମିକ ଭାବାବେଗ ଏହା ସହ ଜଡ଼ିତ ଥିବାରୁ ଏହା ଭାରତ ପାଇଁ ଗ୍ରହଣଯୋଗ୍ୟ ହେବ ନାହିଁ। ଉଲ୍ଲେଖଯୋଗ୍ୟ, ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ରାଜିନାମା ସଂପର୍କିତ ଆଲୋଚନା ଚଳିତବର୍ଷ ମାର୍ଚ୍ଚରେ ଆରମ୍ଭ ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୫ଟି ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ଷଷ୍ଠ ପର୍ଯ୍ୟାୟ ଆଲୋଚନା ନୂଆଦିଲ୍ଲୀରେ ଚଳିତମାସ ଶେଷଆଡ଼କୁ ହେବାକୁ ଯାଉଛି।

# ଜୁଲାଇରେ ୧.୯୬ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ




## ଓଡ଼ିଶାରୁ ୪୯୯୧ କୋଟି ସଂଗ୍ରହ

ନୂଆଦିଲ୍ଲୀ,୨।୮: ଚଳିତ ବର୍ଷ ଜୁଲାଇରେ କେନ୍ଦ୍ର ସରକାର ୧.୯୬ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ କରିଛନ୍ତି। ବାର୍ଷିକ ଭିତ୍ତିରେ ପରୋକ୍ଷ ଟିକସ ଆଦାୟ ୭.୫% ବଢ଼ିଥିବା ଅର୍ଥମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ସୂଚନା ମିଳିଛି। ୨୦୨୪ ଜୁଲାଇରେ ୧.୮୨ ଲକ୍ଷ କୋଟି ଟଙ୍କାର ଜିଏସ୍‌ଟି ଆଦାୟ ହୋଇଥିଲା। ଓଡ଼ିଶାରେ ଜିଏସ୍‌ଟି ଆଦାୟ ୧% ବୃଦ୍ଧି ହୋଇ ୪୯୯୧ କୋଟି ରହିଛି। ଜୁନରେ ଏହା ୪୯୨୫ କୋଟି ଥିଲା। ଚଳିତ ବର୍ଷ ଜୁନ ତୁଳନାରେ ଜୁଲାଇରେ ସାରା ଦେଶରେ ଅଧିକ ୧୧ ହଜାର କୋଟି ଜିଏସ୍‌ଟି ଆଦାୟ ହୋଇଛି। ଜୁନରେ ଆଦାୟ ୧.୮୫ ଲକ୍ଷ କୋଟି ଟଙ୍କା ଥିଲା। ଏହା ପୂର୍ବରୁ ଏପ୍ରିଲ ୨୦୨୫ରେ ରେକର୍ଡ ୨.୩୭ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ ହୋଇଥିଲା। ମେ ମାସରେ ୨.୦୧ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ ହୋଇଥିଲା। ଜୁଲାଇର ମୋଟ ପରୋକ୍ଷ ଟିକସ ମଧ୍ୟରୁ ୯୯,୨୫୦ କୋଟିର ସମନ୍ୱିତ ଜିଏସ୍‌ଟି, ୩୩,୪୫୦ କୋଟିର କେନ୍ଦ୍ରୀୟ ଜିଏସ୍‌ଟି (ସିଜିଏସ୍‌ଟି), ୪୧,୬୦୦ କୋଟିର ରାଜ୍ୟଜିଏସ୍‌ଟି(ଏସ୍‌ଜିଏସ୍‌ଟି) ଏବଂ ୨୧,୭୦୦ କୋଟି ଟଙ୍କାର ସେସ୍ ରହିଛି। ଆମଦାନିରୁ ସମନ୍ୱିତ ଜିଏସ୍‌ଟି ଆଦାୟ ୧୦.୩% ବଢ଼ିଛି। ରିଫଣ୍ଡ ୬୮.୮% ବୃଦ୍ଧି ହୋଇ ୨୭,୧୪୭ କୋଟି ରହିଛି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୦୧, ୧, ୩୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୨,୩୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨ ୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୧,୩୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୧,୫୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩, ୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୩୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୧,୩୫୦ ଓ ୯୨ ,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୩ ,୦୦୦ ଟଙ୍କା ହୋଇଛି।

## ରିୟଲ୍ ଇଷ୍ଟେଟ୍ ଶିଳ୍ପକୁ ରାଜ୍ୟପାଳଙ୍କ ଆହ୍ୱାନ

# ଛୋଟ ସହରରେ ନିବେଶ କର

ଭୁବନେଶ୍ୱର, ୨।୮(ସଂଚାର ବ୍ୟୁରୋ): ରିୟଲ୍ ଇଷ୍ଟେଟ୍ ବଜାର ରାଜ୍ୟର କିଛି ପ୍ରମୁଖ ସହର ମଧ୍ୟରେ ସୀମିତ ରହିଛି। ସନ୍ତୁଳିତ ସହରୀକରଣ ଲକ୍ଷ୍ୟ ହାସଲ କରିବା ଲାଗି ଛୋଟ ସହରଗୁଡ଼ିକରେ ନିବେଶ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରିୟଲ ଇଷ୍ଟେଟ୍ ଡେଭେଲପର୍‌ମାନଙ୍କୁ ଆହ୍ୱାନ ଦେଇଛନ୍ତି। ନଅ ବର୍ଷ ବ୍ୟବଧାନ ପରେ ଭୁବନେଶ୍ୱରରେ ଆୟୋଜିତ କ୍ରେଡାଇର ଅସାଧାରଣ ସାଧାରଣ ବୈଠକ (ଇଜିଏମ୍) ୨୦୨୫କୁ ସମ୍ବୋଧିତ କରି ସେ ରିୟଲ ଇଷ୍ଟେଟ୍ ଶିଳ୍ପକୁ ସୁଲଭ ବାସଗୃହ, ସବୁଜ ବିକାଶ ଏବଂ ଡିଜିଟାଲ୍ ଭିତ୍ତିଭୂମିରେ ନିବେଶ କରିବାକୁ କହିଛନ୍ତି। ଏଥି ସହିତ ସଚ୍ଚୋଟ ବ୍ୟବସାୟ ଅଭ୍ୟାସ ଓ ଗ୍ରାହକ କୈନ୍ଦ୍ରୀକ ପଦକ୍ଷେପ ଗ୍ରହଣ କରି ଏହି କ୍ଷେତ୍ରରେ ବିଶ୍ୱାସ ବଢ଼ାଇବାକୁ ସେ ଡେଭେଲପରମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ ରିୟଲ୍ ଇଷ୍ଟେଟ୍ ଡେଭେଲପର୍‌ମାନଙ୍କୁ ରାଷ୍ଟ୍ର ଗଠନର ବିଶ୍ୱକର୍ମା ଭାବେ ଅଭିହିତ କରିଥିଲେ। କ୍ରେଡାଇର ଜାତୀୟ ସଭାପତି ଶେଖର ଜି ପଟେଲ୍ କହିଥିଲେ ଯେ ଖୁବ୍‌ଶୀଘ୍ର ଭୁବନେଶ୍ୱରକୁ ଭାରତର ଶ୍ରେଷ୍ଠ ୫୦ ରିୟଲ ଇଷ୍ଟେଟ୍ ବଜାର ଭିତରେ ଦେଖିବାକୁ ମିଳିବ। ରେରା ଲାଗୁ ହେବା ପରେ ୯୫ ପ୍ରତିଶତ ବଜାର ସଂଗଠିତ ହୋଇଥିବା ସେ କହିଛନ୍ତି। କ୍ରେଡାଇର ନିର୍ବାଚିତ ଜାତୀୟ ସଭାପତି ଜି ରାମ ରେଡ୍ଡି ଏହା ନୀତି ନିର୍ଧାରଣ ଓ ଶିଳ୍ପ ବିକାଶ ପାଇଁ ସଂଘ ଦେଉଥିବା ପରାମର୍ଶଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କେଡ୍ରାଇର ନୂଆ ପୂର୍ବାଞ୍ଚଳ ଶାଖାର ଉପସଭାପତି ଭାବେ ସ୍ୱଦେଶ କୁମାର ରାଉତରାୟଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ କ୍ରେଡାଇ ଭୁବନେଶ୍ୱର ସଭାପତି ସୋଫିଆ ଫିର୍ଦୋସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଅନୀଲ ଅଗ୍ରୱାଲ୍ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରେଡାଇର ଜାତୀୟ ସଭାପତି ଶେଖର ପଟେଲ୍, ସମ୍ପାଦକ ଗୌରବ ଗୁପ୍ତା, ଜାତୀୟ ସଦସ୍ୟ ଶାନ୍ତିଲାଲ କଟାରିଆ, ପୂର୍ବତନ ଜାତୀୟ ସଭାପତି ଶେଖର ରେଡ୍ଡି, ଶଙ୍କର ରେଡ୍ଡି ଓ ଅନ୍ୟମାନେ ଉପସ୍ଥିତ ଥିଲେ।




## ସ୍ୱଦେଶ ରାଉତରାୟ କ୍ରେଡାଇ (ପୂର୍ବ) ନୂଆ ଉପସଭାପତି

# ମାତ୍ର ୧ ଟଙ୍କାରେ ମିଳିବ ବିଏସ୍‌ଏନ୍‌ଏଲ୍ ୪ଜି ସିମ୍

## ଦୈନିକ ୨ ଜିବି ଡାଟା ସହ ୧୦୦ ଏସ୍‌ଏମ୍‌ଏସ୍ ସୁବିଧା

## ରାଜ୍ୟରେ ସ୍ଥାପିତ ହୋଇଛି ୫୮୦୦ ଟାୱାର୍

ଭୁବନେଶ୍ୱର,୨।୮(ସଂଚାର ବ୍ୟୁରୋ): ରାଷ୍ଟ୍ରାୟତ୍ତ ଦୂରସଞ୍ଚାର ସେବା ପ୍ରଦାନକାରୀ କମ୍ପାନୀ ବିଏସଏନଏଲ ଓଡିଶାର କୋଣ ଅନୁକୋଣରେ ଆତ୍ମନିର୍ଭର ଭାରତ ପ୍ରକଳ୍ପ ଅଧୀନରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ୪-ଜି ସେବା ପହଞ୍ଚାଇବା ପାଇଁ ୫୮୦୦ଟି ଟାୱାର ସ୍ଥାପନ କରିଛି। ଏଥିମଧ୍ୟରୁ ୫୨୦୦ଟି ଟାୱାର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ଅଦ୍ୟାବଧି ୧୦ ହଜାର ବିଟିଏସ ଏହି ଟାୱାର ଜରିଆରେ କାର୍ଯ୍ୟରତ ଅଛି। ଓଡ଼ିଶାର ସମସ୍ତ ମୋବାଇଲ ଉପଭୋକ୍ତାଙ୍କ ପାଇଁ ଏହି ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ୪-ଜି ସେବାର ଅନୁଭୂତି ନେବାକୁ ବିଏସଏନଏଲ ଆଣିଛି ଅପୂର୍ବ ସୁଯୋଗ। ଏହି ଯୋଜନାରେ ଯେକୌଣସି ଉପଭୋକ୍ତା ମାତ୍ର ୧ ଟଙ୍କାରେ ବିଏସଏନଏଲ ୪-ଜି ସିମ୍ ସହ ୩୦ ଦିନ ପାଇଁ ଅସୀମିତ ଭଏସ୍ କଲ୍ ସହ ଦୈନିକ ୨ଜିବି ଡାଟା ଓ ୧୦୦ ଏସଏମଏସ୍ ସୁବିଧା ପାଇବେ। ସେହିପରି ଅନ୍ୟ ନେଟୱର୍କର ଉପଭୋକ୍ତା କେବଳ ୧ ଟଙ୍କା ଦେଇ ଏମଏନପି ଜରିଆରେ ବିଏସଏନଏଲରେ ଯୋଗଦେଇ ଏହି ସୁବିଧା ପାଇପାରିବେ। ଏହି ସିମ୍ ପାଇବା ପାଇଁ ନିଜ ପରିଚୟପତ୍ର ସହ ନିକଟସ୍ଥ ବିଏସଏନଏଲ ଗ୍ରାହକ ସେବା କେନ୍ଦ୍ର ଅଥବା ରିଟେଲର୍ ସହ ଯୋଗାଯୋଗ କରିବାକୁ କୁହାଯାଇଛି। ଏହି ସୁବିଧା ଗତ ୧ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ବିଏସଏନଏଲ ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ ଦୁଷ୍ମନ୍ତ କୁମାର ବେହେରା ଏହି ସୁବିଧା ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ସକାଶେ ନିବେଦନ କରିଛନ୍ତି।



## ବନ୍ଦ ହେବକି ହ୍ୱାଟ୍ସଆପ! ଜାଣନ୍ତୁ କାରଣ କ'ଣ

ନୂଆଦିଲ୍ଲୀ,୨।୮: ଯଦି ଆପଣ ନେଟିଭ ଆପ ମାଧ୍ୟମରେ ୱିଣ୍ଡୋଜ ୧୧ରେ ହ୍ୱାଟ୍ସଆପ ବ୍ୟବହାର କରୁଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ମେଟା ଏହାର ସଦ୍ୟତମ ବିଟା ଅପଡେଟରେ ପ୍ରାୟ ନିଶ୍ଚିତ କରିଛି ଯେ ୱିଣ୍ଡୋଜ ୧୧ରେ ହ୍ୱାଟ୍ସଆପ ନେଟିଭ ଆପ ଆଉ ସମର୍ଥିତ ହେବ ନାହିଁ। ଏହା ବଦଳରେ, କମ୍ପାନୀ ସ୍ଥାୟୀ ଭାବରେ ହ୍ୱାଟ୍ସଆପ ୱେବ ସଂସ୍କରଣକୁ ଗ୍ରହଣ କରିବାକୁ ଯାଉଛି, ଯାହା ପୂର୍ବରୁ କୋଟି କୋଟି ବ୍ୟବହାରକାରୀ ବ୍ୟବହାର କରୁଛନ୍ତି। ହ୍ୱାଟ୍ସଆପ ନୂତନ ବିଟା ସଂସ୍କରଣରେ ଏକ ବିଜ୍ଞପ୍ତି ଦେଖାଯାଉଛି: ହ୍ୱାଟ୍ସଆପ ବିଟା କିପରି ଦେଖାଯାଏ ଏବଂ କାମ କରେ ତାହା ଅପଡେଟ କରାଯାଇଛି।" ଅର୍ଥାତ୍ ହ୍ୱାଟ୍ସଆପ ଏବେ କେବଳ ଏହାର ଲୁକ ନୁହେଁ ବରଂ ଏହାର କାମ କରିବାର ଶୈଳୀକୁ ମଧ୍ୟ ପରିବର୍ତ୍ତନ କରୁଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୨ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୦ ପଇସା ରହିଛି।



# ରୁଷ୍‌ଠାରୁ ଭାରତ ତେଲ ନକିଣିବା ରିପୋର୍ଟ କେତେ ସତ

## ସ୍ପଷ୍ଟୀକରଣ ଦେଲା ବୈଦେଶିକ ମନ୍ତ୍ରାଳୟ

ନୂଆଦିଲ୍ଲୀ, ୨।୮: ଶୁଳ୍କ ଉପରେ ଆମେରିକାର ଚାପ ମଧ୍ୟରେ ଶୁକ୍ରବାର ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟରେ ଭାରତର ଅନେକ ସରକାରୀ ତୈଳ ବିଶୋଧନାଗାର ରୁଷରୁ ଅଶୋଧିତ ତୈଳ କିଣିବା ବନ୍ଦ କରିଦେଇଛନ୍ତି। ଭାରତର ଏହି ସରକାରୀ କମ୍ପାନୀଗୁଡ଼ିକ ଗତ ସପ୍ତାହରୁ ଅଶୋଧିତ ତୈଳ ଆମଦାନୀ କରିନଥିବା କୁହାଯାଇଛି। ଏହା ଉପରେ ସ୍ପଷ୍ଟୀକରଣ ଦେଇଛନ୍ତି ଭାରତ ସରକାର। ରୁଷୀୟ ତେଲ ବନ୍ଦ କରିବାର ରିପୋର୍ଟକୁ ମିଥ୍ୟା ବୋଲି କୁହାଯାଇଛି। ସରକାରୀ ସୂତ୍ର କହିଛନ୍ତି ଯେ ଦେଶର ଶକ୍ତି କ୍ରୟ ବଜାର ଶକ୍ତି ଏବଂ ଜାତୀୟ ସ୍ୱାର୍ଥ ଉପରେ ଆଧାରିତ। ଭାରତୀୟ ତୈଳ କମ୍ପାନୀଗୁଡ଼ିକ ରୁଷୀୟ ଆମଦାନୀ ବନ୍ଦ କରିବାର କୌଣସି ରିପୋର୍ଟ ସେମାନଙ୍କ ପାଖରେ ନାହିଁ। ଏଏନଆଇ ଅନୁସାରେ ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ରୁଷୀୟ ଯୋଗାଣକାରୀଙ୍କଠାରୁ ତେଲ ପାଇବା ଜାରି ରଖିଛନ୍ତି। ସେମାନଙ୍କର ଯୋଗାଣ ନିଷ୍ପତ୍ତି ମୂଲ୍ୟ, ଅଶୋଧିତ ତୈଳର ଗୁଣବତ୍ତା, ସଂରକ୍ଷଣ, ଲଜିଷ୍ଟିକ୍ସ ଏବଂ ଅନ୍ୟାନ୍ୟ ଆର୍ଥିକ କାରଣ ଉପରେ ଆଧାରିତ। ଶୁକ୍ରବାର ଆସିଥିବା ରିପୋର୍ଟରେ କୁହାଯାଇଥିଲା ଯେ ଇଣ୍ଡିଆନ ଅଏଲ୍ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ, ଭାରତ ପେଟ୍ରୋଲିୟମ୍ କର୍ପୋରେସନ ଏବଂ ମାଙ୍ଗାଲୋର ରିଫାଇନାରୀ ପେଟ୍ରୋକେମିକାଲ୍ ଭଳି ରିଫାଇନାରୀ କମ୍ପାନୀଗୁଡ଼ିକ ଅସ୍ଥାୟୀ ଭାବରେ ରୁଷ ତେଲ କିଣିବା ବନ୍ଦ କରିଦେଇଛନ୍ତି। ବର୍ତ୍ତମାନ ଏହି କମ୍ପାନୀଗୁଡ଼ିକ ତେଲ କିଣିବା ପାଇଁ ମଧ୍ୟପ୍ରାଚ୍ୟ ଏବଂ ଆଫ୍ରିକା ଆଡକୁ ମୁହାଁଇଛନ୍ତି। ରୁଷ ତେଲ ବନ୍ଦ କରିବା ରିପୋର୍ଟକୁ ସ୍ୱାଗତ କରିବା ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଭାରତ ହୁଏତ ରୁଷରୁ ଅଶୋଧିତ ତେଲ କିଣିବା ବନ୍ଦ କରିପାରେ। ସେ ଏହି ସମ୍ଭାବନାକୁ ଏକ ଭଲ ପଦକ୍ଷେପ ନେଇଥିଲେ। ମୁଁ ଶୁଣିଛି ଯେ ଭାରତ ଆଉ ରୁଷରୁ ତେଲ କିଣିବ ନାହିଁ। ମୁଁ ଏହା ଶୁଣିଛି, କିନ୍ତୁ ମୁଁ ଜାଣିନାହିଁ ଯେ ଏହା ଠିକ୍ କି ଭୁଲ। ଯଦି ଏହା ସତ, ତେବେ ଏହା ଏକ ଭଲ ପଦକ୍ଷେପ। ତେବେ ଭାରତ ସରକାରଙ୍କ ଏହି ମନ୍ତବ୍ୟ ପରେ ଟ୍ରମ୍ପଙ୍କୁ ବଡ଼ ଝଟକା ଲାଗିଥିବ। ବୁଧବାର ରାତିରେ ହଠାତ୍ ଏକ ବଡ଼ ଘୋଷଣା କରି ଆମେରିକା କହିଥିଲା ଯେ ଏହା ଭାରତ ଉପରେ 25% ଶୁଳ୍କ ଲାଗୁ କରିବ, ଯାହା ଅଗଷ୍ଟ ୧ରୁ ଲାଗୁ ହେବାର ଥିଲା, କିନ୍ତୁ ଏହାକୁ ଅଗଷ୍ଟ ୭କୁ ସ୍ଥଗିତ ରଖାଯାଇଛି। ଆମେରିକା ରୁଷରୁ ତେଲ କିଣିବା ଏବଂ ପ୍ରତିରକ୍ଷା ଆମଦାନୀ ପାଇଁ ମଧ ଜରିମାନା ଘୋଷଣା କରିଛି।

# ଅକ୍ଟୋବରରେ 'ଆକାଶ'ର ଆନ୍ଥେ ପରୀକ୍ଷା

ଭୁବନେଶ୍ୱର, ୨।୮(ସଂଚାର ବ୍ୟୁରୋ): ଆକାଶ ଏଜୁକେସନାଲ୍ ସର୍ଭିସେସ୍ ଲିମିଟେଡ୍ (ଏଇଏସ୍‌ଏଲ୍) ପକ୍ଷରୁ ଆକାଶ ଜାତୀୟ ପ୍ରତିଭା ଅନ୍ୱେଷଣ ପରୀକ୍ଷା (ଆନ୍ଥେ)ର ୨୦୨୫ ସଂସ୍କରଣ ଘୋଷଣା କରାଯାଇଛି। ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ଏହି ପରୀକ୍ଷା ଚଳିତ ବର୍ଷ ଅକ୍ଟୋବର ୪-୧୨ ମଧ୍ୟରେ ଅନୁଷ୍ଠିତ ହେବ। ଏଥିରେ ପଞ୍ଚମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତର ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଶିକ୍ଷାବୃତ୍ତି ହାସଲ କରିବା ସହିତ ୨.୫ କୋଟି ଟଙ୍କା ପର୍ଯ୍ୟନ୍ତର

## ଅଗଷ୍ଟ ୨୪ରୁ ଆକାଶ ଇନ୍‌ଭିକ୍ଟସ୍ ଏସ୍ ପରୀକ୍ଷା

ନଗଦ ରାଶି ପୁରସ୍କାର ଜିତିବା ସୁଯୋଗ ରହିଛି। ଆକାଶର କ୍ଲାସ୍‌ରୁମ୍, ଆକାଶ ଡିଜିଟାଲ୍ ଓ ଇନ୍‌ଭିକ୍ଟସ ପାଠ୍ୟକ୍ରମ ପାଇଁ ଶିକ୍ଷାବୃତ୍ତି ପ୍ରଦାନ କରାଯିବ ବୋଲି ଆକାଶର ଆଞ୍ଚଳିକ ନିର୍ଦ୍ଦେଶକ (ପୂର୍ବ) ଅଜୟ ବାହାଦୂର ସିଂହ କହିଛନ୍ତି। ଏହି ଅବସରରେ ଆକାଶ ପକ୍ଷରୁ ଜେଇଇ ଲାଗି ପ୍ରସ୍ତୁତି କରିବାକୁ ଚାହୁଥିବା ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଆକାଶ ଇନ୍‌ଭିକ୍ଟସ୍ ଏସ୍ ପରୀକ୍ଷା ଘୋଷଣା କରାଯାଇଛି। ସେହି ପରୀକ୍ଷା ଚଳିତ ବର୍ଷ ଅଗଷ୍ଟ ୨୪, ୩୧ ଓ ସେପ୍ଟେମ୍ବର ୭ରେ ଅନୁଷ୍ଠିତ ହେବ। ସେଥିପାଇଁ ଅନ୍‌ଲାଇନ୍‌ରେ କିମ୍ବା ଆକାଶ ଇନଷ୍ଟିଚ୍ୟୁଟ୍ କେନ୍ଦ୍ରରେ ପଞ୍ଜୀକରଣ କରାଯାଇପାରିବ। ଏହି ଅବସରରେ ଆକାଶର ଉପ ନିର୍ଦ୍ଦେଶକ (ପୂର୍ବ ଜୋନ୍) ସୂର୍ଯ୍ୟଭାନୁ ସିଂହ, ଆଞ୍ଚଳିକ ବିକ୍ରି ଓ ଅଭିବୃଦ୍ଧି ମୁଖ୍ୟ ବିକାଶ ଦାସ ଓ ଆଞ୍ଚଳିକ ପରିଚାଳନା ମୁଖ୍ୟ (ପୂର୍ବ) ଜୟଦୀପ ମୁଖାର୍ଜୀ ଉପସ୍ଥିତ ଥିଲେ।




# ଗ୍ରିନ୍‌ପ୍ଲାଏର ନୂଆ ପ୍ରଚାର ଅଭିଯାନ

ଭୁବନେଶ୍ୱର, ୨।୮: ନିଜ ଘରକୁ ଯେକୌଣସି ପ୍ରକାର କ୍ଷତିରୁ ବଞ୍ଚାଇବା ଲାଗି ଲୋକମାନଙ୍କ ମନରେ ରହିଥିବା ଭାବନାରୁ ଅନୁପ୍ରାଣିତ ହୋଇ ଗ୍ରିନ୍‌ପ୍ଲାଏ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ପକ୍ଷରୁ ନୂଆ ପ୍ରଚାର ଅଭିଯାନ ପ୍ରସ୍ତୁତ କରାଯାଇଛି। ଏହାର ଟ୍ୟାଗ୍‌ଲାଇନ୍ ହେଉଛି 'ଟୋନେ -ଟଟ୍‌କୋ ଫର୍ଣ୍ଣିଚର୍‌କୁ ନେହିଁ ବଚା ସକ୍‌ତେ, ଲେକିନ୍ ଇକୋଟେକ୍ ଜରୁର୍ ବଚାଏଗା'। ଏ ସମ୍ପର୍କରେ ଗ୍ରିନ୍‌ପ୍ଲାଏର ପରିଚାଳନା ନିର୍ଦ୍ଦେଶକ ସାନିଧ ମିତ୍ତଲ କହିଛନ୍ତି ଯେ ଏହି ଅଭିଯାନ ଜରିଆରେ ଆମେ ସେହି ଗ୍ରାହକମାନଙ୍କ ପାଖରେ ପହଂଚିବାକୁ ଚାହୁଛୁ ଯେଉଁମାନେ ବୁଝିବିଚାର କିଣାକିଣି କରିଥାନ୍ତି। ସବୁ ଲୋକ ଠିକ୍ ଦାମ୍‌ରେ ଭଲ ଜିନିଷ ପାଇବାକୁ ହକ୍‌ଦାରବୋଲି ସେ କହିଛନ୍ତି। କମ୍ପାନି ପକ୍ଷରୁ ଡିଲର୍ ଆନାଉନ୍‌ସମେଣ୍ଟ୍ କିଟ୍ ମଧ ଉନ୍ମୋଚନ କରାଯାଇଛି।

## ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ




**ନର୍ଲା,୨।୮(ସଂଚାର ବ୍ୟୁରୋ):** ଦେଶର ୭୯ ତମ ସ୍ୱାଧିନତା ଦିବସ ପାଳନ ପାଇଁ ନର୍ଲା ବ୍ଲକ ସମ୍ମେଳନ କକ୍ଷରେ ଏକ ପ୍ରସ୍ତୁତି ବୈଠକ ବିଡ଼ିଓ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନର୍ଲା ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗୋବର୍ଦ୍ଧନ ମାଝୀ, ବ୍ଲକ ସାମାଜିକ ଅଧିକାରୀ ପ୍ରଦୀପ ବେହେରା, ବ୍ଲକ ସେକ୍ସନ ଅଫିସର ସୁଦର୍ଶନ ରାଉତ ଓ ଏକାଉଣ୍ଟ ଅଫିସର ପ୍ରତୀକ ରଥ ମଞ୍ଚାସୀନ ହୋଇ ୭୯ ତମ ସ୍ୱାଧିନତା ଦିବସ ପାଳନ ପାଇଁ ଖସଡା ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ନର୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସଭାପତି ବଦ୍ରୀପ୍ରସାଦ ମିଶ୍ର, ନର୍ଲା ଡିଗ୍ରୀ କଲେଜର ଅଧ୍ୟକ୍ଷ ନାରାୟଣ ନାଏକ, ଆରଡବ୍ଲୁଏସଏସ ର ସହକାରୀ ଯନ୍ତ୍ରୀ ସୁରେନ୍ଦ୍ର ସୁନାନୀ, ଭୋଳାନାଥ ଦାସ, ସିଡିପିଓ ଅଞ୍ଜଳୀ ପଟ୍ଟନାୟକ, ଯୁକ୍ତଦୁଇ କଲେଜର ଅଧ୍ୟାପକ ସନ୍ତୋଷ କୁମାର ବୁଢ଼ିଆ, ଆରଡବ୍ଲୁ ଏସଏସ କର୍ମଚାରୀ ସନତ କୁମାର ନାୟକ, ଓଏଲଏମ ସଂଯୋଜକ ସନତ କୁମାର ସାହୁ, ନର୍ଲା ସରସ୍ୱତୀ ଶିଶୁ ମନ୍ଦିରର ଆଚାର୍ଯ୍ୟ ଜୟଦେବ ପୋଢ, ଷ୍ଟେଟ ବ୍ୟାଙ୍କ ନର୍ଲା ଶାଖା ପରିଚାଳକ, ନର୍ଲା ଅଗ୍ନିଶମ ବିଭାଗ କର୍ମଚାରୀ, ଜବାହର ନବୋଦୟ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଓ ଅନ୍ୟାନ୍ୟ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ।

● ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ

## ପରିଚୟ ପତ୍ର ବଣ୍ଟନ ଓ ଭାରତୀୟ ନ୍ୟାୟ ସଂହିତା -୨୦୨୩ ସଂଶୋଧନ ସମ୍ପର୍କିତ କର୍ମଶାଳା



**ସୁବର୍ଣ୍ଣପୁର,୨।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସଦର ମହକୁମା ସ୍ଥିତ ବରିଷ୍ଠ ନାଗରିକ ସଂଗଠନ କାର୍ଯ୍ୟାଳୟ ଠାରେ ଶନିବାର ପୂର୍ବାହ୍ନରେ ବରିଷ୍ଠ ନାଗରିକ ମାନଙ୍କ ପରିଚୟ ପତ୍ର ବଣ୍ଟନ ତଥା ଭାରତୀୟ ନ୍ୟାୟ ସଂହିତା-୨୦୨୩ ସଂଶୋଧନ ସଂପର୍କୀତ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଅନୁଷ୍ଠାନର ସଭାପତି ଡକ୍ଟର ପ୍ରଫୁଲ୍ଲ କୁମାର ରଥଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କର୍ମଶାଳାରେ ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ମୁଖ୍ୟ ଅତିଥି, ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ ସମ୍ମାନିତ ଅତିଥି, ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ପାଢ଼ୀ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଙ୍କୁ ସଭାପତି ଙ୍କ ଦ୍ୱାରା ଉପଢୌକନ ଓ ଫୁଲତୋଡ଼ା ସହିତ ସମ୍ବର୍ଦ୍ଧିତ କରାଯିବା ପରେ ଆନୁଷ୍ଠାନିକ ଭାବରେ ଅନୁଷ୍ଠାନ ର କୋଷାଧ୍ୟକ୍ଷ ଦୟାନିଧି ହୋତା ସ୍ୱାଗତ ଜଣାଇ ଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ବରିଷ୍ଠ ନାଗରିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ସହାୟତା ସଂପର୍କରେ ଆଲୋଚନା କରିଥିଲେ।ପରେ ପରେ ତାଙ୍କ ଦ୍ୱାରା ୪୦ ଜଣ ସଦସ୍ୟ ସଦସ୍ୟାଙ୍କୁ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ଡକ୍ଟର ଦ୍ୱିତୀକୃଷ୍ଣ ପଣ୍ଡା ସଂଯୋଜନା କରିଥିବା ବେଳେ ସୂର୍ଯ୍ୟ ନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ସଂପାଦକ ସନ୍ତୋଷ ଷଡ଼ଙ୍ଗୀ, ଚମରା ମହାକୁର, ଦିଲ୍ଲିପ ମିଶ୍ର, ବାସୁଦେବ ପଣ୍ଡା, ତ୍ରିନାଥ ମିଶ୍ର, ଅକ୍ଷୟ ମିଶ୍ର, ଶ୍ୟାମସୁନ୍ଦର ସେଠୀ, ଅକ୍ରୁର ଚରଣ ଦନ୍ତା, ନାରାୟଣ ପ୍ରସାଦ ନାୟକ, ଗୋପୀନାଥ ମହାକୁର, ବଳରାମ କାଣ୍ଡ, ଦିଲ୍ଲିପ ତ୍ରିପାଠୀ, ନରେନ୍ଦ୍ର ସାହୁ, ନିତ୍ୟାନନ୍ଦ ତ୍ରିପାଠୀ, ରତ୍ନା ମହାକୁର, ସୁରୁ ସାହୁ, ଜୀତେନ୍ଦ୍ର ପ୍ରଧାନ, ନିରଞ୍ଜନ ସେଠୀ, ଜୟଦେବ ସାହୁ, କୃଷ୍ଣ ଚନ୍ଦ୍ର ମଲ୍ଲିକ ପ୍ରମୁଖ ସହଯୋଗ କରାଥିଲେ।

## ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶିକ୍ଷକଙ୍କ ଧାରଣା

**ନୀଳଗିରି,୨।୮(ସଂଚାର ବ୍ୟୁରୋ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ସଙ୍ଘ ପକ୍ଷରୁ ନୀଳଗିରି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।ସୂଚନା ମୁତାବକ ସମସ୍ତ ଯୋଗ୍ୟ ବିବେଚିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଅନୁଦାନ ପ୍ରଦାନ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି। ପୂର୍ବ ସରକାର ଓ ବର୍ତ୍ତମାନର ସରକାର ସେମାନଙ୍କୁ ଅବହେଳା କରିଛନ୍ତି। ଫଳରେ ୬ଦଫା ଦାବୀନେଇ ଶିକ୍ଷକ ମାନେ ଆଜି ଧାରଣାରେ ବସିଥିଲେ।ମୁଖ୍ୟ ଦାବୀ ଗୁଡିକ ହେଉଛି ସମସ୍ତ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରୁ ଅବସର ନେଇଥିବା ଓ ଅବସର ନେବାକୁ ଯାଉଥିବା ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କୁ ଚାକିରି ସର୍ତ୍ତାବଳୀ, ପେନସନ୍ ଓ ଅବସରକାଳୀନ ସୁବିଧା ସୁଯୋଗ ପ୍ରଦାନ କରାଯାଉନାହିଁ।ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରାଯାଉ।ଶିକ୍ଷକ ଓ ଶିକ୍ଷାକର୍ମଚାରୀଙ୍କ ଗ୍ରେଡ୍‌ପେରେ ଥିବା ଅସଙ୍ଗତି ଦୂରୀକରଣ କରିବା।ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ସରକାରୀକରଣ ଏବଂ ଶିକ୍ଷକ ନିଯୁକ୍ତି କରିବା।୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ୬ଟି ନ୍ୟାସନାଲ ଇନ୍‌କ୍ରିମେଣ୍ଟ ସହିତ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ୍ ପରିବର୍ତ୍ତେ ପୁରାତନ ପେନସନ୍ ସ୍କାମ୍‌ର ପୁନଃ ପ୍ରଚଳନ କରାଯିବା ପାଇଁ ଦାବୀ କରାଯାଇଥିଲା।ଯଦି ଆଗାମୀ ଦିନରେ ସରକାର ଏ ସମସ୍ତ ଦାବି ପୂରଣ ନକରନ୍ତି ତାହାଲେ ଜିଲ୍ଲା ଓ ରାଜଧାନୀ ରେ ଆନ୍ଦୋଳନ ତୀବ୍ରତର ହେବ ବୋଲି କହିଛନ୍ତି ଶିକ୍ଷକ ସଂଘର କର୍ମଚାରୀମାନେ। ଏହି ଧାରଣାରେ ଶିକ୍ଷକ ଭାସ୍କର ଚନ୍ଦ୍ର ଜେନା, ଜୀତେନ୍ଦ୍ର ଉପାଧ୍ୟାୟ, ରମାକାନ୍ତ ପାଣିଗ୍ରାହୀ ଓ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ରହିଥିଲେ।

# ମଧ୍ୟାହ୍ନଭୋଜନକୁ ନେଇ ସରପଞ୍ଚ-ସ୍ଥାନୀୟ ଯୁବକ ମୁହାଁମୁହିଁ

**ତିର୍ତ୍ତୋଲ,୨।୮(ସଂଚାର ବ୍ୟୁରୋ):** ସ୍କୁଲ ମଧ୍ୟାହ୍ନ ଭୋଜନ ଚାଉଳରେ ପୋକ ଲାଗିବ ଘଟଣା ଓ ଅବବ୍ୟସ୍ତା ଭିତରେ ଦିଆଯାଉଛି ମଧ୍ୟାହ୍ନ ଭୋଜନ, ପ୍ରଧାନଶିକ୍ଷକ ମଧ୍ୟାହ୍ନ ଭୋଜନ ହଡପ ଅଭିଯୋଗ ରେ ବିଦ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ସରପଞ୍ଚ ଙ୍କ ସମେତ କିଛି ସ୍ଥାନୀୟ ଲୋକେ କିନ୍ତୁ ସେଠିକାର କିଛି ଯୁବକ ସଙ୍ଘ ସରପଞ୍ଚ ଙ୍କୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ଏଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ। ଦୀର୍ଘ ବର୍ଷ ଧରି ଏହି ବିଦ୍ୟାଳୟ ର ଛାତ୍ରଛାତ୍ରୀ ଙ୍କୁ ପୋକ ମିଶା ଚାଉଳରେ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଅଭିଯୋଗ କରିବା ସହ, ଏହି ବିଦ୍ୟାଳୟର ପ୍ରଧାନ ଶିକ୍ଷକଭାବେ ଦାୟିତ୍ୱ ତୁଲାଉଥିବା ଗଗନ କୁମାର ସାହୁ ମଧ୍ୟାହ୍ନ ଭୋଜନ ଚାଉଳ ହଡପ କରୁଥିବା ନେଇ ଅଭିଯୋଗ କରି ଆସୁଥିଲେ ସରପଞ୍ଚ। ଯାହାକୁ ନେଇ ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ ଙ୍କ ସମେତ କିଛି ଲୋକ ମାନେ ସ୍କୁଲ କୁ ଯାଇ ଯାଞ୍ଚ କରିବା ବେଳେ ସେଠାରେ ମଧ୍ୟାହ୍ନ ଭୋଜନ ଚାଉଳରେ ପୋକ ହୋଇଥିବା ଅଭିଯୋଗ ଆଣିବା ପରେ ବା ସ୍କୁଲ ଆଗରେ ଅନଶନ ରେ ବସିଥିଲେ। ପ୍ରତ୍ୟେକ ଦିନ କିଭଳି ପିଲାମାନଙ୍କୁ ଏହି ପୋକରା ଚାଉଳ ଦିଆଯାଇଛି ବୋଲି ସ୍କୁଲ ପ୍ରଧାନ ଶିକ୍ଷକ ଗଗନ କୁମାର ସାହୁ ଙ୍କୁ ସରପଞ୍ଚ ଧମକାଇଥିବା ଅଭିଯୋଗ ମଧ୍ୟ ଆସିଛି। ସରପଞ୍ଚ ମଧ୍ୟାହ୍ନ ଭୋଜନର ହିସାବ ପ୍ରଧାନ ଶିକ୍ଷକ ଙ୍କୁ ମାଗିଥିଲେ। ଏହି ସମୟରେ କିଛି ସ୍ଥାନୀୟ ଯୁବକ ଜିଲ୍ଲା ରେ ଏକ ନଂ ସ୍ଥାନ ପାଇଥିବା ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟ କୁ ସରପଞ୍ଚ ରାଜନୈତିକ ଦୃଷ୍ଟି



ଭଙ୍ଗୀ ରଖି ଏହିପରି ବଦନାମ କରୁଥିବା କହିଛନ୍ତି। ସରପଞ୍ଚ ବ୍ଲକ ର କିଛି କଂଗ୍ରେସ ସରପଞ୍ଚ ମାନଙ୍କୁ ଆଣି ସୁନାମ ଅର୍ଜନ କରିଥିବା ଏଭଳି ସ୍କୁଲ କୁ ନିଜ ଅକ୍ତିଆର କୁ ନେବାକୁ ଚେଷ୍ଟା କରିଛନ୍ତି ବୋଲି କିଛି ଯୁବକ ମାନେ କହିଛନ୍ତି। କେବଳ ସତିକି ନୁହେଁ ପୂର୍ବରୁ ମଧ୍ୟ ସରପଞ୍ଚ ନିକଟସ୍ଥ ଏମ.ଇ ସ୍କଲ ର ଏକ ଶିକ୍ଷକ ଙ୍କ ସହିତ ପୂର୍ବ ସରକାର ସମୟରେ ଏହିଭଳି ଲାଗି ଲାଗି ତାଙ୍କୁ ବ୍ଲକ ପାର କରାଇଥିଲେ। ସରପଞ୍ଚ ଙ୍କ ଏଭଳି କଂଗ୍ରେସ ପ୍ରୀତି ଏହି ଡବଲ ଇଞ୍ଜିନ ସରକାର ରେ ଚଳିବ ନାହିଁ। ଏହି ସ୍କୁଲ ର ପୁରାତନ ଛାତ୍ର ମାନେ ଦାଇତ୍ୱ ନେଇଛନ୍ତି ଓ ଯେଉଁ ଚାଉଳ ସରପଞ୍ଚ ଦେଖାଉଛନ୍ତି ସେ ଚାଉଳ କେବେଠାରୁ ରିଜେକ୍ଟ ହୋଇଛି ସ୍କୁଲ ରେ ପିଲାଙ୍କୁ ଦିଆଯାଉ ନାହିଁ। ଯେହେତୁ ସରକାରୀ ଜିନିଷ ତାକୁ ସରକାରୀ ଟିମ ଯାଞ୍ଚ କରିବା ପର୍ଯ୍ୟନ୍ତ ସେଠାରେ ରଖାଯାଇଛି। ସେମାନେ ଦେଖି ସାରିଲା ପରେ ଚାଉଳ କୁ ନଷ୍ଟ କରାଯାଏ। କିନ୍ତୁ ସରପଞ୍ଚ ଏହାକୁ ନେଇ ରାଜନୀତି ନ କରନ୍ତୁ ବୋଲି କୁହାଯାଇଛି। ଆଗକୁ ଯଦି ନିଜ ସ୍ୱାର୍ଥ କୁ ଦୃଷ୍ଟି ରେ ରଖି ଏଭଳି ନିଷ୍ପତ୍ତି ନିଅନ୍ତି ଓ ସରପଞ୍ଚ ସ୍କୁଲ ଆଗରେ ଅନସନ କରି ପିଲାଙ୍କ ଭବିଷ୍ୟତ ସହିତ ଖେଳ ଖେଳିଲେ ଆଗାମୀ ଦିନରେ ଏହା ଉପରେ ଦୃଢ଼ ଜବାବ ଦିଆଯିବ ବୋଲି ଯୁବକ ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବଢୁଛି କୁକୁରଙ୍କ ପ୍ରାଦୁର୍ଭାବ

**ସୁବର୍ଣ୍ଣପୁର,୨।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ପୌରାଞ୍ଚଳରେ ପ୍ରାଣୀ ଧନ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ ବାଟବଣା ହୋଇଯାଇଛି। ଫଳରେ ସୋନପୁର ସହରରେ ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବଜାର ହାଟ ସାହି ଗଳିକନ୍ଦିରେ ଏମାନେ ଉତ୍ପାତ କରୁଛନ୍ତି। ବୁଲା କୁକୁର ମାନଙ୍କ ପାଇଁ ପ୍ରାୟ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଧନଜୀବନ କ୍ଷତି ହେଉଛି। ସହରର ଏହି କୁକୁରଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଯୋଜନା ଥିଲେ ମଧ୍ୟ ତାହା ସଫଳ ହେଉନାହିଁ। ପ୍ରାଣୀ ଧନ ଜନ୍ମ ନିୟନ୍ତ୍ରଣ କାର୍ଯ୍ୟକ୍ରମ କେବଳ ନାମକୁ ମାତ୍ର ଚାଲିଛି। ଏବିସି ଜରିଆରେ କୁକୁର ବନ୍ଧ୍ୟାକରଣ ଯୋଜନା ଏଠାରେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ପ୍ରତି ଗଳିକନ୍ଦିରେ ବୁଲା କୁକୁର ସମସ୍ୟା ଦେଖା ଦେଇଛି ।



ପୌରାଞ୍ଚଳ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ମାଳମାଳ ବୁଲା କୁକୁରଙ୍କ ପାଦୃରଭାବ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। କର୍ତ୍ତୃପକ୍ଷ କୁକୁର ଙ୍କ ବନ୍ଧ୍ୟାକରଣ କରୁନଥିବାରୁ ବଂଶ ବୃଦ୍ଧି ପାଉଛି। ଏଥିସହ ବୁଲାକୁକୁରଙ୍କୁ ସ୍ଥାନାନ୍ତରିତ ନିୟମଥିବା ସ୍ଥଳେ ତାହା କରାଯାଉନାହିଁ। ଯାହାଫଳରେ ବୁଲା କୁକୁରଙ୍କ ବଂଶ ବୃଦ୍ଧି ପାଇବାରେ ଲାଗିଛି। ବୁଲା କୁକୁରଙ୍କ କାମୁଡ଼ାରେ ଲୋକ ତ୍ରାହି ତ୍ରାହି ଡ଼ାକିଲେଣୀ, ବୁଲା କୁକୁର ଯୋଗୁଁ ବହୁ ଦୁର୍ଘଟଣା ମାନ ଘଟି ଧନଜୀବନ କ୍ଷତି ଘଟୁଛି। ଦିନ ବେଳା ୮ ରୁ ୯ ବୁଲା କୁକୁର ମେଳି ହୋଇ ଘୂରି ବୁଲୁଛନ୍ତି। ଏକୁଟିଆ ଛୋଟ ପିଲା ଦେଖି ଆକ୍ରମଣ କରୁଛନ୍ତି। ରାତ୍ର ସମୟରେ ବିଭିନ୍ନ ସାହି ବସ୍ତିରେ ୨୦ ରୁ ୨୨ ବୁଲା କୁକୁର ମେଳି ବାନ୍ଧି ଘୂରି ବୁଲୁଛନ୍ତି ତାଙ୍କ ଚିତ୍କାର ଅସହ୍ୟ ହୋଇ ପଡୁଅଛି। ଯାହା ଆଶା କରାଯାଉଛି ଭବିଷ୍ୟତରେ ବୁଲା କୁକୁରଙ୍କ ପୌରାଞ୍ଚଳ ପରିଣତ ହେବ। ବନ୍ଧ୍ୟାକରଣ ଓ ସ୍ଥାନାନ୍ତରିତ କରିବା ମୁନିସିପାଲିଟି, କର୍ପୋରେସନରେ ନିୟମ ରହିଛି କିନ୍ତୁ ଏହା କରାଯାଉ ନାହିଁ। ଫଳରେ ବୁଲା କୁକୁର ବଂଶ ବୃଦ୍ଧିପାଇବାରେ ସହାୟକରେ ଲାଗିଛି। ସ୍ୱଚ୍ଛ ଭାରତ, ସ୍ୱଚ୍ଛଓଡ଼ିଶା ରେ ଖୋଲା ମଳତ୍ୟାଗ ଉପରେ ଗୁରୁତ୍ୱ ଦିଆଯାଉଥିଲା ବେଳେ ପ୍ରତି ସକାଳୁ ସୋନପୁର ବଜାର ଓ ସାହି ବସ୍ତିରେ କୁଢ଼ କୁଢ଼ କୁକୁର ମଳ ଦେଖିବାକୁ ମିଳୁଛି।

## ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କ ମୃତ୍ୟୁ

**ଯାଜପୁର ରୋଡ଼,୨।୮(ସଂଚାର ବ୍ୟୁରୋ):** ବ୍ୟାସନଗର ପୌରାଅଞ୍ଚଳ ସହର ସ୍ଥିତ ଗୋପବନ୍ଧୁ ଛକ ନିକଟସ୍ଥ ଯାଜପୁର ରୋଡ଼ ରେଳଷ୍ଟେସନ, ବସଷ୍ଟାଣ୍ଡ ରୋଡ଼ ଠାରେ ଥିବା ସଚେତନ ନିଶା ନିବାରଣ କେନ୍ଦ୍ରରେ ଆଜି ଜଣେ ଯୁବକର ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତ୍ୟୁ ବରଣ କରିଥିବା ଯୁବକ ଆନନ୍ଦପୁର ଥାନା ଅନ୍ତର୍ଗତ ଫକିରପୁର ଗ୍ରାମର ସୁଦାମ ମଲ୍ଲିକଙ୍କ ପୁଅ ଜିବନ ମଲ୍ଲିକ (୨୫) ବୋଲି ଜଣାପଡ଼ିଛି। ଖବର ପାଇ ଘଟଣା ସ୍ଥଳରେ ଯାଜପୁର ରୋଡ଼ ଥାନା ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁ ପହଂଚି ତଦନ୍ତ ଆରମ୍ଭ କରିଛନ୍ତି। ପରିବାର ଲୋକଙ୍କ ପକ୍ଷରୁ



ନିଶା ନିବାରଣ କେନ୍ଦ୍ରରେ ଜିବନକୁ ମାରିଦେଇଥିବା ନେଇ ଅଭିଯୋଗ କରାଯାଇଛି। ତେବେ ପ୍ରଶାସନ ଉଚିତ୍ ନ୍ୟାୟ ପ୍ରଦାନ କରିବା ପାଇଁ ପରିବାରବର୍ଗଙ୍କ ପକ୍ଷରୁ ପ୍ରାର୍ଥନା କରାଯାଇଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା



**ସୁବର୍ଣ୍ଣପୁର,୨।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ପରିଚାଳନା ସମିତି ସଭାପତି ମାନନୀୟ ମାନଗୋବିନ୍ଦ ମେହେର ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ବିଶ୍ୱନାଥ ବଡ଼ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ।ବିଭିନ୍ନ ବର୍ଗରେ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ, ନିବନ୍ଧ ଲିଖନ, କଥା କଥନ, ମୂର୍ତ୍ତିକଳା ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାରେ ମୋଟ ୮୭ ଜଣ ଭାଇଭଉଣୀ ଭାଗ ନେଇଥିଲେ। ଉଦଯାପନୀ ଉତ୍ସବରେ ପରିଚାଳନା ସମିତିର ପୂର୍ବତନ ସଭାପତି ଶଶିଭୂଷଣ ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରିଚାଳନା ସମିତିର ସଭାପତି ମାନଗୋବିନ୍ଦ ମେହେର, ସମ୍ପାଦକ ଗୌରବ କୁମାର ପାଢ଼ୀ, ଶୈକ୍ଷିକ ପରାମର୍ଶଦାତା ମହେଶ ବଡ଼ପଣ୍ଡା ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ବିଜ୍ଞାନ ପ୍ରମୁଖ ପ୍ରମୋଦ ବିଶିଙ୍କ ମାର୍ଗଦର୍ଶନରେ ସମସ୍ତ ଗୁରୁଜୀ ଗୁରୁମା ସହଯୋଗ କରିଥିଲେ। ରବୀନ୍ଦ୍ର ଗୁରୁଜୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ମହେନ୍ଦ୍ର ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ସେବକ ସେବିକା ସହଯୋଗ କରିଥିଲେ।

## ଟ୍ରକ୍‌କୁ ପଛରୁ ପିଟିଲା ଭ୍ୟାନ୍: ୧୩ ଯବାନ ଆହତ

**ଅନୁଗୋଳ,୨।୮(ସଂଚାର ବ୍ୟୁରୋ):** ଅନୁଗୋଳ ଜିଲା ଏନଏଚ ୫୫ ଜରପଡ଼ା ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏଠାରେ ଯବାନଙ୍କୁ ନେଇ ଯାଉଥିବା ଭ୍ୟାନ୍ ଟ୍ରକ୍‌କୁ ପଛରୁ ଧକ୍କା ଦେଇଛି। ଦୁର୍ଘଟଣାରେ ୧୩ ଯବାନ ଆହତ ହୋଇଛନ୍ତି। ଓଏସଏପି ସେକେଣ୍ଡ ବାଟାଲିଅନ ଯବାନଙ୍କୁ ଭ୍ୟାନଟି ନେଇ ଯାଉଥିଲା। ଝାରସୁଗୁଡ଼ାରୁ ଭୁବନେଶ୍ୱର ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ଆହତ ୧୩ ଜଣଙ୍କ ମଧ୍ୟରୁ ୭ ଗୁରୁତର ଥିବା ଜଣାପଡିଛି। ୨ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।



## ଅବ୍ୟବସ୍ଥା ଘେରରେ କେର୍ଣ୍ଡାପଲା, ପ୍ରାକ୍ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି ଶିଶୁ



**କର୍ଲାମୁଣ୍ଡା,୨।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରମହକୁମାଠାରୁ ୨୦ କିମି ଦୂରରେ ଅବସ୍ଥିତ ବୋରାପଦର ପଞ୍ଚାୟତର କେର୍ଣ୍ଡାପଲା ଗାଁ। ୩୫ ପରିବାର ବିଶିଷ୍ଟ ଏହି ଗାଁରେ ୧୦୫ ଜଣ ମହିଳା ପୁରୁଷ ରହିଛନ୍ତି। ୨୦୨୦ରେ ଗାଁରେ ଥିବା ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବାରୁ ବିଦ୍ୟାଳୟକୁ ସରକାର ବନ୍ଦ କରିଦେଲେ। ଫଳରେ ଏହି ଗାଁର ଛାତ୍ରୀଛାତ୍ର ୨ କିମି ଦୂରରେ ଥିବା ମ. ରାମପୁର ବ୍ଲକ୍ ଟୁର୍ଚ୍ଚି ବିଦ୍ୟାଳୟରେ ପାଠ ପଢୁଛନ୍ତି। ଏହା ବ୍ୟତୀତ ଜନସଂଖ୍ୟା କମ୍ କାରଣର କେର୍ଣ୍ଡାପଲା,ବତୀକୁପା ଓ ପୁରଗୁଡିପଦର ପାଇଁ ବତୀକୁପା ଗାଁରେ ରହିଛି ଅଙ୍ଗନଓ୍ୱାଡ଼ି କେନ୍ଦ୍ର। ଯାହା ଦ୍ୱାରା ଛୋଟଛୋଟ ଶିଶୁମାନେ ପ୍ରାକ୍ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହି ଗାଁକୁ ଯିବାକୁ ହେଲେ ମ.ରାମପୁର ବ୍ଲକର ଟୁର୍ଚ୍ଚିଠାରୁ ୨ କିମି ଅତିକ୍ରମ କଲାପରେ କେର୍ଣ୍ଡାପଲା ଗାଁ ପଡ଼ିଥାଏ। ଏଣୁ ଉକ୍ତ ଗ୍ରାମରେ ଅଙ୍ଗନଓ୍ୱାଡ଼ି କେନ୍ଦ୍ର ସ୍ଥାପନ କରିବା ଓ ପ୍ରାଥମିକ ବିଦ୍ୟାଳୟକୁ ପୁଣିଥରେ ଖୋଲିବା ପାଇଁ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏନେଇ କର୍ଲାମୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ବାଞ୍ଛାନିଧି ପଣ୍ଡାଙ୍କୁ ପଚାରିବାରୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ତଥା ଭୌଗୋଳିକ ଦୃଷ୍ଟି କୋଣରୁ ସ୍କୁଲର ଆବଶ୍ୟକ ଥିବ ଯଦି ଆମେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିବୁ ବୋଲି କହିଛନ୍ତି। ଠିକ୍ ସେହିପରି ସମ୍ପୃକ୍ତ ଶିଶୁ ବିକାଶ ଅଧିକାରିଣୀ (ସିଡିପିଓ) କଳ୍ପଲତା ତ୍ରିପାଠୀଙ୍କୁ ପଚାରିବାରୁ ଗାଁରେ କେନ୍ଦ୍ର ହେବା ପାଇଁ ଆବଶ୍ୟକ ଜନ ସଂଖ୍ୟା ନ ଥିବା କାରଣରୁ ଅଙ୍ଗନଓ୍ୱାଡି କେନ୍ଦ୍ର ଖୋଲିବା ସମ୍ଭବପର ହେଉନାହିଁ। ତଥାପି ମୁଁ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବି ବୋଲି କହିଛନ୍ତି।

## ଶବ୍ଦ ପ୍ରଦୂଷଣ କରି ୧୭ ବାଇକ୍ ଚାଳକ ଗଣିଲେ ମୋଟା ଅଙ୍କର ଫାଇନ୍

**ବରଗଡ଼,୨।୮(ସଂଚାର ବ୍ୟୁରୋ):** ଅନଧିକୃତ ସାଇଲେନ୍ସର ଲଗାଇଥିବା ବାଇକ୍ ଚାଳକଙ୍କ ଉପରେ ବରଗଡ଼ ପୋଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଏହି କ୍ରମରେ ହୋଇଥିବା ସ୍ୱତନ୍ତ୍ର ଅଭିଯାନରେ ବରଗଡ଼ ଟାଉନ ଥାନା ପୋଲିସ ଶୁକ୍ରବାର ୧୭ ବାଇକ୍‌ଚାଳକଙ୍କଠାରୁ ୭୫ହଜାର ଟଙ୍କା ଫାଇନ ଆଦାୟ କରିଛି। ଅନଧିକୃତ ସାଇଲେନ୍ସର ଯୋଗୁ ଶବ୍ଦ ପ୍ରଦୂଷଣ ହେଉଥିବା ଦର୍ଶାଇ ପୋଲିସ ଏହି ଅଭିଯାନ ଚଳାଇଛି।ନିଜର ଯାନବାହନରେ ଅଧିକୃତ ସାଇଲେନ୍ସର ଲଗାଇବା ପାଇଁ ବରଗଡ଼ ପୋଲିସ ଜନସାଧାରଣଙ୍କୁ ଅନୁରୋଧ କରିଛି।




### ଗାଁକୁ ଚାରିପଟୁ ଘେରି ରହିଛି ନଦୀ

# ଅଭିଭାବକଙ୍କ ସାହାଯ୍ୟରେ ନଦୀ ପାର୍ ହେଉଛନ୍ତି ପିଲା

**କୋରାପୁଟ,୨।୮(ସଂଚାର ବ୍ୟୁରୋ):** ପାଦେ ଘୁଞ୍ଚିଲେ ବିପଦ ହିଁ ବିପଦ। ପାଣି ବଢ଼ିଲେ କଥା ସରିଲା । ଗୋଟିଏ ପଟ ଅନ୍ଧାରୀ ନଦୀ ଅନ୍ୟପଟେ ମୁରାନ ନଦୀ । ଗାଁକୁ ଚାରି ଆଡ଼େ ଘେରି ରହିଛି ଦୁଇଟି ନଦୀ । ଆଉ ନଦୀ ଆରପଟେ ଦୈନନ୍ଦିନ କାର୍ଯ୍ୟ । କୁନିକୁନି ପିଲାଙ୍କ ପାଠପଢ଼ାରେ ବାଧକ ସାଜୁଛି ଅନ୍ଧାରୀ ନଦୀ । ସ୍କୁଲ ହେଉ କି ମେଡିକାଲ୍। ଚାଷବାସ ହେଉ ବା ଦୋକାନ ବଜାର। ନଦୀ ପାର ହେଲେ ହିଁ ସବୁ ସୁବିଧା ମିଳିଥାଏ । ଆଗାମୀ ଦିନର ଭବିଷ୍ୟତମାନେ ଅଭିଭାବକଙ୍କ ସାହାଯ୍ୟରେ ନଦୀ ପାର ହେଉଛନ୍ତି । ଏଠି ନଦୀ ବଢ଼ିଲେ ବଢ଼ି ଯାଏ ଲୋକଙ୍କ ସମସ୍ୟା । ନଦୀ ଏପଟ ସେପଟ ନଯାଇ ପାରି ନିଜର ଭାଗ୍ୟକୁ ଆଦରି ରହିଯାଆନ୍ତି। ୨୫ ବର୍ଷର ସ୍ଥିର ସରକାର ଗଲା ଏବେ ନୂଆ ସରକାର ଆସିଲେ । ତଥାପି ବଦଳୁନି କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତର ସିସକୁଡ଼ି, ଶିସ୍କୁଡ଼ୀ ଗାଁର ଏହି ଘଟଣା । ବର୍ଷ ବର୍ଷ ଧରି ସମସ୍ୟାରେ ଉବୁଟୁବୁ ଗ୍ରାମବାସୀ। ପଞ୍ଚାୟତ, ବ୍ଲକ,



ଜିଲ୍ଲାକୁ ଗୁହାରି କରିକରି ନଯାନ୍ତ ଲୋକେ। ତଥାପି ହୋଇପାରୁନି ସମସ୍ୟାର ସମାଧାନ । ନେତା ମନ୍ତ୍ରୀଙ୍କ ମାଳ ମାଳ ପ୍ରତିଶ୍ରୁତି ପରେ ଏବେ ଭରସା କେବଳ ବର୍ତ୍ତମାନର ବର୍ଷକର ନୂତନ ସରକାର। ନୂଆ ସରକାର ଆସିବା ପରେ ସମସ୍ୟା ର ସମାଧାନ ହେବା ଆଶା କରିଥିବା ଗ୍ରାମବାସୀ ଙ୍କ ସମସ୍ୟା କେବେ ଦୂର ହେବ ତାକୁ ହିଁ ଅପେକ୍ଷା। ଭରା ନଦୀରେ ବାଜିରେ ଲାଗିଛି ଜୀବନ । ଗାଁକୁ ରାସ୍ତାଟିଏ ନଥିବାରୁ ବର୍ଷା ୪ ମାସ ଲୋକମାନେ ଏଭଳି ହଇରାଣ ହେଉଛନ୍ତି । ରାସନ ଚାଉଳ ପାଇଁ ଲୋକଙ୍କୁ ନଦୀ ପାର ହୋଇ ଯିବାକୁ ପଡୁଛି। କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ବଡଖମଣ ଗାଁରୁ ଆସିଛି ଏଭଳି ଚିତ୍ର । ବଡଖମଣ ଗାଁକୁ ବାଟ ଓଗାଳିଛି ସମାକୋଇ ନଦୀ। ନଦୀରେ ପୋଲ ନଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଅନ୍ୟ ଦିନରେ ପାଦ ଚଲା ରାସ୍ତାରେ କାମ ଚଳାଇଥାନ୍ତି ଲୋକେ । ହେଲେ ବର୍ଷା ୪ ମାସ ଗାଁ ଚାରିପଟେ ସମାକୋଇ ନଦୀ ଘେରି ରହିଥିବାରୁ ଜଳବନ୍ଦୀ ଅବସ୍ଥାରେ ରହୁଛନ୍ତି। ଗର୍ଭବତୀ ମହିଳାଙ୍କଠାରୁ ଆରମ୍ଭ କରି ଗୁରୁତର ରୋଗୀମାନଙ୍କୁ ଡାକ୍ତରଖାନା ନେବା କାଠିକର ପାଠ ହେଉଛି। ରୋଗୀଙ୍କୁ ଖଟିଆରେ ବୋହି ନଦୀ ପାର କରାଇଥାନ୍ତି ଗ୍ରାମବାସୀ। ନଦୀର ଜଳସ୍ତର ବୃଦ୍ଧି ହେଲେ ଗର୍ଭବତୀ ମହିଳା ଓ ଗୁରୁତର ରୋଗୀ ଭଗବାନଙ୍କ ଭରସାରେ ରହିଥାନ୍ତି। ସେହିଭଳି ପଞ୍ଚାୟତରୁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ ନେବାପାଇଁ ମଧ୍ୟ ଲୋକଙ୍କୁ ସମାକୋଇ ନଦୀ ପାର ହେବାକୁ ପଡ଼ିଥାଏ । ଗାଁର ଦୁଇଟି ସାହିରେ ୧୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ହେଲେ ରାସ୍ତା ଘାଟର ସୁବିଧା ସେମାନଙ୍କ ନିକଟରେ ଅପହଞ୍ଚ ହୋଇପଡିଛି ।

## ରଘୁନାଥ ଉଚ୍ଚ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ

● ଭଦ୍ର ତଥା ବିନୟୀ ହେବା ପାଇଁ ପରାମର୍ଶ



**ବୈଶିଙ୍ଗା,୨।୮(ସଂଚାର ବ୍ୟୁରୋ):** ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ମାର୍ଗଦର୍ଶନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀ ଅତୁଲ କୁମାର ମିଶ୍ର ଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ସ୍ୱାଗତ ଅଭିଭାଷଣ ପ୍ରଦାନ ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶ୍ରୀ ରାଜକିଶୋର ଦାସ, ନିରଞ୍ଜନ ବାରିକ୍, ତରିଣୀ କାନ୍ତ ମହାନ୍ତ, ବଂଶୀଧର ଗିରି, ଶୁଭାଶିଷ ପଣ୍ଡା ଓ ଶୁଭବନ୍ତ ନାୟକ ଯୋଗଦାନ କରି ଉପସ୍ଥିତ ଛାତ୍ର ଛାତ୍ରୀ ମାନଙ୍କୁ ଭଲ ମଣିଷ ହେବା ସହ ସୁସ୍ଥ ସମାଜ ଗଠନ ଦିଗରେ ନିଜକୁ କିପରି ସାମିଲ କରିବେ ସେ ସମ୍ପର୍କରେ ବହୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଭଦ୍ର ଓ ବିନୟୀ ହେବା ସହିତ ପିତାମାତା ତଥା ଗୁରୁଜନଙ୍କ ପ୍ରତି ଭକ୍ତିଭାବ ରଖି ଆଗେଇ ଚାଲିବାକୁ କହିଥିଲେ। ନବାଗତ ଛାତ୍ରଛାତ୍ରୀ ମାନେ ନିଜ ନିଜର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ତରଫରୁ ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇ ଥିଲା।




# ଡାଇବେଟିସରେ ପାଦକୁ ମୁହଁ ଭଳି ଯତ୍ନ ଜରୁରି

**ମୋଟାପଣ, ଖରାପ ଜୀବନଶୈଳୀ, ପରିବର୍ତ୍ତିତ ଖାଦ୍ୟଶୈଳୀ, ଚିନ୍ତା, ଅନିଦ୍ରା ଆଦି କାରଣରୁ ମଧୁମେହ ରୋଗ ହୋଇଥାଏ। ଏହାଦ୍ୱାରା ଶରୀରରେ ଇନ୍ସୁଲିନ୍ ଓ ରକ୍ତ ଶର୍କରା ଉପଯୋଗ ହେବାକୁ ଅସମର୍ଥ ହୋଇଥାଏ। ଯଦିଓ ଅନେକ କ୍ଷେତ୍ରରେ ବଂଶଗତ କାରଣରୁ ହୋଇଥାଏ। ହେଲେ ମଧୁମେହ ଜନିତ ଗୋଡ଼ରେ ଘା' ଜଟିଳ ସମସ୍ୟା ଉପୁଜାଏ। ରୋଗୀର ଗୋଡ଼ରେ ସାମାନ୍ୟ ଘା' ହୋଇ ଏହା ସଂକ୍ରମିତ ହେବାକୁ ଲାଗେ। ଘା' ଆଦୌ ଶୁଖୁ ନଥôବାରୁ ବେଳେ ବେଳେ ରୋଗୀଙ୍କ ଗୋଡ଼ କାଟିବାକୁ ପଡ଼େ। ତେଣୁ ଏପରି ସମସ୍ୟା କେଉଁ ପରିସ୍ଥିତିରେ, କେଉଁ ରୂପରେ ହୋଇଥାଏ, ଏହାର ଚିକିତ୍ସା କିପରି କରାଯାଇପାରିବ ଆସନ୍ତୁ ଜାଣିବା।**



### ମଧୁମେହ ସହ ପାଦ ଘା'ର ସମ୍ପର୍କ

ମଧୁମେହ ଦୀର୍ଘ ଦିନ ରହି ରକ୍ତ ସର୍କରା ନିୟନ୍ତ୍ରଣରେ ନ ରହିଲେଗୋଡ଼କୁ ରକ୍ତ ସଞ୍ଚାଳନ କମିଯାଏ। ଧମନୀ ଆଦିରେ ସମସ୍ୟା ହେବା ଯୋଗୁଁ ୫୦ରୁ ୬୦ ପ୍ରତିଶତ ଲୋକଙ୍କ ଶରୀରରେ ଛୋଟ ଘା' ହୋଇଥାଏ। ପାଦର ସଠିକ୍ ଯତ୍ନ ନ ନେଲେ ଏହି ଘା' ଗମ୍ଭୀର ରୂପ ନେଇ ଆଦୌ ଶୁଖେନାହିଁ। ଏଥôରେ ଡାଇବେଟିକ୍ ନ୍ୟୁରୋପାଥି (ସ୍ନାୟୁଗତ ରୋଗ)ହୁଏ, ଖଣ୍ଡିଆ ହେଲେ ସଂକ୍ରମଣ ବଢ଼ି ବଢ଼ିଯାଏ। ପରବର୍ତ୍ତୀ ସମୟରେ ଜଟିଳ ପରିସ୍ଥିତି ସୃଷ୍ଟି ହେଉଥôବାରୁ ଗୋଡ଼କୁ ମଧ କାଟିବାକୁ ହୁଏ। ତେଣୁ ୮/୧୦ ବର୍ଷ ଧରି ଯଦି ମଧୁମେହ ଲାଗି ରହିଥôଲେ, ସର୍ବଦା ରକ୍ତ ଶର୍କରାକୁ ନିୟନ୍ତ୍ରଣରେ ରଖôବା ସହ ଖାଦ୍ୟପେୟ ଉପରେ ବିଶେଷ ଗୁରୁତ୍ୱ ଦେବା ଦରକାର।

### ପାଦରେ ଘା': ପୂର୍ବ ଓ ପରର ସତର୍କତା

ଶର୍କରା ନିୟନ୍ତ୍ରଣରେ ନ ରହିବା, ଚମଡ଼ା ଛାଡ଼ିଯିବା, ଗୋଡ଼ର ରଙ୍ଗରେ ପରିବର୍ତ୍ତନ, ଗୋଡ଼ ଝିମ୍ଝିମ୍ ଲାଗିବା, କାଦୁଅ ବା ବାଲି ମାରିବା ପରି ଲାଗିବା, ପାଦରେ ସମ୍ବେଦନଶୀଳତା କମ୍ ହେବା, ଚାଲିବା ଦ୍ୱାରା ପାଦରେ ଯନ୍ତ୍ରଣା ଆଦି ଦେଖାଯିବା ଭଳି ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କୁ ଦେଖାଇବା ଦରକାର। ପରୀକ୍ଷାନିରୀକ୍ଷା କରି ରାତିରେ ଗୋଡ଼ ଧୋଇବା ପରେ ଗୋଡ଼କୁ ଶୁଖôଲା ନ ରଖôବାକୁ ମଏଶ୍ଚରାଇଜର ଲଗାନ୍ତୁ। ଗୋଡ଼ରେ ସାମାନ୍ୟ ଘା' ହେଉଥôଲେ ଯତ୍ନ ନିଅନ୍ତୁ। ନଚେତ୍ ଘା' ଜଟିଳ ହୋଇ ପ୍ଲାଷ୍ଟିକ୍ ସର୍ଜରୀ କରିବା ସହ ଆଣ୍ଟିବାୟୋଟିକ୍ ଖାଇବାକୁ ହୁଏ। ସେହିପରି ରକ୍ତ ସଞ୍ଚାଳନ ହେଉଛି କି ନାହିଁ ଓ ସ୍ନାୟୁ ସଠିକ୍ କାମ କରୁଛି କି ନାହିଁ ତାହାକୁ ନିୟମିତ ପରୀକ୍ଷା କରିବା ଦରକାର। ଗୋଡ଼ର ଏଲାଇନ୍ମେଣ୍ଟ ଠିକ୍ ଅଛି କି ନାହିଁ ତାକୁ ପରଖିବା ଆବଶ୍ୟକ। ଅଧିକ କାର୍ବୋହାଇଡ୍ରେଟ୍ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଗୋଡ଼ରେ ଗରମ ଶେକ ଦିଅନ୍ତୁ ନାହିଁ। ଗୋଡ଼ରେ ଘା' ଅଧିକ ଦିନ ରହିଲେ ଡପ୍ଲାର୍ କରାଯାଏ। ଉପଯୁକ୍ତ ପରୀକ୍ଷାନିରୀକ୍ଷା ଦ୍ୱାରା ରୋଗ ଉପଶମ କରିହେବ। ଅଧିକ ଓଜନ କିମ୍ବା ମେଦବହୁଳ ଥôଲେ କମାନ୍ତୁ।

### ପାଦ ଘା'ର ପ୍ରକାରଭେଦ

ଫୁଟ୍ ଅଲସର ବିଭିନ୍ନ ପ୍ରକାର ରହିଛି। ଯେମିତିକି ଘା' ହେଲେ, ସାମାନ୍ୟ ଚମଡ଼ା ଛାଡ଼ିବାଠାରୁ ଆରମ୍ଭ କରି ସଂକ୍ରମଣ ହୋଇଥାଏ। ଆଙ୍ଗୁଠି ସନ୍ଧିରେ ଫଙ୍ଗାଲ ସଂକ୍ରମଣ ହୋଇ ବ୍ୟାକ୍ଟେରିଆଲ ଫଙ୍ଗାଲ ରୂପ ନିଏ। ରକ୍ତ ସଞ୍ଚାଳନ ହୋଇ ନ ପାରି ନଖ କିମ୍ବା ଆଙ୍ଗୁଠି ପଚି ଯାଉଥôବାରୁ ଗୋଡ଼ କାଟିବାକୁ ପଡ଼େ। ତେଣୁ ମଧୁମେହ ରୋଗୀଙ୍କ ଗୋଡ଼ରେ ଘା' ହେବା ପୂର୍ବରୁ ଲାଲ୍ ପଡ଼ିବା ପରି ଲକ୍ଷଣ ଦେଖାଦେଲେ ତୁରନ୍ତ ଏହାର ଉପଚାର କରନ୍ତୁ।

### 'ପାଦ ଘା'ର ଘରୋଇ ଉପଚାର

ପ୍ରତିଟି ଘା'ର ଘରୋଇ ଉପଚାର ରହିଛି। ପ୍ରତିଦିନ ମୁହଁ ପରି ପାଦର ଯତ୍ନ ନେବାକୁ ହୁଏ। ଚମଡ଼ା ଛାଡ଼ିଥôଲେ, ଲାଲ୍ ପଡ଼ିଥôଲେ, କି ଆଙ୍ଗୁଠି ସନ୍ଧିରେ ଧଳା ଧଳା ଫଙ୍ଗାଲ ଇନ୍ଫେକସନ୍ ହୋଇଥôଲେ, ଏହାକୁ ସଫା କରନ୍ତୁ। ଶର୍କରା ନିୟନ୍ତ୍ରଣ କରି ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଗୋଡ଼ରେ ରକ୍ତ ସଞ୍ଚାଳନ ହେଉଛି କି ନାହିଁ, ପାଦରେ ହାଡ଼ ଠିକ୍ ଅଛି କି ନାହିଁ, ପରୀକ୍ଷା କରନ୍ତୁ। ସୁଗାର ନିୟନ୍ତ୍ରଣ ପାଇଁ ଡାଏଟ୍ମେଣ୍ଟେନ କରନ୍ତୁ। ବାହାରୁ ଘରକୁ ଆସିବା ପରେ ଗୋଡ଼କୁ ସଫା କରନ୍ତୁ। ଖାଲି ପାଦରେ ଚାଲନ୍ତୁ ନାହିଁ। ଉଷୁମ ପାଣିରେ ଗୋଡ଼କୁ ସଫା କରି ମଏଶ୍ଚରାଇଜର ଲଗାନ୍ତୁ। ଅଯଥା ଆଣ୍ଟିବାୟୋଟିକ୍ ନ ଖାଇ ଖରୋଇ ସୁଷମ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ମୋଟାମୋଟି ଭାବେ ମଧୁମେହ ରୋଗୀଙ୍କ ପାଦରେ ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା କରିବା ।

ବରିଷ୍ଠ ଡା ଶ୍ରୀକାନ୍ତ କୁମାର ଧର

## ଦାନ୍ତ ଇନେମଲକୁ ନଷ୍ଟ କରେ ବରଫ



କୋଲଡ୍ରିଙ୍କ୍ସ, ପାଣି, ରାସ୍ତାକଡ଼ରେ ଠେଲାରେ ମିଳୁଥିବା ଜୁସ୍, ଲେମ୍ବୁପାଣି, ଆଖୁରସ ଆଦିକୁ ଅଧିକ ଥଣ୍ଡା କରିବାକୁ ଏହା ଭିତରେ ଆଇସକ୍ୟୁବ୍ ପକାଯାଇଥାଏ। ପ୍ରାୟତଃ ଏହି ବରଫ ଖଣ୍ଡ ଚୋବାଇବାକୁ ପସନ୍ଦ କରନ୍ତି। କିଛି ଜଣ ଗରମରୁ ନିସ୍ତାର ପାଇବା ପାଇଁ ମୁହଁରେ ଆଇସ୍ କ୍ୟୁବ୍ ରଖି ଚୋବାଇବାକୁ ଗୁରୁତ୍ୱ ଦେଉଛନ୍ତି। ହେଲେ କଞ୍ଚା ବରଫ ଖଣ୍ଡ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିବା ସହ ଏହା ଦାନ୍ତ ପାଇଁ ବେଶ୍ କ୍ଷତିକାରକ। କାରଣ କଞ୍ଚାବରଫତ ଅଶୁଦ୍ଧ ପାଣିରୁ ବନାଯାଉଥିବାରୁ ଏଥିରେ କୋଲି, ବ୍ୟାକ୍ଟେରିଆ, ନୋରୋଭୂତାଣୁ ଆଦି ରହିଥାଏ। ତେଣୁ ଏହି ବରଫ ଖଣ୍ଡ ଚୋବାଇବା ଦ୍ୱାରା ଦାନ୍ତ ଭାଙ୍ଗିବା ସହିତ ଦାନ୍ତର ଇନେମଲ (ଦାନ୍ତର ଉପର ପରତ) ଖରାପ ହେବାର ଅଧିକ ଆଶଙ୍କା ଥାଏ। ସେନସନ ସହିତ ଜଡିତ ସମସ୍ୟା ସୃଷ୍ଟି ସହ ଦାନ୍ତରେ ଯନ୍ତ୍ରଣା ସୃଷ୍ଟି ହୁଏ। ଆମେରିକାନ ଡେଣ୍ଟାଲ ଆସୋସିଏଶନ ପ୍ରବକ୍ତା ଏବଂ ଦନ୍ତ ଚିକିତ୍ସକ ଡା.ରୁପାଲି କୁଲକର୍ଣ୍ଣିଙ୍କ ମତରେ ଆଇସ୍ କ୍ୟୁବ କିମ୍ବା କଞ୍ଚା ବରଫ ପ୍ରାୟତଃ ଦାନ୍ତର ଇନେମଲକୁ ଖରାପ କରି ଏହାକୁ ଅଚଳ କରିବା ସହ ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଦାନ୍ତ ପାଇଁ କଞ୍ଚାବରଫ କ୍ଷତିକାରକ ହୋଇଥିବାରୁ ଏହାକୁ ଖାଇବାରୁ ଦୂରେଇ ରହିବା ଉଚିତ।

## ଗୁଡ୍ ଷ୍ଟ୍ରେସ୍



ଚିନ୍ତା ସ୍ୱାସ୍ଥ୍ୟ ପାଇଁ ହାନିକାରକ, ହେଲେ ଗୁଡ୍ ଷ୍ଟ୍ରେସ୍ ମାନସିକ ଓ ଶାରୀରିକ ଏବଂ ଭାବନାତ୍ମକ ସ୍ୱାସ୍ଥ୍ୟ ପାଇଁ ହିତକର। ଏହା ଏକ ପ୍ରକାର ଚିନ୍ତା, ଯାହା ଅଧିକ ଉତ୍ସାହିତ ହେବା ଦ୍ୱାରା ଅନୁଭୂତି ହୋଇଥାଏ। ହର୍ମୋନ ବୃଦ୍ଧି ପାଏ। ଗୁଡ ଷ୍ଟ୍ରେସକୁ ଡାକ୍ତରୀ ଭାଷାରେ 'ୟୁଷ୍ଟ୍ରେସ୍' କୁହାଯାଏ। ଏହା କାର୍ଯ୍ୟକରିବା କ୍ଷମତାକୁ ବୃଦ୍ଧି କରି ସକାରାତ୍ମକ ପ୍ରଭାବ ପକାଇଥାଏ। ସାଧାରଣତଃ ଫ୍ୟାମିଲି ପ୍ଲାନିଂ, କୌଣସି ନୂଆ ବ୍ୟକ୍ତିଙ୍କ ସହ ଡେଟରେ ଯିବା, ପ୍ରମୋସନ କିମ୍ବା ନୂଆ ଚାକିରି ପାଇଁ ଏହି ଗୁଡ୍ଷ୍ଟ୍ରେସର କାରଣ ହୋଇଥାଏ।

ଗୁଡ୍ ଷ୍ଟ୍ରେସ୍ କାରଣରୁ ସ୍ମରଣଶକ୍ତି ବୃଦ୍ଧିପାଇଥାଏ। ଏହା ଜଣେ ବ୍ୟକ୍ତିର ଦକ୍ଷତା ଓ କ୍ଷମତାକୁ ବୁଝିବାରେ ସହାୟକ ହୁଏ। ଦୁଃଶ୍ଚିନ୍ତା ରୋଗପ୍ରତିରୋଧ ଶକ୍ତିକୁ ପ୍ରଭାବିତ କରୁଥିବାବେଳେ, ଗୁଡ ଷ୍ଟ୍ରେସ୍ ଶରୀରର ରୋଗପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ। ଏହା ଶରୀରକୁ ଶକ୍ତି ଯୋଗାଏ। କେବଳ ସେତିକି ନୁହେଁ, ଗୁଡ ଷ୍ଟ୍ରେସରେ ନ୍ୟୁରୋଟ୍ରଫିନ୍ ନାମକ ରାସାୟନିକ ଉତ୍ପାଦନ ଉତ୍ତେଜିତ ହେଉଥିବାରୁ ଏହା ମସ୍ତିଷ୍କରେ ନ୍ୟୁରନ୍ସ ମଧ୍ୟରେ ସଂଯୋଜକୁ ମଜଭୁତ କରେ। ତେଣୁ ଏହା ମନ ଉପରେ ସକାରାତ୍ମକ ପ୍ରଭାବ ପକାଏ। ଗୁଡ୍ଷ୍ଟ୍ରେ ସ ଦ୍ୱାରା ଯେକୌଣସି କାମକୁ ଅଧିକ ପ୍ରଭାବୀ ରୂପେ କରିବାକୁ ଉତ୍ସାହିତ କରିଥାଏ।

## ଗରମ ପ୍ରଭାବରୁ ଆଖି ସଂକ୍ରମଣ

ଗରମ ଦିନେ ଆଖିରେ ଜଳାପୋଡ଼ା, ଏଲାର୍ଜି ଏବଂ ଆଖି ସଂକ୍ରମଣ ମାମଲା ଲଗାତାର ହୋଇଥାଏ। ଅଧିକାଂଶ ଆଖି ସଂକମ୍ରଣକୁ ଅଣଦେଖା କରନ୍ତି। ହେଲେ ବାସ୍ତବରେ ଆଖିର ସଠିକ୍ ଯତ୍ନ ନନେବା ଦ୍ୱାରା ଦୃଷ୍ଟିଶକ୍ତି ହ୍ରାସ ପାଇବାର ଅଧିକ ଆଶଙ୍କା ରହିଥାଏ। ତେଣୁ ଅଧିକ ତାପମାତ୍ରା ସମୟରେ ସ୍ୱାସ୍ଥ୍ୟ ପରି ଆଖିକୁ ଧୂଳି, ମାଟି ଆଦିଠାରୁ ଦୂରେଇ ରଖିବା ସହ ଦେଖାଶୁଣା କରିବା ଉଚିତ। ସାଧାରଣତଃ ଆଇ ଫ୍ଲ୍ୟୁରେ ଗ୍ରସିତ ଲୋକଙ୍କ ସହିତ ହାତ ମିଶାଇବା ଏବଂ ଅଧୁଆ ହାତରେ ଆଖିକୁ ବାରମ୍ବାର ମଳିବା, ସଂକ୍ରମିତ ବ୍ୟକ୍ତିଙ୍କ କପଡ଼ା କିମ୍ବା ରୁମାଲ ବ୍ୟବହାର କରିବା ଦ୍ୱାରା ଆଖି ସଂକ୍ରମିତ ହୋଇଥାଏ। ତେଣୁ ଆଇ ଫ୍ଲୁରେ ସଂକ୍ରମିତ ହେବା ପରେ ପ୍ରଥମେ ଆଖି ଲାଲ୍ ପଡ଼ିବା, ଆଖି କୁଣ୍ଡାଇବା ସହ ଜଳାପୋଡ଼ା ହେବା ଏକ ସାମାନ୍ୟ ଲକ୍ଷଣ। ଏଲାର୍ଜି କିମ୍ବା ସଂକମ୍ରଣ କାରଣରୁ ଏପରି ହୋଇଥାଏ। ଆଖିରୁ ବାରମ୍ବାର ପାଣି ବାହାରିବା, ଆଖି ଓଦା ଓ ଚିପ୍ଚିପା ଲାଗିବା, ଆଖିରୁ ହଳଦିଆ ପାଣି ବାହାରିବା, ସ୍ପଷ୍ଟ ଭାବେ କିଛି ଦେଖି ନ ପାରିବା, ଆଖି ଫୁଲିବା ସହ ଯନ୍ତ୍ରଣା ହେବା, ସକାଳୁ ଉଠିବା ପରେ ଆଖିକୁ ଠିକ୍ ଭାବେ ଖୋଲି ନପାରିବା ଇତ୍ୟାଦି ଲକ୍ଷଣ ଦେଖାଯାଇଥାଏ। କେବେ ଅନ୍ୟର ନିତ୍ୟବ୍ୟବହାର ହେଉଥିବା କପଡ଼ା ଯଥା, ରୁମାଲ, ତଉଲିଆ ବ୍ୟବହାର କରନ୍ତୁନି। ହାତ ସଫା ନଥିଲେ ଆଖିକୁ ଛୁଇଁବାକୁ ଦୂରେଇ ରୁହନ୍ତୁ। ଆଖି କୁଣ୍ଡାଇ ହେଲେ ବି ଅଧିକ ମଳନ୍ତୁନି। ଖରାରେ ବାହାରକୁ ଯିବା ପୂର୍ବରୁ ଚଷମା ବ୍ୟବହାର କରିବା ସହ ଆଖିରେ ମେକ୍ଅପ୍ ଏବଂ କସମେଟିକ୍ ଯଥା, ଆଇଲାଇନର, ମସ୍କରା ଏବଂ ଆଇଶ୍ୟାଡୋ ଆଦି ଲଗାଇବା ଅନୁଚିତ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଛୋଟ ଛୋଟ ପିଲା ଆଖି ସଂକମ୍ରଣ ବିଷୟରେ ଭଲ ଭାବେ ବୁଝିପାରନ୍ତିନି, ତେଣୁ ପିଲା ବାହାରେ ଖେଳି ଆସିବା ମାତ୍ରେ ସେମାନଙ୍କୁ ମୁହଁ ଓ ଆଖିକୁ ଭଲଭାବେ ଧୋଇବାକୁ ପରାମର୍ଶ କରନ୍ତୁ।





## ଟୁଥ୍ବ୍ରଶ୍ରେ ମୁଖଗହ୍ୱର କର୍କଟ ଚିହ୍ନଟ

ବିଷାକ୍ତ ଖାଦ୍ୟ ସେବନ, ଅତ୍ୟଧିକ ମଦ୍ୟପାଦ, ପାନ, ବିଡ଼ି, ତମାଖୁ ଆଦି ସେବନ ଓ ଅନ୍ୟାନ୍ୟ କାରଣରୁ ମୁଖଗହ୍ୱର କର୍କଟ ରୋଗ ହୋଇଥାଏ। ଉଭୟ ଯୁବକ ଓ ବୟସ୍କ ବ୍ୟକ୍ତି ଏହି ରୋଗରେ ଆକ୍ରାନ୍ତ ହୁଅନ୍ତି। ଏହାକୁ ଧ୍ୟାନ ଦେଲେ, ବିଶ୍ୱର ପ୍ରତିବର୍ଷ ଅଧିକାଂଶ ଲୋକ ଏଥିରେ ମୃତ୍ୟୁବରଣ କରନ୍ତି। ଅଧିକାଂଶ କ୍ଷେତ୍ରରେ ଏହି ରୋଗ ଆରମ୍ଭରୁ ଚିହ୍ନଟ କରାଯାଇ ପାରୁ ନ ଥିବାରୁ ଚିକିତ୍ସାରେ ଅବହେଳା ହୋଇଥାଏ। ଶେଷ ପର୍ଯ୍ୟାୟରେ ଏହି ରୋଗ ବିଷୟରେ ଜଣାପଡ଼ିଥାଏ। ତେଣୁ ମୁଖଗହ୍ୱର କର୍କଟ ଆରମ୍ଭରୁ ଚିହ୍ନଟ କରିବାକୁ ଆଇଆଇଟି କାନପୁରର କେମିକାଲ ଇଞ୍ଜିନିୟରିଂ ବିଭାଗ ଏକ ଉପକରଣ ବିକଶିତ କରିଛନ୍ତି। ଏହା କିଛି ମିନିଟ୍ ମଧ୍ୟରେ ଜଣେ ବ୍ୟକ୍ତିଙ୍କଠାରେ ମୁଖଗହ୍ୱର କର୍କଟ ରହିଛି କି ନାହିଁ, ତାହା କେଉଁ ସ୍ତରରେ ରହିଛି ଓ କେତେ ପ୍ରଭାବିତ ତାହା ଜଣାଇଥାଏ। ଆଇଆଇଟି କାନପୁର ବରିଷ୍ଠ ପ୍ରଫେସର ଜୟନ୍ତ କୁମାର ସିଂହ ଏବଂ ତାଙ୍କ ଟିମ୍ ପ୍ରାୟ ପାଞ୍ଚ ବର୍ଷର ପରୀକ୍ଷଣ ପରେ ଏହି ସ୍ୱତନ୍ତ୍ର ଟୁଥ୍ବ୍ରଶ୍ ଆକାରର ଉପକରଣ ବିକଶିତ କରିଛନ୍ତି। ଏହାର ନାଁ ଦିଆଯାଇଛି ମୁଖ ପରୀକ୍ଷକ। କାନପୁରର କ୍ୟାନ୍ସର ହସ୍ପିଟାଲ ସମେତ ଅନ୍ୟାନ୍ୟ ହସ୍ପିଟାଲରେ ଏହାର ପରୀକ୍ଷଣ କରାଯାଇଛି। ଏହି ଟୁଥବ୍ରଶ୍ରେ ଅନେକ କ୍ୟାମେରା ଲାଗିଛି। ଏଆଇ ସେନ୍ସର ଲାଗିଥିବାବେଳେ ଏହା ପାଟିର ଯେକୌଣସି କୋଣ ଅନୁକୋଣକୁ ଚିହ୍ନଟ କରିଥାଏ। ଏହାର ଫଟୋକୁ ମୋବାଇଲକୁ ପଠାଇଥାଏ। ଏହି ଉପକରଣ ମୂଲ୍ୟ ୫୦ ହଜାରରୁ ୧ ଲକ୍ଷ ଟଙ୍କା ଯାଏଁ ହୋଇଥାଏ। ତେବେ ଗୋଟିଏ ଡିଭାଇସ୍ରୁ ପ୍ରାୟ ୫ଲକ୍ଷ ଯାଏଁ ଟେଷ୍ଟ ସମ୍ଭବ। କର୍କଟ ବିଶେଷଜ୍ଞଙ୍କ ସମେତ ସାଧାରଣ ଲୋକ ମଧ୍ୟ ଏଥିରେ ପରୀକ୍ଷା କରିପାରିବେ। ଖୁବ୍ କମ୍ ସମୟ ମଧ୍ୟରେ ଏହି ଉପକରଣ ବଜାରରେ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି।

## ଅଣ୍ଡା ସହିତ ଖାଆନ୍ତୁନି ଏହି ଖାଦ୍ୟ

ପ୍ରୋଟିନ, ଭିଟାମିନ୍ ବି, ଭିଟାମିନ୍ ବି ୧୨, ବାୟୋଟିନ୍, ଥିୟାମିନ୍, ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଅଣ୍ଡା। ଏଥିରେ ଥିବା ପୋଷକତତ୍ତ୍ୱ ସ୍ୱାସ୍ଥ୍ୟ ସମସ୍ୟା ଦୂର କରେ। ତେଣୁ ଅଧିକାଂଶ ବ୍ରେକ୍ଫାଷ୍ଟ ଓ ମଧ୍ୟାହ୍ନ ଭୋଜନରେ ଅଣ୍ଡା ଖାଇଥା'ନ୍ତି। ହେଲେ ଏମିତି ଅନେକ ଖାଦ୍ୟ ରହିଛି, ଯାହାକୁ ଅଣ୍ଡା ସହ ଖାଇବା ଦ୍ୱାରା ଅନେକ ରୋଗ ହେବାର ଆଶଙ୍କା ବୃଦ୍ଧି ପାଏ। ସିଝା ଅଣ୍ଡା ଉପରେ ଗରମ ମସଲା, କଳା ଲୁଣ ଖାଦ୍ୟ ଯୋଗ୍ୟ ହୋଇଥିଲେ ହେଁ, ଅଣ୍ଡାରେ ଲେମ୍ବୁ ପକାଇ ଖାଇବା ଦ୍ୱାରା ରକ୍ତବାହିନୀରେ ସମସ୍ୟା ସୃଷ୍ଟି ହୋଇ ହୃଦ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ରହିଥାଏ। ସିଝା ଅଣ୍ଡା ସହିତ ପନୀରରେ ପ୍ରଚୁର ମାତ୍ରାର ପ୍ରୋଟିନ୍ ମିଳିଥାଏ। ହେଲେ ଅଣ୍ଡା ଖାଇବା ପରେ କେବେ ବି ପନୀର ଖାଆନ୍ତୁ ନାହିଁ। ଉଭୟରେ ଅଧିକ ପ୍ରୋଟିନ୍ ଯୋଗୁଁ ପେଟ ଜନିତ ସମସ୍ୟା ହୋଇଥାଏ। ଅଣ୍ଡା ଏବଂ କଦଳୀ ଖାଉଥିଲେ ସାବଧାନ ହୋଇଯାଆନ୍ତୁ। ଅଣ୍ଡା ଓ କଦଳୀ ଖାଇବା ଦ୍ୱାରା ପେଟଜନିତ ସମସ୍ୟା, କୋଷ୍ଠକାଠିନ୍ୟ, ଏସିଡିଟି ସୃଷ୍ଟି ହୋଇଥାଏ। ସେହିପରି ଅଣ୍ଡା ସହିତ କେବେ ବି ଦୁଗ୍ଧ ଖାଆନ୍ତୁନି। ଏହି ଅଭ୍ୟାସ ବାନ୍ତି କରାଇଥାଏ।



# ବିନା ସିଓଆରରେ ଚାଲିଛି ଘରୋଇ ବିଦ୍ୟାଳୟ

## ● ଆବେଦନକୁ ଆଧାର କରି ଚାଲିଛି ବିଦ୍ୟାଳୟ
## ● ନୋଟିସ ଦେଇ ମଣ୍ଡଳ ଶିକ୍ଷାଧିକାରୀ ଚୁପ୍



**ବିଞ୍ଝାରପୁର,୨।୮(ସଂଚାର ବ୍ୟୁରୋ):** ଦିନକୁ ଦିନ ଘରୋଇ ବିଦ୍ୟାଳୟର ଚାହିଦା ବଢିବାରେ ଲାଗିଛି। ଗୋଟେ ପଟେ ସରକାର ସରକାରୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରୁଛନ୍ତି ସତ କିନ୍ତୁ ସବୁ ପରେବି ଘରୋଇ ବିଦ୍ୟାଳଗୁଡ଼ିକରେ ଅଭିଭାବକ ମାନେ ସେମାନଙ୍କ ପିଲାଙ୍କୁ ପଢ଼ାଇ ବାକୁ ଆଗ୍ରହ ପ୍ରକାଶ କରୁଛନ୍ତି।ବିଶେଷ କରି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗୁଡ଼ିକରେ ନିଜ ପିଲା ମାନଙ୍କ ନାମ ଲେଖାଉଛନ୍ତି ଅଭିଭାବକମାନେ।କିନ୍ତୁ ଏମିତି ବି ଘରୋଇ ବିଦ୍ୟାଳୟ ଅଛି ଯେଉଁ ବିଦ୍ୟାଳୟ ଗୁଡ଼ିକ ବିନା ସିଓଆର ଅର୍ଥାତ ବିନା ପଞ୍ଜୀକରଣ ପ୍ରମାଣ ପତ୍ରରେ ଚାଲିଛି।

ସୂଚନା ଅଧିକାର ଆଇନ ବଳରେ ବିଞ୍ଝାରପୁର ବ୍ଲକରେ କେତେ ଗୋଟି ବେସରକାରୀ ବା ଘରୋଇ ବିଦ୍ୟାଳୟ ଅଛି ସେନେଇ ତଥ୍ୟ ମାଗିଥିଲେ ସୂଚନାଧିକାର କର୍ମୀ ପାର୍ଥସାରଥୀ ବାରିକ।ଚିଠି ସଂଖ୍ୟା ୧୮୫୨ରେ ତଥ୍ୟ ପ୍ରଦାନ କରିଥିଲେ ମଣ୍ଡଳ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ଜନ ସୂଚନା ଅଧିକାରୀ।ବିଞ୍ଝାରପୁର ରେ ସମୁଦାୟ ୨୬ଟି ଘରୋଇ ବିଦ୍ୟାଳୟ ଥିବା ତଥ୍ୟ ପ୍ରଦାନ କରାଯାଇଛି।ତେବେ ଏହି ୨୬ଟି ଘରୋଇ ବିଦ୍ୟାଳୟ ମଧ୍ୟରୁ ପାଖାପାଖି ୮ଟି ବିଦ୍ୟାଳୟ ବିନା ସିଓଆରରେ ଚାଲିଥିବା ଜଣା ପଡ଼ିଛି। ସେଥି ମଧ୍ୟରୁ ବିଞ୍ଝାରପୁର ର ମଧୁସୂଦନ ଶିକ୍ଷା ନିବାସ, ଅଳକୁଣ୍ଡର ଆଜାଦ୍ ହିନ୍ଦ ଶିଶୁ ନିକେତନ, ବାଛଳର ଶ୍ରୀ ଅରବିନ୍ଦ ଶିକ୍ଷା ପୂର୍ଣ୍ଣାଙ୍ଗ କେନ୍ଦ୍ର, କପିଳା ସ୍ଥିତ ଶ୍ରୀ ଅରବିନ୍ଦ ଶିକ୍ଷା ପୂର୍ଣ୍ଣାଙ୍ଗ କେନ୍ଦ୍ର, ବିଂଝାରପୁର ର ଆନନ୍ଦମୟୀ ଶିଶୁ ନିକେତନ, ମାସଡ଼ା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ର, ଏମ ଏସ କ୍ରିଏଟିଭ ସ୍କୁଲ, ଆଶୀର୍ବାଦ ବିଦ୍ୟା ମନ୍ଦିରର ପଞ୍ଜୀକରଣ ପ୍ରମାଣ ପତ୍ର ବା ସି ଓ ଆର ନଥିବା ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ରେ ଜଣାପଡ଼ିଛି।କିନ୍ତୁ ସବୁଠାରୁ ଆଶ୍ଚର୍ଯ୍ୟର କଥା ବିଭିନ୍ନ ନିୟମକୁ ଖିଲାପ କରୁଥିବା କାରଣରୁ ସି ଓ ଆର ମିଳିନଥିବା ଏହି ବିଦ୍ୟାଳୟ ଗୁଡ଼ିକ ମଧ୍ୟରୁ କେତେକରେ ଏବେବି ଶିକ୍ଷାଦାନ ଚାଲିଛି।ବିନା ସିଓଆରରେ ବେଆଇନ ଭାବେ ଆଇନ କୁ ଆଖି ଠାର ମାରି ଚାଲିଛି ବିଦ୍ୟାଳୟ। ଆହୁରି ମଧ୍ୟ ଆଶ୍ଚର୍ଯ୍ୟର କଥା କେତେକାଂଶ ଘରୋଇ ବିଦ୍ୟାଳୟର ପ୍ରଶିକ୍ଷିତ ଶିକ୍ଷକ ମଧ୍ୟ ନଥିବା ଅଭିଯୋଗ ଆସିଛି।ଉକ୍ତ ସିଓଆର ନଥିବା ବିଦ୍ୟାଳୟକୁ ଏହା ବିଷୟରେ ପଚାରିବାରୁ ଆବେଦନ କରିଥିବା କହିଥିବା କହିଛନ୍ତି। ଗୋଟେ ଗୋଟେ ବିଦ୍ୟାଳୟର ଦୀର୍ଘ ଦିନ ଧରି ସି ଓ ଆର ନଥିବା ବେଳେ ବିଦ୍ୟାଳୟ ବିନା ସିଓଆରରେ ଚାଲିଛି।ବିଭିନ୍ନ ଅସୁବିଧା କାରଣରୁ ସିଓଆର ମିଳିନଥିବା ସେମାନେ ସୂଚନା ଦେଇଛନ୍ତି। ଆବେଦନକୁ ଆଧାର କରି ନିୟମକୁ ଭୃକ୍ଷେପ ନକରି ଚାଲିଥିବା ଏହି ବିଦ୍ୟାଳୟ ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ବୁଦ୍ଧିଜୀବୀ। ତେବେ ଏନେଇ ମଣ୍ଡଳ ଶିକ୍ଷାଧିକାରୀ ସୁବାଷ ଚନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ ସଂପୃକ୍ତ ବିଦ୍ୟାଳୟ ଗୁଡ଼ିକକୁ ନୋଟିସ୍ ପ୍ରଦାନ କରାଯାଇଛି। ସି ଓ ଆର ନମିଳିବା ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ନହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ରାସ୍ତା, ସାରା କାଦୁଅ ଯାତାୟାତ ବାଧାପ୍ରାପ୍ତ



**ଫିରିଙ୍ଗିଆ,୨।୮(ସଂଚାର ବ୍ୟୁରୋ):** ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ କନ୍ଧମାଳ ଜିଲ୍ଲାର ଅଧିକାଂଶ ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ପକ୍କା ରାସ୍ତା ନଥିବାରୁ ଅଞ୍ଚଳ ବାସୀ ନାନା ଅସୁବିଧାରେ ବିପଦ ସଙ୍କୁଳ ଭାବରେ ଯାତାୟାତ କରୁଛନ୍ତି । ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କୁଏରୀମାଣ୍ଡୁ ପଞ୍ଚାୟତ। କୁଏରୀମାଣ୍ଡୁ ଠାରୁ କାପାଡ଼ି ଦେଇ ସୁବାଙ୍ଗି ସଂଯୋଗ ହୋଇଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଲଗାଣ ବର୍ଷା ହେବା ଯୋଗୁଁ ଗମନାଗମନ ପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳ ବାସୀ । ଏହି ରାସ୍ତା ଦେଇ ଅଙ୍ଗନବାଡ଼ି, ବିଦ୍ୟାଳୟ, କଲେଜ, ମେଡିକାଲ ଓ ରାସନ୍ ଚାଉଳ ଭତ୍ତା ପାଇଁ ପ୍ରତିଦିନ ଯିବା ଆସିବା କରନ୍ତି । ଯାହା ଫଳରେ ଜନସାଧାରଣ ଙ୍କ ମନରେ ତ୍ରିବ୍ର ଅସନ୍ତୋଷ ଦେଖାଦେଇଛି । ଏନେଇ ପକ୍କା ରାସ୍ତା ନିର୍ମାଣ କରିବା ନିମନ୍ତେ ଅନେକ ଥର ସରକାର ଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସଫଳ ମିଳିନଥିବା କହିଛନ୍ତି ଅଞ୍ଚଳ ବାସୀ । ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ଏହି ରାସ୍ତା ଟିକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଦେଖିବାକୁ ବାକି ରହିଲା ଏହି ସମସ୍ୟାର ସମାଧାନ କେବେ ହେଉଛି।

## ନର୍ଲାରେ ବୁଥ ସଂଶୋଧନ ବୈଠକ



**ନର୍ଲା,୨।୮(ସଂଚାର ବ୍ୟୁରୋ):** ଆଗାମୀ ନିର୍ବାଚନକୁ ଅଧିକ ସ୍ୱଚ୍ଛ ଓ ନିରପେକ୍ଷ କରିବା ପାଇଁ ଭାରତୀୟ ନିର୍ବାଚନ କମିଶନ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ସେହି କ୍ରମରେ ଶନିବାର ନର୍ଲା ବ୍ଲକ ସମ୍ମେଳନ କକ୍ଷରେ ବୁଥ ସଂଶୋଧନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ ବୈଠକରେ ନର୍ଲା ତହସିଲଦାର ବିଭୁପ୍ରସାଦ ସିଂ ଓ ନର୍ଲା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରବି ନାଏକ ମଞ୍ଚାସୀନ ଥିଲେ। ନର୍ଲା ବିଏଲଓ ସୁନୀତା ପଣ୍ଡା, ଉଲିସିର୍କା ବିଏଲଓ ନେପାଳ ସାହୁ, ବିଏଲଓ ସୁପର ଭାଇଜର କ୍ଷୀରସିନ୍ଧୁ ବାଗ, ଫିରୋଜ ପଧାନ ପ୍ରମୁଖ ଉପସ୍ଥିତ ରହି ବୁଥ ଗୁଡ଼ିକର ତଥ୍ୟ ପ୍ରଦାନ କରିଥିଲେ। ନର୍ଲା ବ୍ଲକ ମଧ୍ୟରେ ରହିଥିବା ୧୨୦ ଗୋଟି ବୁଥ ମଧ୍ୟରୁ ୧୧୦୦ ରୁ ଉର୍ଦ୍ଧ୍ୱ ଭୋଟର୍ସ ରହିଥିବା ୨୪ ଗୋଟି ବୁଥର ବିଭାଜନ ବିଷୟ ଏଥିରେ ଆଲୋଚିତ ହୋଇଥିଲା। ବୈଠକରେ ବିଜେପି ତରଫରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିରୁଦ୍ଧ ପଧାନ, ସଦସ୍ୟ ବିକାଶ ଦତ୍ତା, ଲକ୍ଷ୍ମଣ ଦୀପ, ସେହିଭଳି ବିଜେଡି ତରଫରୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାହୁ ଓ ନର୍ଲା ପଞ୍ଚାୟତ ସଭାପତି କିଶୋର ମାଝୀ, କଂଗ୍ରେସ ଦଳ ତରଫରୁ ନର୍ଲା ଯୁବ କଂଗ୍ରେସ ସଭାପତି ଦୀପୁ ପାତ୍ର, ସିପିଆଇଏମଏଲ ପାର୍ଟିର ଜିଲ୍ଲା ସମ୍ପାଦକ କେଶବ ପଧାନ, ବହୁଜନ ସମାଜ ପାର୍ଟି ତରଫରୁ ଦୁର୍ଯ୍ୟୋଧନ କୁମାର ଓ ଅନ୍ୟାନ୍ୟ ଦଳୀୟ କର୍ମୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ବିଜ୍ଞାନ ମେଳା ଅନୁଷ୍ଠିତ



**ଭେଡେନ,୨।୮(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ପପଙ୍ଗା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପପଙ୍ଗା କଲୋନୀ ଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି।ଏଥିରେ ମୁଖ୍ୟ ଅତିଥି ଭାବେ ପରିଚାଳନା ସମିତିର ସଭାପତି ଯୋଗେଶ ଚନ୍ଦ୍ର ବେହେରା ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ କରିଥିଲେ। ମଞ୍ଚାସୀନ ଅତିଥି ସମ୍ପାଦକ ଉମାକାନ୍ତ ମେଣ୍ଡେଲି ଉପସ୍ଥିତ ଥିଲେ।ସ୍ୱାଗତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଚାରକ ଭାବେ ଗୁରୁଜୀ ସୁଜିତ କୁମାର ଆଚାର୍ଯ୍ୟ, ଗୋପାଳ କୃଷ୍ଣ ମାହାର୍ଣ୍ଣା, ଟିକେଶ୍ୱର ସାହୁ, ବାଞ୍ଜିପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓଁକାର ସେଠ୍, ଚିଚିଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟତ୍ରୀ ସୀମା ମାଝୀ ଉପସ୍ଥିତ ରହି ଶିଶୁମାନଙ୍କର ପ୍ରକଳ୍ପର ମୂଲ୍ୟାଙ୍କନ କରିଥିଲେ।ଏହି କାର୍ଯ୍ୟକ୍ରମରେ ଗୁରୁମା ବୀଣା ପଧାନ ଓ ଐଶ୍ୱର୍ଯ୍ୟା ଭୁଏ ସଂଯୋଜନା କରିଥିଲେ ଏବଂ ବିଜ୍ଞାନ ପ୍ରମୁଖ ପ୍ରକାଶ ଚନ୍ଦ୍ର ଦଲେଇ ଧନ୍ୟବାଦ ଅର୍ପଣ କରିଥିଲେ।ଏହି ମେଳାରେ ମୋଟ ୨୫୫ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଏବଂ ମୂର୍ତ୍ତି କଳା କରାଯାଇଥିଲା।ଶିଶୁ ବାଟିକା ଓ ପ୍ରାଥମିକ ବିଭାଗର ସମସ୍ତ ଗୁରୁଜୀ, ଗୁରୁମା, ସେବକ, ସେବିକାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳ ହୋଇଥିଲା।

## ଶୋଚନୀୟ ଗବାଟବାଡ଼ି ରାସ୍ତା, ଯାତାୟାତ ବାଧାପ୍ରାପ୍ତ



**ଦାରିଙ୍ଗବାଡି,୨।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ସିମନବାଡି ପଞ୍ଚାୟତ ଅଧୀନରେ ରହିଥିବା ଆଦିବାସୀ ଅଧ୍ୟୁଷିତ ଗବାଟବାଡ଼ି ଗ୍ରାମର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି। ଗୋଟିଏ ପଟେ ଗାଁକୁ ରାଜ୍ୟ ସରକାରଙ୍କ ପକ୍ଷରୁ ସେତୁ କାର୍ଯ୍ୟ ଚାଲିଥିବା ବେଳେ ଉକ୍ତ କାର୍ଯ୍ୟପାଇଁ ବ୍ୟବହୃତ ଗାଡି ମୋଟର, ଟ୍ରାକ୍ଟର, ହାଇୱା ଯାତାୟାତ କରି ରାସ୍ତା ବହୁତ କଦର୍ଯ୍ୟ ହୋଇଥିବାବେଳେ ବର୍ଷା ଯୋଗୁ ଦ୍ୱିଗୁଣିତ କର୍ଦ୍ଦମାକ୍ତ ହୋଇପଡିଛି। ଫଳରେ ଗବାଟବାଡ଼ି ଗ୍ରାମବାସୀ ସିମନବାଡି, ଦାରିଙ୍ଗବାଡି ଓ ରାଇକିଆ ବଜାର ଉପରେ ନିର୍ଭର କରି ଯାତାୟାତ କରୁଥିବାବେଳେ କାଦୁଅ ଯୋଗୁ ସେଠାକାର ଆଦିବାସୀ ଚାଷୀମାନେ ତାଙ୍କ ଅମଳ ସାମଗ୍ରୀ ବଜାର ନେବା ସମସ୍ୟା ଦେଖାଯାଇଛି। ସେହିପରି ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ଓ ଅନ୍ୟ ଗାଡି ଗାଁ ମୁଣ୍ଡକୁ ପହଞ୍ଚିବା ମୁସ୍କିଲ ହେଉଛି। ସେହିପରି ବିଦ୍ୟାଳୟକୁ ଯାତାୟାତ କରୁଥିବା ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ପାଇଁ ମଧ୍ୟ ରାସ୍ତା ଖରାପ ଯୋଗୁ ହଇରାଣ ଭୋଗୁଛନ୍ତି ତୁରନ୍ତ ଉକ୍ତ ରାସ୍ତାରୁ କାଦୁଅ ହଟାଇବାକୁ ଗ୍ରାମର ନାସା ପ୍ରଧାନ, ଫ୍ରାଞ୍ଚାଇସ ପ୍ରଧାନ, ମନୋଜ ପ୍ରଧାନ ପ୍ରମୁଖ ଦାବି କରିଛନ୍ତ।

## ପିଏମ୍ କିଷାନ୍ ଯୋଜନା ପ୍ରସାରଣ କାର୍ଯ୍ୟକ୍ରମ ଉଦଯାପିତ



**ମୁନିଗୁଡା,୨।୮(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ମୁନିଗୁଡା ବ୍ଲକ କୃଷି କାର୍ଯ୍ୟାଳୟରେ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ କିଷାନ୍ ସମ୍ମାନ ନିଧି ଯୋଜନାର ୨୦ତମ କିସ୍ତି ପ୍ରସାରଣ କାର୍ଯ୍ୟକ୍ରମ ଉଦଯାପିତ ହୋଇଛି। କୃଷି ଜିଲ୍ଲା ଅଧିକାରୀ କାଳନ୍ଦୀ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ନୀଳମାଧବ ହିକକା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାଷୀମାନଙ୍କୁ ବୃକ୍ଷ ରୋପଣ ଓ ବିହନ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ.ଆଇ.ସି ମାଧ୍ୟମରେ ବାରାଣସୀରୁ ପ୍ରଧାନମନ୍ତ୍ରୀଙ୍କ ବାଣୀ ସିଧାସଳଖ ରୂପେ ପ୍ରସାରଣ କରାଯାଇଥିଲା। ବିଧାୟକ ଶ୍ରୀ ହିକକା ୨୦/୨୫ ଜଣ ଡଙ୍ଗରୀଆ ଜନଜାତି ଚାଷୀଙ୍କୁ ମାଣ୍ଡିଆ, ମୁଗ, ବିରି ବିହନ କିଟ୍ ବଣ୍ଟନ କରିଥିଲେ। ସେ ବନ ବିଭାଗ ପକ୍ଷରୁ ଅନୁଷ୍ଠିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇ ଦୁଇଟି ଗଛ ଲଗାଇଥିଲେ। ଅଗ୍ନିଶ୍ରମ ଅଧିକାରୀ ଦେବରାଜ ପ୍ରଧାନ ବଜ୍ରପାତ ଓ ପ୍ରାକୃତିକ ବିପର୍ଯ୍ୟୟ ରୁ ସୁରକ୍ଷା ନେଇ ଚାଷୀମାନେ କିପରି ସତର୍କ ରହିପାରିବେ ବୋଲି ସଚେତନ କରିଥିଲେ। ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବେହେରା, ବ୍ଲକ କଂଗ୍ରେସ ସଭାପତି ନିଳାମ୍ବର ବିଭାର, ସରପଞ୍ଚ ଅନନ୍ତ ନୁଣ୍ଡୃକା, ପ୍ରକାଶ କରସିକା ଓ ସମିତି ସଭ୍ୟ ଅନଙ୍ଗ ନାଗ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଚାଷୀମାନେ ତାଙ୍କ ଅନେକ ଦୈନିକ ସମସ୍ୟା ବିଷୟରେ ଉଲ୍ଲେଖ କଲେ, ଯାହା ବିଷୟରେ ବିଧାୟକ ଅନୁକୂଳ ପଦକ୍ଷେପ ନେବା ପ୍ରତିଶ୍ରୁତି ଦେଇଥିଲେ। ସହକାରୀ ବୈଷୟିକ ପରିଚାଳକ ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ କୃଷି ଅଧିଦର୍ଶକ ମାଝୀ ପୋଟଳି, ମମିତା ପାଢ଼ୀ, ରଙ୍ଗନିଧି ପ୍ରଧାନ, ରୁଦ୍ର ପ୍ରସାଦ ମୁଗୁଲି, ସହଦେବ କୁସୁଲିଆ ଆଦି ଅନେକ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ କୃଷି ସୂଚନା କେନ୍ଦ୍ର ଅଧ୍ୟକ୍ଷ ତ୍ରୀପତି କିଲାକା ଧନ୍ୟବାଦ ଜଣାଇଥିଲେ।

## ଗ୍ୟାସ ସିଲିଣ୍ଡର ଲିକ୍ ଜନିତ ଆହାତ ଘଟଣା
## ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ସହାୟତା ପ୍ରଦାନ



**ହିଞ୍ଜିଳିକାଟୁ,୨।୮(ସଂଚାର ବ୍ୟୁରୋ):** ବୁଧବାର ସନ୍ଧ୍ୟାରେ ହିଞ୍ଜିଳିକାଟୁ ପୌରାଞ୍ଚଳସ୍ଥିତ ୧୧ନଂ ୱାର୍ଡରେ ଗ୍ୟାସ ସିଲିଣ୍ଡର ଲିକରୁ ଦୁର୍ଘଟଣା ଘଟି ଗୋଟିଏ ପରିବାରର ୪ ଜଣ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ହିଞ୍ଜିଳି ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ସ୍ଥାନୀୟ ଲୋକେ ଗୁରୁତରଙ୍କୁ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସାପାଇଁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର ହୋଇଥିବା ବେଳେ ସେଠୁ ପୁଣି ଭୁବନେଶ୍ୱର ଏମ୍ସ ମେଡିକାଲକୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ଜାରି ରହିଛି। ଗୁରୁତର ପରିବାର ଆର୍ଥିକ ଦୁର୍ବଳ ଶ୍ରେଣୀର ହୋଇଥିବା ବେଳେ ସରକାରୀ ଆର୍ଥିକ ସହାୟତା ପ୍ରଦାନ ପାଇଁ ଉକ୍ତ ୱାର୍ଡର ୱାର୍ଡମେମ୍ବର ଅମୂଲ୍ୟ ସାହୁ ଦାବି କରିଥିବା ବେଳେ ଶନିବାର ଦିନ ରେଡ଼କ୍ରସ ପାଣ୍ଠିରୁ ହିଞ୍ଜିଳିକାଟୁ ଅତିରିକ୍ତ ତହସିଲଦାର ସୁରଜ କୁମାର ନାୟକ ୨୦୦୦୦ ଟଙ୍କା ପ୍ରଦାନ କରିଥିଲେ।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମରେ ଯୋଗଦେଲେ ବିଧାୟକ



**ଯାଜପୁର ରୋଡ଼, ୨।୮(ସଂଚାର ବ୍ୟୁରୋ):** ଆଧୁନିକ ସମାଜରେ ଏବେ ଜନ ସଂଖ୍ୟା ବଢ଼ିଚାଲିଥିବା ବେଳେ ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳରେ ଛୋଟ ବଡ଼ କଳକାରଖାନା ମଧ୍ୟ ଦ୍ରୁତ ଗତିରେ ବଢ଼ିଚାଲିଛି। ଯାହା ଫଳରେ ବୃକ୍ଷ ଲୋପ ହେବା ସଙ୍ଗେ ସଙ୍ଗେ ବାୟୁମଣ୍ଡଳ'ବି ଦୂଷିତ ହେବାର ଲାଗିଛି ନେଇ କଥା ଉଡୁଛି। ତେଣୁ ଏପଟେ କିନ୍ତୁ ଜନସାଧାରଣଙ୍କ ଲାଗି ଏକ ସୁସ୍ଥ ପରିବେଶ ସୃଷ୍ଟି କରିବା ପାଇଁ କୋରେଇ ବିଜେପି ବିଧାୟକ'ଙ୍କ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଜାରି ରହିଛି। ଏହି ଅବସରରେ ଆଜି ରସୁଲପୁର ବ୍ଲକ ଅନ୍ତର୍ଗତ କୋରେଇ ନିର୍ବାଚନ ମଣ୍ଡଳୀର ପାରିକଇଁଚି ପଞ୍ଚାୟତ ଅଞ୍ଚଳ ଠାରେ ଅନୁଷ୍ଠିତ ହୋଇଥିବା 'ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ'ରେ କୋରେଇର ବିଧାୟକ ଶ୍ରୀ ଆକାଶ ଦାସନାୟକ ଯୋଗ ଦେଇ ଉକ୍ତ ଅଞ୍ଚଳର ଜନସାଧାରଣ ମାନଙ୍କ ସହିତ ବିଭିନ୍ନ ସ୍ଥାନରେ ଗଛ ଲଗାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ପରିପ୍ରେକ୍ଷିରେ ବିଧାୟକ ଶ୍ରୀ ଦାସନାୟକ ବୃକ୍ଷର ଉପକାରିତା ଉପରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନିଜ ବାର୍ତାରେ କିଛି ଉପଦେଶ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ଦଳର ଶହ ଶହ କାର୍ଯ୍ୟକର୍ତା ମାନେ ସାମିଲ ହୋଇଥିଲେ।

## ଅଧ୍ୟକ୍ଷଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

**ସୁବର୍ଣ୍ଣପୁର, ୨।୮(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ ଧର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ଗୋପାଳ ମିଶ୍ର ୧୯୯୧ ମସିହାରେ ଧର୍ମଶାଳାରେ ଥିବା ଉଚ୍ଚ ମହାବିଦ୍ୟାଳୟ ରେ କାର୍ଯ୍ୟ ଆରମ୍ଭ କରିଥିଲେ । ଦୀର୍ଘ ୩୨ ବର୍ଷ କାର୍ଯ୍ୟକାଳ ରୁ ୨୬ ବର୍ଷ ଅଧ୍ୟକ୍ଷଭାବେ କାର୍ଯ୍ୟ କରିଥିଲେ

ଏଜୁକେସନ ବିଭାଗ ରେ ଛାତ୍ର ଛାତ୍ରୀ ଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ତାଙ୍କର ଏହି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କୁ ନେଇ ତାଙ୍କର ଜାଲୋଏ ସ୍ଥିତ ବାସଭବନରେ ଏକ ସଭା ଅନୁଷ୍ଠିତ କରାଯାଇଥିଲା । ଏହି ସଭାରେ ତାଙ୍କର ପରିବାର ର ସମସ୍ତ ଆତ୍ମୀୟ ଜନ ତଥା ପୁଅ, ଝିଅ, ଜ୍ୱାଇଁ,ଭାଇ, ଭାଉଜ, ଝିଆରୀ, ପୁତୁରା, ନାତି, ନାତୁଣୀ, ଭଣଜା, ଭାଞ୍ଜି ଉପସ୍ଥିତ ଥିଲେ. ଓ ଶେଷରେ ତାଙ୍କର ଝିଆରୀ ପଦ୍ମିନୀ ମିଶ୍ର ଏକ କବିତା ପଠନ କରିଥିଲେ ।

## ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା କାର୍ଯ୍ୟକ୍ରମ



**କନ୍ଧମାଳ,୨।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ସଦରମହକୁମା ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ତ୍ରିପାଠି ଓ ସମ୍ପାଦକ ଶ୍ରୀଯୁକ୍ତ ଅଶୋକ କୁମାର ସାହୁ ଯୋଗଦେଇ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ପାର୍ଥସାରଥୀ ପ୍ରଧାନଙ୍କ ସମେତ ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଶ୍ରୀମତୀ ସସ୍ମିତା ସାହୁ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଶ୍ରୀଯୁକ୍ତ ଯୋତିନ୍ଦ୍ରନାଥ ମାଝୀ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ । ବିଦ୍ୟାଳୟର ୪୫ ଜଣ କୁନି କୁନି ବୈଜ୍ଞାନିକ ଏଥିରେ ଅଂଶଗ୍ରହଣ କରିଥିଲେ। ଶେଷରେ ଜ୍ଞାନ ବିଜ୍ଞାନ ମେଳା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରଛାତ୍ରୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

# ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଆନ୍ଦୋଳନ



**ବେତନଟୀ,୨।୮(ସଂଚାର ବ୍ୟୁରୋ):** ବୃତ୍ତିଗତ ଦାବି ପୂରଣ ପାଇଁ ନୁହେଁ, ସାମଗ୍ରିକ ଭାବେ ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀମାନଙ୍କର ଆତ୍ମମର୍ଯ୍ୟଦା ତଥା ସ୍ୱାଭିମାନ ରକ୍ଷାସହ ବିଦ୍ୟାଳୟର ସ୍ଥାୟିତ୍ୱ ତଥା ସୁରକ୍ଷା ପାଇଁ ସମଗ୍ର ରାଜ୍ୟରେ ଗତମାସ ୧୭ ତାରିଖଠାରୁ ଆଗାମୀ ଅଗଷ୍ଟ ୧୬ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟ ଦେଇ ଶିକ୍ଷକ ଆନ୍ଦୋଳନ ଚାଲୁ ରହିଛି। ବିଦ୍ୟାଳୟଠାରୁ ଆରମ୍ଭ ହୋଇ ଭୁବନେଶ୍ୱର ରାଜରାସ୍ତାକୁ ଦାବି ଦିବସ ପାଳନ ପାଇଁ ଯିବାକୁ ପ୍ରସ୍ତୁତ ହେଉଛନ୍ତି, ସମଗ୍ର ରାଜ୍ୟର ଶିକ୍ଷକ, କର୍ମଚାରୀ ସମନ୍ୱୟ ସମିତି।ଇତ୍ୟବସରରେ ବେତନଟୀ ବ୍ଲକ୍ ସ୍କୁଲ, କଲେଜ ମିଳିତ ଶିକ୍ଷକ ସମନ୍ୱୟ ସମିତିର ଆହ୍ୱାନକ୍ରମେ ଅଗଷ୍ଟ ୨ ତାରିଖ ଦିନ ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶତାଧିକ ଶିକ୍ଷକ, କର୍ମଚାରୀ ସମବେତ ହୋଇ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ବିରୋଧ କରିଥିଲେ। ସେମାନଙ୍କର ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ୬ ଦଫା ସମ୍ମିଳିତ ଦାବିପତ୍ର ବି.ଇ.ଓ.ବିପ୍ଳବ କରଙ୍କୁ ପ୍ରଦାନ କରାଯାଇଥିଲା।ସେଗୁଡିକ ହେଲା, ସମସ୍ତ ଅନୁଦାନ ପାପ୍ତ ଶିକ୍ଷକ, କର୍ମଚାରୀମାନଙ୍କୁ ପେନସନପ୍ରଦାନ, ୬୦ ବର୍ଷରୁ ୬୨ବର୍ଷକୁ ଚାକିରୀ ବୃଦ୍ଧି, ଗ୍ରେଡ ପେ ରେ ଅସଙ୍ଗତି ଦୂରୀକରଣ, ସମସ୍ତ ବିଦ୍ୟାଳୟ ଓ ଶିକ୍ଷକ କର୍ମଚାରୀଙ୍କୁ ସରକାରୀ କରଣ, ସରକାରୀ ବିଦ୍ୟାଳୟ ଭଳି ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସମାନ ସୁବିଧା ସୁଯୋଗ ପ୍ରଦାନ ଇତ୍ୟାଦି। ଏଥି ନିମନ୍ତେ ବେତନଟୀ ବି.ଇ.ଓ କାର୍ଯ୍ୟାଳୟ ସମ୍ମୁଖ ସଭାରେ ବ୍ଲକ୍ ସଭାପତି ଅଧ୍ୟକ୍ଷତା କରିଥିଲେ ଓ ଓଷ୍ଟା ବ୍ଲକ ସମ୍ପାଦକ ସୂର୍ଯ୍ୟ। ନନ୍ଦ ନାୟକ ସଂଯୋଜନା କରିଥିଲେ। ଓଷ୍ଟା ପୂର୍ବ ଭାଗ ଜିଲ୍ଲାର ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ଶିକ୍ଷାବିତ୍ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ବିପ୍ଳବୀ ଶିକ୍ଷକନେତା ସଚ୍ଚିଦାନନ୍ଦ ମହାନ୍ତି ଓ ସଂଗ୍ରାମୀ ବାସୁଦେବ ନାପିତ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ପ୍ରମୁଖ ସରକାରଙ୍କ ବାରମ୍ବାର ପ୍ରତିଶ୍ରୁତିଭଙ୍ଗ ନୀତିର ଦୃଢ଼ ସମାଲୋଚନା କରିଥିଲେ। ରାଜ୍ୟ ସଂଗଠନର ନିଷ୍ପତ୍ତି କ୍ରମେ ଆଗାମୀ ୮ ତାରିଖରେ ଜିଲ୍ଲାପାଳ ଓ ୧୬ରେ ଭୁବନେଶ୍ୱରରେ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସଂପାଦକ ଶ୍ରୀନାୟକଜଣାଇଛନ୍ତି।

# ୬ ଦଫା ଦାବି ନେଇ ଧାରଣା ଓ ପ୍ରତିବାଦ ସଭା



**ବାଲିଆପାଳ,୨।୮(ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଓଡ଼ିଶା ସ୍କୁଲ, କଲେଜ, ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଶନିବାର ପୂର୍ବାହ୍ନରେ ଗୋଷ୍ଠୀ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଓଡ଼ିଶାରେ ସରକାର ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଏବଂ ଛାତ୍ର ଛାତ୍ରୀ ମାରଣ ନୀତି ବିରୁଦ୍ଧରେ ଏହି ପ୍ରତିବାଦ ସଭା ଓଡ଼ିଶାର ୩୧୪ ବ୍ଲକରେ କରାଯାଉଛି ବୋଲି ଓଷ୍ଟା ଜିଲ୍ଲା ସମ୍ପାଦକ ବିଜୟ କୁମାର ପାତ୍ର କହିଛନ୍ତି। ଓଡ଼ିଶାର ୧୯୪ ବିଦ୍ୟାଳୟ ପାଖାପାଖି ତିରିଶି ବର୍ଷ କାର୍ଯ୍ୟ କରିବା ପରେ ମଧ୍ୟ କୈଣସି ସରକାରୀ ଅନୁଦାନ ମିଳୁନାହିଁ। ପେନସନ ଓ ଅବସରକାଳୀନ ସୁଯୋଗ ପ୍ରଦାନ, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଙ୍କ ଗ୍ରେଟ୍ ପେର ତ୍ରୁଟି ସଂଶୋଧନ, ସମସ୍ତ ନୂତନ ଓ ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକ ସରକାରୀକରଣ, ଶିକ୍ଷକ ନିଯୁକ୍ତି, ୨୦୦୪ ରୁ ୨୦୧୩ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଶିକ୍ଷକ ମାନଙ୍କୁ ବଢ଼ା ଦରମା ସହିତ ବରିଷ୍ଠତା ପ୍ରଦାନ ଏବଂ ପୁରୁଣା ପେନସନ ସୁବିଧା ଉପଲବ୍ଧ କରିବା ନେଇ ଏକ ଦାବି ପତ୍ର ବାଲିଆପାଳ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟରଞ୍ଜନ ଭୂୟାଁ ଜରୀଆରେ ଦିଆଯାଇଛି।ସରକାର ଏହି ଦାବି ପୂରଣ ନକଲେ ଆଗାମୀ ଦିନରେ ହଜାର ହଜାର ସଂଖ୍ୟାରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ସମିତି ସମନ୍ୱୟର ଓଷ୍ଟା ସମ୍ପାଦକ ବିନୋଦ କୁମାର ଜେନା, ପ୍ରଶାନ୍ତ କୁମାର କରଣ, ଜନ୍ମେଜୟ ଦାସ, ଶ୍ରୀମତୀ ଅଶୋକା ନାୟକ, ଗୋପାଳ କୁମାର ପାତ୍ର, ନରେନ୍ଦ୍ର ପ୍ରଧାନ, ଅଞ୍ଜଳି ସାହୁ, ରବିନ୍ଦ୍ର ପ୍ରଧାନ, ସ୍ୟମସୁନ୍ଦର ପରିଡ଼ା ସଞ୍ଜୟ କୁମାର ଗିରି, ତପନ କୁମାର ଗିରି ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଜଳିଗଲା ୭୦ ଲକ୍ଷ ଟଙ୍କାର ଶାଢ଼ି: ହୁ ହୁ ହୋଇ ମାଡ଼ିଗଲା ନିଆଁ

**ଉଦଳା,୨।୮(ସଂଚାର ବ୍ୟୁରୋ):** ଆଙ୍କର-ବିଳମ୍ବିତ ରାତିରେ ଦୋକାନରେ ଲାଗିଲା ନିଆଁ। ହୁ ହୁ ହୋଇ ଜଳିଲା ଦୋକାନ ଘର, ପୋଡି ଜଳି ନଷ୍ଟ ହୋଇଗଲା ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଶାଢି ସହିତ ଅନ୍ୟ ସାମଗ୍ରୀ। ୩ ଘଣ୍ଟାର ପରିଶ୍ରମ ପରେ ଆୟତ୍ତ ହେଲା ନିଆଁ। ଉଦଳା ମାର୍କେଟ ମଝିରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଭୟାବହ ଅଗ୍ନିକାଣ୍ଡ। ମାର୍କେଟରେ ଥିବା ଶାଢ଼ି ମହଲରେ ଅଚାନକ ବିଳମ୍ବିତ ରାତିରେ ନିଆଁ ଲାଗିଥିଲା। ଦୋକାନ ଭିତରେ ନିଆଁ ଲାଗିବା ପରେ ସଟର ଦେଇ ଧୂଆଁ ବାହାରିବାରୁ ରାତ୍ର ଜଗୁଆଳି ଏହା ଦେଖି ଦୋକାନ ମାଲିକଙ୍କୁ ଫୋନ କରିବା ସହିତ ଦମକଳ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଉଦଳା ଦମକଳ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ୩ ଘଣ୍ଟାର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିପାରିଥିଲା। ହେଲେ ସେତେବେଳକୁ ଦୋକାନରେ ଥିବା ଶାଢ଼ି, ପାଟ ଶାଢ଼ି, ସୁଟିଙ୍ଗ ସାର୍ଟିଙ୍ଗ ସାମଗ୍ରୀ ସବୁ ଜଳି ପୋଡି ନଷ୍ଟ ହୋଇଯାଇଥିଲା। ୭୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଥିବା ବେଳେ ସର୍ଟ ସର୍କିଟକୁ ଅଗ୍ନିକାଣ୍ଡ ହୋଇଥିବା କୁହାଯାଉଛି।